# ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ଅକ୍ଟୋବର ୩/୨୦୨୦ (୧୨ପୃଷ୍ଠା) | Rayagada, Saturday, October 3/2020 ★

୧୦ମ ଭାଗ ୧୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ତଥାପି ଆଶାରେ କିଆରା**

ବଲିଉଡ୍ ନାୟିକା କିଆରା ଆଡଭାନୀ ଅଭିନୀତ 'ଇନ୍ଦୁ କି ଜୱାନି'କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ସିନେମା ହଲ୍ ଖୋଲିବ ଶୁଣି ତାଙ୍କ ମନ ଆକାଶରେ ଉଡୁଛି।

୦୨

୧୨

**ଚତୁର୍ଥ ରାଉଣ୍ଡରେ ଥିମ୍**

ୟୁଏସ୍ ଓପନ ଚାମ୍ପିୟନ ଡୋମିନିକ୍ ଥିମ୍ ଚଳିତ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।



# ପ୍ରକଳ୍ପ ପାଇଁ ଉଜୁଡୁଛି ସବୁଜ ବଳୟ



■ ୪୮୬ ପ୍ରକଳ୍ପ ଲାଗି ୫୩ ହଜାର ହେକ୍ଟର ଜଙ୍ଗଲ ଜମି ନଷ୍ଟ

■ ୧୦ ମାସରେ ବଦଳିଛି ୪,୫୧୪ ହେକ୍ଟର ଜମିର କିସମ

**ଭୁବନେଶ୍ୱର,୨।୧୦(ବ୍ୟୁରୋ)**

ବିକାଶ ନାଁରେ ରାଜ୍ୟରେ ଜଙ୍ଗଲ ସମ୍ପଦ ଛାରଖାର ହୋଇଯାଉଛି । ପ୍ରତିବର୍ଷ ବିଭିନ୍ନ ପ୍ରକଳ୍ପ ପାଇଁ ଜଙ୍ଗଲ ଜମିକୁ ଅଣଜଙ୍ଗଲ କିସମରେ ପରିଣତ କରିବା କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ଏପରି ଧାରା ବଜାୟ ରହିଲେ ରାଜ୍ୟରେ ଜଙ୍ଗଲ ଲୋପ ପାଇବା ସହ ପରିବେଶ ପାଇଁ ଆହୁରି ବିପଦ ବଢ଼ିବ ବୋଲି ପରିବେଶବିତ୍ ଆଶଙ୍କା କରିଛନ୍ତି। ବିଭିନ୍ନ ପ୍ରକଳ୍ପ ପାଇଁ ଗତ କିଛିବର୍ଷ ମଧ୍ୟରେ ରାଜ୍ୟରେ ପ୍ରାୟ ୫୫ ହଜାର ହେକ୍ଟର ଜଙ୍ଗଲ ଜମି ଅଣଜଙ୍ଗଲ କିସମରେ ପରିଣତ ହୋଇଛି।

ଜଙ୍ଗଲ ଓ ପରିବେଶ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ର ସରକାର ୨୦୧୯ ଜାନୁୟାରୀ ୩୧ ପର୍ଯ୍ୟନ୍ତ ୪୮୬ଟି ପ୍ରକଳ୍ପ ପାଇଁ ରାଜ୍ୟର ୫୩,୩୯୫.୬୦ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ କିସମରେ ପରିଣତ କରିବାକୁ ଅନୁମତି ଦେଇଛନ୍ତି । ୮୪ଟି ଜଳସେଚନ ପ୍ରକଳ୍ପ ନିମନ୍ତେ ୯୭୭୭.୪୬ ହେକ୍ଟର ଜଙ୍ଗଲ ଜମିକୁ ବଦଳାଯାଇ ଥିବା ବେଳେ ୨୮ ଶିଳ୍ପ ପାଇଁ ୪୩୦୪.୪୯, ୧୮୭ ଖଣି ପାଇଁ ୨୭୨୫୯.୯୩, ୬ ଶକ୍ତି ପ୍ରକଳ୍ପ ଲାଗି ୧୧୬.୪୫, ୪୧ ରାସ୍ତା ଓ ପୋଲ ନିର୍ମାଣ ପାଇଁ ୪୬୬.୪୯, ୧୯ ରେଳ ପ୍ରକଳ୍ପ ପାଇଁ ୨୪୧୭.୫୯, ୪ଟି ପ୍ରତିରକ୍ଷା ପ୍ରକଳ୍ପ ଲାଗି ୩୮୬୫.୨୫, ୩ ବିସ୍ଥାପନ ପ୍ରକଳ୍ପ ନିମନ୍ତେ ଆବାସ ନିର୍ମାଣ ସକାଶେ ୩୨୧.୯୪, ୬୬ଟି ବିଦ୍ୟୁତ୍ ଟ୍ରାନ୍ସମିଶନ ପାଇଁ ୩୭୧୬.୮୮ ଏବଂ ଅନ୍ୟାନ୍ୟ ୪୮ଟି ପ୍ରକଳ୍ପ ଲାଗି ଜଙ୍ଗଲ ଜମିକୁ ପରିବର୍ତ୍ତନ କରିବାକୁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅନୁମତି ଦେଇଛି। ଏଥିସହିତ ରାଜ୍ୟ ସରକାର ମଧ୍ୟ ଜଙ୍ଗଲ ଅଧିକାର ଆଇନ-୨୦୦୬ ଅନୁଯାୟୀ ବିଭିନ୍ନ ପ୍ରକଳ୍ପ ପାଇଁ ନିଜେ ୭୮.୩୪୮ ହେକ୍ଟର ଜଙ୍ଗଲ ଜମିର କିସମକୁ ବଦଳାଇଛନ୍ତି।

କେବଳ ସେତିକି ନୁହେଁ ୨୦୧୯ ଜାନୁୟାରୀ ପହିଲାରୁ ନଭେମ୍ବର ୬ ତାରିଖ ମଧ୍ୟରେ ମାତ୍ର ୧୪ଟି ପ୍ରକଳ୍ପ ପାଇଁ ଓଡ଼ିଶାରେ ସର୍ବାଧିକ ୪,୫୧୪ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ କରିବାକୁ ମନ୍ତ୍ରଣାଳୟ ଅନୁମତି ଦେଇଛି। ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଥିବା ରିପୋର୍ଟ ଅନୁଯାୟୀ ସମଗ୍ର ଦେଶରେ ଏହି ସମୟ ମଧ୍ୟରେ ୨୨ ରାଜ୍ୟରେ ୯୩୨ଟି ପ୍ରକଳ୍ପ ପାଇଁ ୧୧୪୬୭.୮୩ ହେକ୍ଟର (୧୧୪.୬୮ ବର୍ଗ କିଲୋମିଟର) ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ କରିବାକୁ ଅନୁମତି ଦିଆଯାଇଛି। ବିଶେଷ କରି ଜଳସେଚନ ପ୍ରକଳ୍ପ ଓ ଖଣି ପାଇଁ ଏତେ ପରିମାଣର ଜଙ୍ଗଲକୁ ନଷ୍ଟ କରିବାକୁ ପଡିବ ବୋଲି ରିପୋର୍ଟରେ କୁହାଯାଇଛି।

ଏତେ ନଷ୍ଟ ହେବା ପରେ ରାଜ୍ୟରେ ଜଙ୍ଗଲ ପରିମାଣ ଅଧିକ ରହିଥିବା ଜଙ୍ଗଲ ଓ ପରିବେଶ ବିଭାଗ କହୁଛି । ବିଭାଗୀୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ☞ପୃଷ୍ଠା-୪

**୧୫୧ତମ ଗାନ୍ଧୀ ଜୟନ୍ତୀ**



ନୂଆଦିଲ୍ଲୀର ରାଜଘାଟସ୍ଥିତ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ଶୁକ୍ରବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶ୍ରଦ୍ଧା ସୁମନ ଅର୍ପଣ କରୁଛନ୍ତି।

# ଅଂଶୁପ୍ରଜ୍ଞାଙ୍କୁ 'ଆର୍ଥ ହିରୋ ପୁରସ୍କାର'

**ଭୁବନେଶ୍ୱର, ୨।୧୦(ବ୍ୟୁରୋ)**

ଓଡ଼ିଶାର ବନ ଅଧିକାରୀ ଅଂଶୁପ୍ରଜ୍ଞା ଦାସ ନାଟ୍‌ୱେଷ୍ଟ ଗ୍ରୁପ୍ ଆର୍ଥ ହିରୋ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ଅଂଶୁପ୍ରଜ୍ଞା ସାତକୋଶିଆର ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡରେ ୫ବର୍ଷ କାମ କରୁଥିବା ସମୟରେ ବାଘର ବାସସ୍ଥାନ ସୁରକ୍ଷା, ମହାନଦୀ କୂଳରେ ଘଡ଼ିଆଳର ପୁନରୁଦ୍ଧାର, ସ୍ଥାନୀୟ ଲୋକଙ୍କୁ ନେଇ ଇକୋଟୁରିଜମ୍ ଆଦି ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ଏହି ପୁରସ୍କାର ତାଙ୍କୁ ପ୍ରଦାନ କରାଯିବ। ବର୍ତ୍ତମାନ ସେ ରାଜ୍ୟ ଇକୋଟୁରିଜମ୍‌ର ଡିଏଫ୍‌ଓ ଭାବେ କାର୍ଯ୍ୟରତ। ଆସନ୍ତା ୮ତାରିଖରେ ନୂଆଦିଲ୍ଲୀରେ ଅଂଶୁପ୍ରଜ୍ଞାଙ୍କ ସମେତ ମୋଟ ୮ଜଣଙ୍କୁ ଏହି ପୁରସ୍କାର ଦିଆଯିବ। ମିଳିତ ଜାତିସଂଘର ସହକାରୀ ସଚିବ ତଥା ଜୈବ ବିବିଧତା ସମ୍ମିଳନୀର କାର୍ଯ୍ୟନିର୍ବାହୀ ସଚିବ ଏଲିଜାବେଥ୍ ମାରୁମା ମ୍ରେମା, ନୀତି ଆୟୋଗ ସଦସ୍ୟ ରମେଶ ଚାନ୍ଦ ଏବଂ ବ୍ରିଟିଶ ଅର୍ଥନୀତିଜ୍ଞ ତଥା ଜଳବାୟୁ ପରିବର୍ତ୍ତନ କର୍ତ୍ତୃପକ୍ଷ ନିକୋଲାସ ଷ୍ଟର୍ନ ପ୍ରମୁଖ ଉପସ୍ଥିତ ରହି ପ୍ରତିଭାଙ୍କୁ ପୁରସ୍କୃତ କରିବେ।



ଅଂଶୁପ୍ରଜ୍ଞା ଦାସ

ଅଂଶୁପ୍ରଜ୍ଞା ଏହି ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ନେଇ ନାଟ୍‌ୱେଷ୍ଟ ଗ୍ରୁପ୍ ପକ୍ଷରୁ ମୁଖ୍ୟଶାସନ ସଚିବ ଅସିତ ତ୍ରିପାଠୀଙ୍କୁ ଚିଠି ଲେଖି ଜଣାଯାଇଛି। ଗ୍ରୁପ୍ ନିର୍ଦ୍ଦେଶକ ଏନ୍. ସୁନୀଲ କୁମାର କହିଛନ୍ତି, ମୁଁ ନିଶ୍ଚିତ ଯେ, ଅଂଶୁପ୍ରଜ୍ଞା ଦାସଙ୍କ କାର୍ଯ୍ୟ ତଥା ସ୍ୱୀକୃତି ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଓଡ଼ିଶାର ସମୃଦ୍ଧ ଜୈବ ବିବିଧତାର ନିରନ୍ତର ପରିଚାଳନା ପାଇଁ ଓଡ଼ିଶାରେ ଅନ୍ୟମାନଙ୍କୁ ପ୍ରେରଣା ଦେବ। ଅଂଶୁପ୍ରଜ୍ଞାଙ୍କୁ ତାଙ୍କ ସଫଳତା ପାଇଁ ମୁଖ୍ୟ ଶାସନ ସଚିବ ଏବଂ ପିସିସିଏଫ୍ ସନ୍ଦୀପ ତ୍ରିପାଠୀ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି।

**କରୋନା ସଚେତନତା ପଦଯାତ୍ରା ।**




# ୭ ପଇସା କମିଲା ଡିଜେଲ



**ନୂଆଦିଲ୍ଲୀ,୨।୧୦**

ଶୁକ୍ରବାର ପୁଣି ଡିଜେଲ ଦର ହ୍ରାସ ହୋଇଥିବା ନଜରକୁ ଆସିଛି। ଫଳରେ ଭୁବନେଶ୍ୱରରେ ଡିଜେଲ ୭ ପଇସା କମି ୭୬.୬୮ ଟଙ୍କାକୁ ଖସିଛି। ଏଠାରେ ଗତ କିଛିଦିନ ହେବ ପେଟ୍ରୋଲ ଦରରେ କୌଣସି ପରିବର୍ତ୍ତନ ଆସିନାହିଁ। ଭୁବନେଶ୍ୱରରେ ଲିଟର ପିଛା ପେଟ୍ରୋଲ ଦର ୮୧.୬୦ ଟଙ୍କା ରହିଛି। ଶୁକ୍ରବାର ମେଟ୍ରୋ ସହରଗୁଡ଼ିକରେ ଡିଜେଲ ୪ରୁ ୭ ପଇସା ନିମ୍ନରେ ରହିଛି। ନୂଆଦିଲ୍ଲୀରେ ଡିଜେଲ ଦର ୭୦.୪୬ ଟଙ୍କା ରହିଥିବା ବେଳେ ଚେନ୍ନାଇରେ ୭୫.୯୫ ଟଙ୍କା, କୋଲକାତାରେ ୭୩.୯୯ ଟଙ୍କା ଏବଂ ମୁମ୍ବାଇରେ ୭୬.୮୬ ଟଙ୍କାକୁ ହ୍ରାସ ହୋଇଛି। ସେହିଭଳି ଏହି ସହରଗୁଡିକରେ ପେଟ୍ରୋଲ ଅପରିବର୍ତ୍ତିତ ରହି ଦର ଯଥାକ୍ରମେ ୮୧.୦୬ ଟଙ୍କା, ୮୪.୧୪ ଟଙ୍କା, ୮୨.୫୯ ଟଙ୍କା ଏବଂ ୮୭.୭୪ ଟଙ୍କା ରହିଥିବା ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ରହିଛି।

**ଆଜିର ସମ୍ପାଦକୀୟ**

ପୁରୁଣା ରାସ୍ତାରେ ପାଣ୍ଡେ

**ଆଜିର ମନ୍ତବ୍ୟ**

" ରାଜସ୍ଥାନକୁ ନେଇ ଚୁପ୍, ହାଥରସ୍‌କୁ ନେଇ ଡ୍ରାମା କରୁଛନ୍ତି ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା। **-ରବିଶଙ୍କର ପ୍ରସାଦ, କେନ୍ଦ୍ର ଆଇନମନ୍ତ୍ରୀ**

# ଡୋନାଲ୍ଡ ଟ୍ରମ୍ପ, ମେଲାନିଆଙ୍କୁ କରୋନା

**ୱାଶିଂଟନ,୨।୧୦**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ସ୍ତ୍ରୀ ମେଲାନିଆ କରୋନା ଆକ୍ରାନ୍ତ ହୋଇଛନ୍ତି। ଟ୍ରମ୍ପଙ୍କ ବ୍ୟକ୍ତିଗତ ପରାମର୍ଶଦାତା ହୋପ୍ ହିକ୍ସ କରୋନା ପଜିଟିଭ ଚିହ୍ନଟ ହେବା ପରେ ଟ୍ରମ୍ପ ଓ ମେଲାନିଆ କରୋନା ଟେଷ୍ଟ କରିଥିଲେ। ଉଭୟଙ୍କ କରୋନା ରିପୋର୍ଟ ଶୁକ୍ରବାର ପିଜିଟିଭ ଆସିଛି। ନିକଟରେ ପ୍ରେସିଡେଣ୍ଟ ଡିବେଟ ପାଇଁ ଟ୍ରମ୍ପଙ୍କ ସହିତ ହିକ୍ସ କ୍ଲିଓଲାଣ୍ଡ ଗସ୍ତ କରିଥିଲେ। ଏହାପରେ ହିକ୍ସଙ୍କ ଶରୀରରେ କରୋନା ଲକ୍ଷଣ ଦେଖାଦେଇଥିଲା। ହିକ୍ସଙ୍କ କରୋନା ରିପୋର୍ଟ ପଜିଟିଭ ଆସିବା ପରେ ଟ୍ରମ୍ପ ଓ ତାଙ୍କ ସ୍ତ୍ରୀ ନିଜକୁ ସଙ୍ଗରୋଧରେ ରଖିଥିଲେ। ଆମେ ଉଭୟ କ୍ୱାରାଣ୍ଟାଇନରେ ରହିବା ସହ ସୁସ୍ଥ ହେବା ପ୍ରକ୍ରିୟା ଆରମ୍ଭ କରି ଦେଇଛୁ। ଏହାକୁ ଆମେ ଏକାଠି ଜିତିବୁ ବୋଲି ଟ୍ରମ୍ପ ଟୁଇଟ କରି ଜଣାଇଛନ୍ତି। ଅପରପକ୍ଷରେ ☞ପୃଷ୍ଠା-୪

**ଆଶୁ ଆରୋଗ୍ୟ କାମନା କଲେ ମୋଦି**



ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ସ୍ତ୍ରୀ ମେଲାନିଆ

# ଯନ୍ତରମନ୍ତରରେ ଜୋର୍‌ଦାର ବିକ୍ଷୋଭ

**ହାଥ୍‌ରସ ଗଣବଳାତ୍କାର**

■ ନିଲମ୍ବିତ ହେଲେ ଏସ୍‌ପି, ଡିଏସ୍‌ପି

■ ଯୋଗୀଙ୍କ ଇସ୍ତଫା ଓ ପ୍ରଧାନମନ୍ତ୍ରୀଙ୍କ ଉତ୍ତର ଦାବି

■ ମହିଳାଙ୍କ ସୁରକ୍ଷା ଲାଗି ସରକାର ବଦ୍ଧପରିକର: ଆଦିତ୍ୟନାଥ

**ନୂଆଦିଲ୍ଲୀ/ ଲକ୍ଷ୍ନୌ,୨।୧୦**

ହାଥ୍‌ରସରେ ଜଣେ ଦଳିତ ମହିଳାଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଶୁକ୍ରବାର ଯନ୍ତରମନ୍ତରରେ ଜୋର୍‌ଦାର ବିକ୍ଷୋଭ ଦେଖିବାକୁ ମିଳିଛି। ଭିମ୍ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦଙ୍କ ନେତୃତ୍ୱରେ ହାଥ୍‌ରସ ଘଟଣାକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର ଦେବାକୁ ଦାବି କରିଛନ୍ତି। ଉତ୍ତରପ୍ରଦେଶ ସରକାରଙ୍କଠାରୁ ନ୍ୟାୟ ଆଶା କରାଯାଇ ନ ପାରେ ବୋଲି ମଧ୍ୟ ସେ କହିଛନ୍ତି। ଗୁରୁବାର ସେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲଗାଇବାକୁ ଦାବି କରିଥିଲେ। ବିକ୍ଷୋଭରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଯୋଗଦେଇ ଦୋଷୀଙ୍କୁ ଫାଶୀଖୁଣ୍ଟରେ ଝୁଲାଇ ଦିଆଯିବା ଉଚିତ୍ ବୋଲି କହିଥିଲେ। ଅନ୍ୟପକ୍ଷରେ ସମ୍ପୂର୍ଣ୍ଣ ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ମୃତ ମହିଳାଙ୍କ ପରିବାର ପକ୍ଷରୁ ନିନ୍ଦା କରାଯାଇଛି। ପରିବାର ଲୋକଙ୍କ ବିନା ଉପସ୍ଥିତିରେ ମୃତଦେହ ପୋଡ଼ାଯିବା ଓ ମାମଲାରେ ବଳାତ୍କାର ସମ୍ପର୍କରେ ଉଲ୍ଲେଖ କରା ନ ଯିବାକୁ ନେଇ ସମାଲୋଚନା କରାଯାଇଛି। ସେପଟେ ଉତ୍ତରପ୍ରଦେଶ ସରକାରଙ୍କୁ ☞ପୃଷ୍ଠା-୪



ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ବିକ୍ଷୋଭକାରୀଙ୍କ ସହ ସାମିଲ ହୋଇଛନ୍ତି।


RSPL

ଘଡ଼ୀ ଡିଟର୍ଜେଣ୍ଟ

**ଭାରତର ବୀର ଦୋକାନୀ ଭାଇ**

**କେବଳ ଓଡ଼ିଶା ପ୍ରାନ୍ତର ଦୋକାନୀ ଭାଇମାନଙ୍କ ପାଇଁ**

ଆଜି ସଂପୂର୍ଣ୍ଣ ଦେଶ ଏକ ମୁସ୍କିଲ ସମୟରେ ଗତି କରୁଛି । ଆର୍.ଏସ୍.ପି.ଏଲ୍. ପରିବାର ସେହି ସମସ୍ତ ଦୋକାନୀ ଭାଇମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରୁଛି, ଯିଏକି ଏହି ମୁସ୍କିଲ ସମୟରେ ନିଜର କାର୍ଯ୍ୟ ଏବଂ ନିଷ୍ଠା ଦ୍ୱାରା ଦେଶ ଓ ଦେଶବାସୀଙ୍କ କୌଣସି ପ୍ରକାର ସମସ୍ୟା ହେବାକୁ ଦେଇନାହାନ୍ତି ।

**ଭାରତର ଏହି ବୀରମାନଙ୍କୁ ଆମେ କୋଟି କୋଟି ନମସ୍କାର ଜଣାଉଛୁ ।**

ଦୋକାନୀ ଭାଇ ତଳେ ଦିଆଯାଇଥିବା ତାଲିକା ଅନୁସାରେ କିଣିବା ଉପରେ ପାଆନ୍ତୁ ଘଡ଼ି ଡିଟର୍ଜେଣ୍ଟ ପାଉଡର

| SLAB | ଘଡ଼ି ଡିଟର୍ଜେଣ୍ଟ ପାଉଡର ମାଗଣା ପ୍ୟାକେଟ୍ |
|---|---|
| 3 kg ର 1 *ବସ୍ତା | 1 kg ର 1 ପ୍ୟାକେଟ୍ ମାଗଣା |
| 1 kg ର 1 *ବସ୍ତା | 1 kg ର 1 ପ୍ୟାକେଟ୍ ମାଗଣା |
| 500 g ର 1 *ବସ୍ତା | 1 kg ର 1 ପ୍ୟାକେଟ୍ ମାଗଣା |
| ₹10/-(135 g) ର 1 *ବସ୍ତା | ₹10/-(135 g) ର 5 ପ୍ୟାକେଟ୍ ମାଗଣା |
| ₹5/-(67 g) ର 1 *ବସ୍ତା | ₹5/-(67 g) ର 5 ପ୍ୟାକେଟ୍ ମାଗଣା |

ଦୋକାନୀ ଭାଇ ତଳେ ଦିଆଯାଇଥିବା ତାଲିକା ଅନୁସାରେ କିଣିବା ଉପରେ ପାଆନ୍ତୁ ଘଡ଼ି ଡିଟର୍ଜେଣ୍ଟ କେକ୍

| SLAB | ଘଡ଼ି ଡିଟର୍ଜେଣ୍ଟ କେକ୍ ମାଗଣା ପିସ୍ |
|---|---|
| 1 ନଗ୍ *(ପେଟି) | ₹5/-(90 g) ର 5 pcs. ସଂପୂର୍ଣ୍ଣ ମାଗଣା |

ସ୍କିମ୍ 2nd October, 2020 ରୁ ଲାଗୁ
ଅଫର୍ ସିମିତ ସମୟ ପାଇଁ



SKU (ପେଟ/ବସ୍ତା) Information
Ghadi powder : 3kgx10 pkts.,1kgx25 pkts, 500gx40 pkts, 135gx72 pkts. 67gx100 pkts.
Ghadi Cake : 90gx100 pcs., 185gx56 pcs., 300gx48 pcs., 160gx80 pcs.

*As per Nielsen Retail Index data for MAT November 2019, All India (Urban + Rural) market in Washing Powder Category.

ସ୍କିମ୍ ସମ୍ବନ୍ଧିତ କୌଣସି ସମସ୍ୟା ପାଇଁ ତଳେ ଦିଆଯାଇଥିବା ନମ୍ବରରେ ତୁରନ୍ତ ସଂପର୍କ କରନ୍ତୁ ।

B. UMA SHANKAR (BHUBANESWAR): 7873096108,
RAJESH KUMAR (SAMBALPUR): 8709987942,
DHEERENDRA VERMA (STATE HEAD): 9935279225

ସପ୍ଲାଇ ଏବଂ ସର୍ଭିସର ସମ୍ବନ୍ଧିତ କୌଣସି ଅଭିଯୋଗ କରିବାକୁ ସଂପର୍କ କରନ୍ତୁ । ✆ RSPL CARE 1800 120 2800



ପ୍ରଧାନମନ୍ତ୍ରୀ ଭୟର ବାତାବରଣ ମଧ୍ୟରେ ସରକାର ଚଳାଉଛନ୍ତି। ଏମ୍‌ଏନ୍‌ଆର୍‌ଇଜିଏ ଏବଂ ଆର୍‌ଟିଆଇ ଭଳି ଆଇନକୁ କେନ୍ଦ୍ର ସରକାର ଦୁର୍ବଳ କରିଦେଇଛନ୍ତି।

- ସୋନିଆ ଗାନ୍ଧୀ, କଂଗ୍ରେସ ଅନ୍ତରୀଣ ଅଧ୍ୟକ୍ଷ

## ଗୁଣିଆ ସନ୍ଦେହରେ ଦୁଇ ଜଣଙ୍କୁ ପିଟି ମାରିଦେଲେ

ଗୁଆହାଟୀ,୨।୧୦

ଗୁଣିଆ ସନ୍ଦେହରେ ଆସାମରେ ଜଣେ ମହିଳାଙ୍କୁ ମିଶାଇ ଦୁଇ ଜଣଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ଏହି ଘଟଣାରେ ପୋଲିସ ୩ ମହିଳାଙ୍କ ସମେତ ୯ ଜଣଙ୍କୁ ଗିରଫ କରିଛି। ଏସ୍.ପି . ଦେବଜିତ୍ ଦେଉରି କହିଛନ୍ତି, ଲୋକମାନେ ମାଡ଼ମାରିବା ସହ ଜୀବନରେ ସେମାନଙ୍କୁ ମାରି ନିଆଁ ଲଗାଇଦେଇଛନ୍ତି। ଘଟଣାଟି ଘଟିଛି କାର୍ବି ଆଙ୍ଗଲୋଙ୍ଗ ଜିଲାରେ। ମୃତକ ଦ୍ୱୟ ହେଲେ ରାମବତୀ ହାଲୁଆ(୫୦) ଓ ବିଜୟ ଗୌର(୪୫)। ଡୋକ୍‌ମୋକା ପୋଲିସ ଷ୍ଟେଶନ ଅନ୍ତର୍ଗତ ରୋହିମାପୁର ଅଞ୍ଚଳରେ ଜଣେ ଯୁବତୀଙ୍କ ମୃତ୍ୟୁ ପରେ ଲୋକମାନେ ଗୁଣିଆ ସନ୍ଦେହରେ ଏଭଳି କାଣ୍ଡ ରଚିଛନ୍ତି।

# କରୋନା ମୃତ୍ୟୁସଂଖ୍ୟା ଲକ୍ଷେ ମୁହାଁ

ନୂଆଦିଲ୍ଲୀ,୨।୧୦

ଭାରତରେ ମହାମାରୀ କରୋନାର ତାଣ୍ଡବଲୀଳା ଜାରି ରହିଛି। ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଇ ୬୪ ଲକ୍ଷ ପାର୍ ହୋଇଥିବାବେଳେ ମୃତ୍ୟୁସଂଖ୍ୟା ୯୯,୮୫୧ରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ୫୩.୫୪ ଲକ୍ଷ ଲୋକ ସୁସ୍ଥହୋଇ ଘରକୁ ଆସିଥିବାବେଳେ ଆକ୍ଟିଭ୍ ମାମଲା ୯. ୪୫ ଲକ୍ଷ ରହିଛି। ମୃତ୍ୟୁସଂଖ୍ୟା ଦିନକୁଦିନ ବଢୁଥିବାରୁ ଏହାକୁ ନେଇ ଜନସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ୧୦ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୮୨% ଲୋକଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।




ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୮୧, ୨୧୪ ନୂଆ ମାମଲା ସାମ୍ନାକୁ ଆସିଥିବାବେଳେ ୧,୦୯୫ ଜଣଙ୍କ ମୃତ୍ୟୁ ଘଟିଛି। ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ମହାରାଷ୍ଟ୍ରରେ ଗୋଟିଏ ଦିନରେ ୩୯୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ କେରଳରେ ୧୩୦ ପ୍ରାଣ ହରାଇଛନ୍ତି। ମହାରାଷ୍ଟ୍ରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରାୟ ୧୫ ଲକ୍ଷରେ ପହଞ୍ଚିଛି। ରାଜ୍ୟରେ ପ୍ରାଣ ହରାଇଥିବା ଲୋକଙ୍କ ସଂଖ୍ୟା ୩୭,୦୫୬ରେ ପହଞ୍ଚିଛି। ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ତାମିଲନାଡୁ ଆଦି ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ପଶ୍ଚିମବଙ୍ଗ ଓ ଦିଲ୍ଲୀରେ ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। କର୍ଣ୍ଣାଟକ, ତାମିଲନାଡୁରେ ୯ ହଜାର ଓ ଆନ୍ଧ୍ରପ୍ରଦେଶରେ ପାଖାପାଖି ୬ ହଜାର ଲୋକଙ୍କ ଜୀବନ ଗଲାଣି। ସଫଳ ଔଷଧ ନ ବାହାରିବା ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗିରହିବ ବୋଲି କୁହାଯାଉଛି।



ଉତ୍ତରପ୍ରଦେଶର ହାଥ୍‌ରସ ଗଣବଳାତ୍କାର ଓ ହତ୍ୟା ଘଟଣାକୁ ବିରୋଧ କରି ଭୀମ୍ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ରାଓ ଓ ସମର୍ଥକମାନେ ଜନ୍ତରମନ୍ତରଠାରେ ବିକ୍ଷୋଭ କରୁଛନ୍ତି।

## ଡେରେକ୍‌ଙ୍କୁ ଧକ୍କା, ମହିଳା ଏମ୍‌ପିଙ୍କୁ ଠେଲାପେଲା

ଲକ୍ଷ୍ନୌ,୨।୧୦

ଉତ୍ତରପ୍ରଦେଶର ହାଥ୍‌ରସ ମହିଳା ଗଣବଳାତ୍କାର ଓ ହତ୍ୟା ମାମଲାକୁ ନେଇ ନିଆଁ ଜଳିବାରେ ଲାଗିଛି। ଶୁକ୍ରବାର ପୀଡ଼ିତାଙ୍କ ପରିବାରକୁ ଭେଟିବାକୁ ଦିଲ୍ଲୀରୁ ଯାଇଥିବା ତୃଣମୂଳ କଂଗ୍ରେସ ଏମ୍‌ପି ଡେରେକ୍ ଓ'ବ୍ରିଏନ୍ ଓ ସମର୍ଥକମାନଙ୍କୁ ୧ କିମି ପୂର୍ବରୁ ପୋଲିସ ଅଟକାଇବାରୁ ପୋଲିସ ସହ ଠେଲାପେଲା ହୋଇଥିଲା। ପୋଲିସ ଡେରେକ୍‌ଙ୍କୁ ଧକ୍କାଦେବା ପରେ ସେ ତଳେ ପଡ଼ିଯାଇଥିଲେ। ଏହା ପରେ ଟିଏମ୍‌ସି ଏମ୍‌ପି ପ୍ରତିମା ମଣ୍ଡଳଙ୍କୁ ଠେଲାପେଲା କରାଯାଇଥିଲା। ହେଲେ ଅଧିକାରୀମାନେ କାହାରିକୁ ଆକ୍ରମଣ କରାଯାଇ ନ ଥିବା ପ୍ରକାଶ କରିଛନ୍ତି। ବଳପୂର୍ବକ ପ୍ରବେଶ ଲାଗି ଉଦ୍ୟମ କରାଯାଉଥିବାବେଳେ ମହିଳା କନ୍‌ଷ୍ଟେବଲ ତାଙ୍କୁ ଅଟକାଇଥିବା ହାଥ୍‌ରସ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ ପ୍ରେମ୍ ପ୍ରକାଶ ମୀନା କହିଛନ୍ତି।

ପୂର୍ବରୁ ଏମ୍‌ପି ପ୍ରତିମା ମଣ୍ଡଳ, କାକୋଳି ଘୋଷ ଦସ୍ତିଦର ଏବଂ ପୂର୍ବତନ ଏମ୍‌ପି ମମତା ଠାକୁର ପ୍ରମୁଖ ପୀଡ଼ିତାଙ୍କ ପରିବାରକୁ ଭେଟିବା ଲାଗି ପୋଲିସକୁ ଅନୁରୋଧ କରିଥିଲେ। ଡେରେକ୍ ମଧ୍ୟ ମହିଳାଙ୍କୁ ଯିବା ଲାଗି ଅନୁମତି ମାଗିଥିଲେ। କିନ୍ତୁ ପୋଲିସ ସେମାନଙ୍କୁ ଯିବାକୁ ଦେଇ ନ ଥିଲା। ପ୍ରକାଶଥାଉ କି, ଗୁରୁବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ସମର୍ଥକମାନଙ୍କ ସହ ପୀଡ଼ିତାଙ୍କ ପରିବାରକୁ ଭେଟିବା ଲାଗି ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇ ଠେଲାପେଲା କରିଥିଲା। ରାହୁଲ ତଳେ ପଡ଼ିଯାଇଥିଲେ।

**ହାଥ୍‌ରସରେ ପୋଲିସ ବର୍ବରତା**



# ଅରୁଣାଚଳ ଭାରତର: ଆମେରିକା

ୱାଶିଂଟନ, ୨।୧୦

- ଚାଇନା ବିରୋଧରେ ବର୍ଷିଲା କଂଗ୍ରେସ
- ରିପୋର୍ଟରେ ୪୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ

ଭାରତ ଉପରେ ଚାଇନାର ଆକ୍ରମଣାତ୍ମକ ମନୋଭାବ ଏବଂ ସୀମାନ୍ତରେ ବିସ୍ତାରବାଦୀ ନୀତିକୁ ନେଇ କ୍ଷୁବ୍ଧ ହୋଇଛି ଆମେରିକା। ଦୀର୍ଘ ୬ ଦଶନ୍ଧି ଧରି ଲଦାଖ, ଅରୁଣାଚଳ ପ୍ରଦେଶ ଉପରେ ଚାଇନା କୁଦୃଷ୍ଟି ପକାଇଥିବାବେଳେ ବେଜିଂକୁ କଡ଼ା ଭାଷାରେ ଅକ୍ଷେପ କରିଛି ଆମେରିକା ଗୃହ ବିଭାଗ। ଏକ ବିବୃତ୍ତିରେ କୁହାଯାଇଛି, ଗତ ୬୦ ବର୍ଷ ଧରି ଅରୁଣାଚଳ ପ୍ରଦେଶ ଭାରତରେ ଅଭିନ୍ନ ଅଙ୍ଗ ହୋଇରହିଛି ଏବଂ ଅନ୍ତର୍ଜାତୀୟ ସୀମା ନିୟମରେ କୌଣସି ପରିବର୍ତ୍ତନ ହେବନାହିଁ।

ଆମେରିକା କଂଗ୍ରେସ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ବାସ୍ତବ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଚାଇନାର ଏକତରଫା ନିଷ୍ପତ୍ତି ଗ୍ରହଣଯୋଗ୍ୟ ନୁହେଁ। ସୀମାନ୍ତରେ ଅବାଧ ପ୍ରବେଶ, ସାମରିକ କାର୍ଯ୍ୟାନୁଷ୍ଠାନ, କୌଣସି ଅଞ୍ଚଳକୁ ନିଜର ବୋଲି ଦାବି କରିବାକୁ ଗ୍ରହଣ କରାଯିବନାହିଁ। ଭାରତ ଏବଂ ଚାଇନା ଆପୋସ ଆଲୋଚନା ମାଧ୍ୟମରେ ସୀମାବିବାଦର ସମାଧାନ କରିବା ଆବଶ୍ୟକ।

ସେହିପରି ଚାଇନା ବିରୋଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଜବାଜ ହେଉଛି କଂଗ୍ରେସ। ଚାଇନା ମାନବାଧିକାର କ୍ଷୁଣ୍ଣ କରୁଛି। ବେଜିଂ ସୈନ୍ୟ କ୍ଷମତା ବଢ଼ାଉଥିବାବେଳେ ଏହା ଅନ୍ୟ ଦେଶର ଜାତୀୟ ସଂହତି ପ୍ରତି ବିପଦ ସୃଷ୍ଟି କରିଛି ବୋଲି କଂଗ୍ରେସ ପକ୍ଷରୁ ଏକ ରିପୋର୍ଟ ଜାରି କରାଯାଇଛି। ଏଥିରେ ଚାଇନାର ମାନବାଧିକାର ଉଲ୍ଲଂଘନ, କରୋନା ମହାମାରୀ ନିୟନ୍ତ୍ରଣରେ ତ୍ରୁଟି, ଜାତୀୟ ସୁରକ୍ଷା ଭଳି ୪୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ କରାଯାଇଛି। ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି, ସୀମାନ୍ତରେ ଭାରତର ଭୂଖଣ୍ଡକୁ ଚାଇନା କବ୍‌ଜା କରିବାକୁ ଅପଚେଷ୍ଟା ଚଳାଇଛି। ୫-ଜି ନେଟ୍‌ୱାର୍କ ଯୋଗୁ ବିଶ୍ୱ ଶୃଙ୍ଖଳା ପ୍ରଭାବିତ ହେଉଛି। ଏସବୁ ପ୍ରସଙ୍ଗର ସମାଧାନ ଲାଗି ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ 'ଡି-୧୦' ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିରେ ଜି-୭ ରାଷ୍ଟ୍ର ସମେତ ଦକ୍ଷିଣକୋରିଆ, ଭାରତ ଏବଂ ଅଷ୍ଟ୍ରେଲିଆକୁ ସାମିଲ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି)ର ବିସ୍ତାରବାଦ ନୀତିର ଜବାବ ଦେବାକୁ ଯୋଜନାବଦ୍ଧ କାର୍ଯ୍ୟଶୈଳୀ ଆପଣାଇବ । ଉପରେ ଆମେରିକା ଓ ବ୍ରିଟେନ ଯୋଜନାବଦ୍ଧ ଭାବେ ବିଚାର କରୁଛନ୍ତି।

ସେହିପରି ରିପୋର୍ଟରେ ଏହା ମଧ୍ୟ ଅଭିଯୋଗ କରାଯାଇଛି, ବର୍ଷକ ମଧ୍ୟରେ ସିପିସି ଅନ୍ତର୍ଜାତୀୟ ସନ୍ଧି ଭଙ୍ଗକରିଛି। ହଂକଂରେ ନାଗରିକଙ୍କୁ ସ୍ୱାଧୀନ ଭାବେ ବଞ୍ଚିବାକୁ ଦେଉନାହିଁ। ଉଇଗୁର, ତିବ୍ବତୀୟଙ୍କ ଭଳି ଅଳ୍ପସଂଖ୍ୟକଙ୍କ ଉପରେ ଦମନନୀତି ଚଳାଇଛି। ପଡ଼ୋଶୀ ରାଷ୍ଟ୍ରକୁ ଯୁଦ୍ଧ ପାଇଁ ଉସୁକାଉଛି। ଦକ୍ଷିଣ ଚାଇନା ସାଗରରେ ହୁକୁମାତି କରିବାକୁ ଅପଚେଷ୍ଟା କରୁଥିବା ଏଥିରେ ଦର୍ଶାଯାଇଛି।

## ୟୁପି ସରକାରଙ୍କୁ ହାଇକୋର୍ଟ ନୋଟିସ

ଲକ୍ଷ୍ନୌ,୨।୧୦

ହାଥ୍‌ରସ ଗଣବଳାତ୍କାର ଓ ହତ୍ୟା ଘଟଣାରେ ଆଲ୍ଲାହାବାଦ ହାଇକୋର୍ଟଙ୍କ ଲକ୍ଷ୍ନୌ ଖଣ୍ଡପୀଠ ପକ୍ଷରୁ ଉତ୍ତରପ୍ରଦେଶ ସରକାରଙ୍କୁ ନୋଟିସ ଜାରି କରାଯାଇଛି। ଘଟଣା ସମ୍ପର୍କରେ ରିପୋର୍ଟ ଦେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣାରେ ରାଜ୍ୟ ସରକାର ଓ ପୋଲିସ ପ୍ରଶାସନକୁ ନେଇ ସମାଲୋଚନାର ସ୍ୱର ଲମ୍ବୁଥିବାବେଳେ ରାତି ଅଧରେ ପ୍ରଶାସନର ଶବଦାହକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏଥିସହ ଉକ୍ତ ମହିଳାଙ୍କୁ ବଳାତ୍କାର କରାଯାଇ ନ ଥିବା ଦର୍ଶାଯାଇଛି।

## ମାମଲା ଲଢ଼ିବେ ନିର୍ଭୟା ଓକିଲ

ଲକ୍ଷ୍ନୌ,୨।୧୦

ହାଥ୍‌ରସ ଗଣ ବଳାତ୍କାର ଓ ହତ୍ୟା ଘଟଣାରେ ପୀଡ଼ିତାଙ୍କ ପରିବାର ସପକ୍ଷରେ ମାମଲା ଲଢ଼ିବେ ସୀମା କୁଶୱାହ। ୨୦୧୨ ଦିଲ୍ଲୀ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲା ଲଢ଼ିଥିବା ଓକିଲ ସୀମା ଏନେଇ ସ୍ପଷ୍ଟ କରିଛନ୍ତି। ପ୍ରକାଶଥାଉ କି ନିର୍ଭୟା ମାମଲାରେ ୪ ଅଭିଯୁକ୍ତଙ୍କୁ ଫାଶୀ ଦିଆଯାଇଥିଲା। ହାଥ୍‌ରସରେ ପୀଡ଼ିତାଙ୍କ ପରିବାରକୁ ଭେଟିବା ଲାଗି ଗୁରୁବାର ସେ ଯାଇଥିବାବେଳେ ପୋଲିସ ତାଙ୍କୁ ଅନୁମତି ଦେଇ ନ ଥିଲା। ପୀଡ଼ିତାଙ୍କ ପରିବାରର ଅନୁରୋଧକୁ ଏଡ଼ାଇ ଯାଇପାରିବନାହିଁ ବୋଲି ସୀମା କହିଛନ୍ତି। ପୀଡ଼ିତାଙ୍କ ଭାଇଙ୍କ ସହ ଯୋଗାଯୋଗରେ ଥିବା ସେ ପ୍ରକାଶ କରିଛନ୍ତି।



ସୀମା କୁଶୱାହ

**ଫୁରସତ**

## ତଥାପି ଆଶାରେ କିଆରା

କିଆରା ଆଡଭାନୀ। ବଲିଉଡ୍‌ର ଅନ୍ୟତମ ହଟ୍ ନାୟିକା। ଗତବର୍ଷ ନଭେମ୍ବର ମାସରୁ ଭଜି ହେଉଥିଲେ ୨୦୨୦ର ଜୁନ୍ ୫ ତାରିଖ କେବେ ଆସିବ। ଆଉ ଏଇଦିନ ଅତିକମ୍‌ରେ ୩ ଘଣ୍ଟା ସମୟ ବାହାର କରିବା ଲାଗି ସେ ତାଙ୍କ ସମ୍ପର୍କୀୟଙ୍କୁ ସେବେଠାରୁ ପ୍ରସ୍ତୁତ ରହିବା ଲାଗି ଜଣାଇ ଦେଇଥିଲେ। କାରଣଟି ହେଲା କିଆରାଙ୍କ ଅଭିନୀତ 'ଇନ୍ଦୁ କି ଜୱାନି' ସେହି ଦିନ ପରଦାକୁ ଆସିବା ଲାଗି ସ୍ଥିର ହୋଇଥିଲା। ହେଲେ କରୋନା ମହାମାରୀ ତାଙ୍କ ଆଶାରେ ପାଣି ପକାଇଦେଲା। ମହାମାରୀ ଯୋଗୁ ପାଖାପାଖି ୬ ମାସ ହେବ ବନ୍ଦ ରହିଛି ସିନେମା ହଲ । ଏବେ ଅନ୍‌ଲକ୍.୫ ଆରମ୍ଭ ହୋଇଥିବା ବେଳେ ଅକ୍ଟୋବର ୧୫ରୁ ସିନେମା ହଲ ଖୋଲିବା ଲାଗି କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି। ମାତ୍ର ସଂକ୍ରମଣକୁ ଦୃଷ୍ଟିରେ ରଖି ସବୁ ରାଜ୍ୟରେ ସରକାର ସିନେମା ହଲ ଖୋଲିବା ସପକ୍ଷରେ ନାହାନ୍ତି । ଅବଶ୍ୟ କିଛି ରାଜ୍ୟରେ ସିନେମା ହଲ ଖୋଲିବ ବୋଲି କୁହାଯାଉଛି । ଆଉ ବଲିଉଡ୍ ଫିଲ୍ମ ଭାବେ 'ଇନ୍ଦୁ କି ଜୱାନି' ପ୍ରଥମେ ରିଲିଜ ହେବ ବୋଲି ଚର୍ଚ୍ଚା ଜୋର ଧରିଛି । ଏ ବିଷୟ ଜାଣିବା ପରେ କିଆରାଙ୍କ ମନ ଆକାଶରେ ଉଡୁଛି। କାରଣ ଏତେ ଦିନ ପରେ ତାଙ୍କ ଆଶା ପୂରଣ ହେବାକୁ ଯାଉଛି। ତଥାପି ଆଶା ଆଶଙ୍କାରେ କିଆରାଙ୍କ ସମୟ ଏଇନେ ବିତୁଛି। ତେବେ ଏହି ଫିଲ୍ମ ରିଲିଜ ହେବା ପରେ ଅନ୍ୟ ପ୍ରଯୋଜକମାନେ ଜାଣିନେବେ ଯେ ସିନେମା ହଲ ଖୋଲିବା ପରେ ଦର୍ଶକଙ୍କ ରେସପନ୍ସ କିପରି ରହୁଛି ।



# ବାକ୍ସରେ ମରିଗଲେ ୪୦୦୦ ଜନ୍ତୁ

ବେଜିଂ: ଚାଇନାରେ ଜୀବ ନୃଶଂସତାର ଏକ ଛାତିଥରା ଘଟଣା ପଦାକୁ ଆସିଛି। ଏକ ଶିପିଂ କମ୍ପାନୀ ଡିପୋରେ ଅନ୍‌ଲାଇନ୍ ବିକ୍ରି ଲାଗି ବାକ୍ସରେ ରଖାଯାଇଥିବା ୪୦୦୦ ପୋଷାଜନ୍ତୁ ଅଣନିଃଶ୍ୱାସୀ ହୋଇ ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରେ କୁକୁର, ବିରାଡ଼ି, ଠେକୁଆ, ଗିନିପିଗ୍ ଭଳି ଜୀବ ଅଛନ୍ତି। ଉଦ୍ଧାରକାରୀ ୧୦୦୦ରୁ ଊର୍ଦ୍ଧ୍ୱ ପ୍ରାଣୀଙ୍କୁ ବଞ୍ଚାଇବାରେ ସମର୍ଥ ହୋଇଛନ୍ତି।

ଚାଇନା ଗଣମାଧ୍ୟମରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ହେନାନ ପ୍ରଦେଶ ଅନ୍ତର୍ଗତ ଲୁଓହେ ସହରସ୍ଥିତ ଶିପିଂ କମ୍ପାନୀ 'ୟୁଣ୍ଡା'ର ଡିପୋରେ ଏହି ଦୁଃଖଦ ଘଟଣା ଘଟିଛି। ୟୁଟୋପିଆ ଆନିମଲ ରେସକ୍ୟୁ ଟିମ୍‌ର ଜଣେ ସଦସ୍ୟ କହିଛନ୍ତି, କୌଣସି ସୂତ୍ରରୁ ସୂଚନା ମିଳିବା ପରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେତେବେଳକୁ ଏକ ସ୍ଥାନରେ ପୋଷାଜୀବ ଥିବା ବାକ୍ସଗୁଡ଼ିକ ଲଦାଲଦି କରି ରଖାଯାଇଥିଲା। କାର୍ଡବୋର୍ଡ ଭିତରେ ଅନେକ ପ୍ରାଣୀ ମରି ଶଢ଼ିବାକୁ ଲାଗିଥିଲେ। ଗନ୍ଧରେ ପୂରା ଡିପୋ ଫାଟି ପଡୁଥିଲା। ଏବେ ଅନ୍‌ଲାଇନରେ କାରବାର ବଢ଼ିବାରେ ଲାଗିଛି। ଜୀବନ୍ତ ପ୍ରାଣୀଙ୍କୁ ପାର୍ସଲ କରିବା ବେଳେ ଖାସ୍ ଧ୍ୟାନ ରଖିବାକୁ ପଡ଼ିବ। ହେଲେ କୋରିୟର କମ୍ପାନୀଙ୍କ ଅବହେଳା ଯୋଗୁ ଅନେକ ସମୟରେ ଜନ୍ତୁ ମୃତ୍ୟୁମୁଖରେ ପଡୁଛନ୍ତି, ଯାହାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି ପ୍ରାଣୀପ୍ରେମୀ। ପୂର୍ବ ଚାଇନାର ଅନହୁଇ ପ୍ରଦେଶର ଏକ ପ୍ରଜନନ ଫାର୍ମରୁ ପାଖାପାଖି ସପ୍ତାହେ ତଳେ ସମ୍ପୃକ୍ତ ପ୍ରାଣୀଙ୍କୁ ଅଣାଯାଇ ବାକ୍ସ ଭିତରେ ରଖାଯାଇଥିଲା। ସେମାନଙ୍କୁ ତଦାରଖ କରାଯାଇ ନ ଥିଲା। ଖାଦ୍ୟାଭାବ ଏବଂ ଅଣନିଃଶ୍ୱାସୀ ହୋଇ ସେମାନେ ମରିଯାଇଥିବା ଅନୁମାନ କରାଯାଇଛି। ଉଦ୍ଧାର ପ୍ରାଣୀଙ୍କୁ ଚିକିତ୍ସା ଲାଗି ପଠାଯାଇଛି। 'ୟୁଟୋପିଆ'ର ପ୍ରତିଷ୍ଠାତା ସିଷ୍ଟର ହୁଆ କହିଛନ୍ତି, ଏହି ଘଟଣା ଜୀବନ୍ତ ନର୍କ।

ଚାଇନାରେ ପ୍ରାଣୀଙ୍କୁ ପାର୍ସଲ କରିବା ସମୟରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ନିୟମ ରହିଛି। ସାଧାରଣ ଭାବେ ଜୀବନ୍ତ ପ୍ରାଣୀଙ୍କୁ ପ୍ୟାକେଜିଂ କରି ବିକ୍ରୟ କରିବା ବେଆଇନ। ତେବେ ଏହି ନିୟମ ବେଶ୍ ପୁରୁଣା ହୋଇଥିବାରୁ ଅଭିଯୁକ୍ତଙ୍କୁ ଦଣ୍ଡଦେବା କାଠିକର ପାଠ ବୋଲି ଜଣେ ଆଇନ ବିଶେଷଜ୍ଞ କହିଛନ୍ତି। ସେହିପରି ଶିପିଂ କମ୍ପାନୀ ପକ୍ଷରୁ ଘଟଣା ସମ୍ପର୍କରେ କୌଣସି ସୂଚନା ନ ଥିବା କୁହାଯାଇଛି। ତେବେ ଛିଦ୍ରଯୁକ୍ତ ବକ୍ସରେ ପ୍ରାଣୀଙ୍କୁ ପାର୍ସଲ ପାଇଁ ରଖାଯାଇଥିବା କଥାକୁ କମ୍ପାନୀ କର୍ତ୍ତୃପକ୍ଷ ସ୍ୱୀକାର କରିଛନ୍ତି।



**ଅନ୍‌ଲାଇନ୍ ବ୍ୟବସାୟର ଛାତିଥରା ଦୃଶ୍ୟ**

# ଅନିଲଙ୍କ ଅର୍ଗାନିକ୍ ଗାର୍ଡେନ

**ତ୍ରିଶୂର(କେରଳ):** ଲକ୍‌ଡାଉନରେ କାମ ହରାଇଥିଲେ। ହେଲେ ବେକାର ହୋଇ ବସିପାରି ନ ଥିଲେ। ଟୁରିଷ୍ଟ ବସ୍ ଡ୍ରାଇଭର ଭାବେ କାମ କରୁଥିବା କେରଳର ତ୍ରିଶୂର ଜିଲା ପେରିଞ୍ଜନମ୍ ପଞ୍ଚାୟତ ଅଧୀନ ୧୫ ନଂ. ୱାର୍ଡ ଅଞ୍ଚଳର ଅନିଲ କୁମାର ନିଜକୁ ଚାଷକାମରେ ନିୟୋଜିତ ରଖିଥିଲେ। ତେବେ ସେ ନିଜ ଜମିରେ ଚାଷ କରୁନାହାନ୍ତି। ସର୍ବସାଧାରଣ ରାସ୍ତାର ଉଭୟ ପାର୍ଶ୍ୱକୁ ସଫାକରି ସେଠାରେ ଜୈବିକ ପ୍ରଣାଳୀରେ ବିଭିନ୍ନ ପରିବା ଏବଂ ଧାନଚାଷ କରିଛନ୍ତି। ରାସ୍ତାର ଗୋଟିଏ ପାର୍ଶ୍ୱରେ ଧାନଚାଷ ଏବଂ ଅନ୍ୟ ପାର୍ଶ୍ୱରେ ବିଭିନ୍ନ ପରିବା ଗଛ ଲଗାଇଛନ୍ତି। ମହତ୍ତ୍ୱପୂର୍ଣ୍ଣ ବିଷୟ ହେଲା, ଅନିଲ କେବଳ ନିଜ ପାଇଁ କିମ୍ବା ବିକ୍ରି କରିବାକୁ ଚାଷ କରୁନାହାନ୍ତି। ନିଜ ପରିଶ୍ରମରେ କରିଥିବା ସୁନ୍ଦର ଅର୍ଗାନିକ ଗାର୍ଡେନକୁ ସେ ସମସ୍ତଙ୍କ ପାଇଁ ମୁକ୍ତ କରିଛନ୍ତି। ରାସ୍ତାକଡ଼ରେ ଯାଉଥିବା ଯେକୌଣସି ବ୍ୟକ୍ତି ଏଠାରୁ ମାଗଣାରେ ପରିବା ତୋଳି ନେଇପାରିବେ। ଅନିଲଙ୍କ ବଗିଚା ପଞ୍ଚାୟତର କୌଣସି ପ୍ରକଳ୍ପ ନୁହେଁ ବରଂ ତାଙ୍କ ନିଜ ଉଦ୍ୟମର ଫଳ। ୩ ବର୍ଷ ତଳୁ ସେ ଚାଷ କରିବା ପାଇଁ ମନ ବଳାଇଥିଲେ। ହେଲେ ଲକ୍‌ଡାଉନ ତାଙ୍କ ଆଶା ପୂରଣ କରିଥିଲା। କୃଷି ବିଭାଗରୁ କିଛି ମଞ୍ଜି ପାଇଥିବାବେଳେ ଘରେ ସେ ନିଜେ ଜୈବିକ ଖତ ପ୍ରସ୍ତୁତ କରିଥିଲେ। ରାସ୍ତା ପାର୍ଶ୍ୱର ମାଟି ସଫା କରିବା ସହ ମାଟିକୁ ଉର୍ବରକରି ସେ ବିଭିନ୍ନ ଉତ୍ତମ କିସମର ପରିବା ମଞ୍ଜି ଆଣି ପୋତିଥିଲେ। ରାସ୍ତାକଡ଼ରେ ଚାଷ କରୁଥିବାରୁ ମାଟି ଧୋଇ ନ ଯିବା ପାଇଁ ସେ ରୁଫ୍ ଟାଇଲ୍‌ସଗୁଡ଼ିକୁ ବ୍ୟବହାରକରି ଗଛଗୁଡ଼ିକୁ ସୁରକ୍ଷା ଦେଇଥିଲେ। ଲକ୍‌ଡାଉନ ସମୟରେ ବେରୋଜଗାର ହୋଇ ଅନିଲଙ୍କୁ ବହୁ ସଂଘର୍ଷ କରିବାକୁ ପଡ଼ିଥିଲା। ଏହି ଚାଷ କାର୍ଯ୍ୟ ଅନ୍ତତଃ ବିନା ଖର୍ଚ୍ଚରେ ଖାଦ୍ୟ ଯୋଗାଇଛି। ପେସାରେ ଜଣେ ଚାଷୀ ହୋଇ ନ ଥିଲେ ମଧ୍ୟ ଏହା ତାଙ୍କୁ ଆନନ୍ଦ ଦେଇଛି ବୋଲି ସେ କୁହନ୍ତି। ଏହି ଉପାୟ ଅନ୍ୟମାନେ ମଧ୍ୟ ଆପଣାଇପାରିବେ ବୋଲି ଅନିଲ ଉତ୍ସାହିତ କରି କହିଛନ୍ତି।



# ଘୋଡ଼ାଙ୍କ ବିଳାସମୟ ଜୀବନ

**ନୂଆଦିଲ୍ଲୀ:** ଘୋଡ଼ାମାନେ ବି ରହନ୍ତି ଆଲିଶାନ୍ ବଙ୍ଗଳାରେ। ସେମାନଙ୍କ ପାଇଁ ସ୍ୱତନ୍ତ୍ର ସୁଇମିଂ ପୁଲ୍, ସ୍ୱତନ୍ତ୍ର ପଶୁ ଚିକିତ୍ସକ ଆଉ ରହିଛି ସମସ୍ତ ଆଧୁନିକ ସୁବିଧାସୁଯୋଗ। ଏମିତିକି ଏଠାରେ ଘୋଡ଼ାମାନେ ମଣିଷଙ୍କ ଠାରୁ ବି ଅଧିକ ସୁବିଧାସୁଯୋଗ ଥିବା ବିଳାସମୟ ଜୀବନ ବିତାଇଥାନ୍ତି। ଘୋଡ଼ାମାନଙ୍କ ପାଇଁ ଏମିତି ବିଶେଷ ସୁବିଧା ମିଳୁଥିବା ସ୍ଥାନଟି ହେଉଛି ସାଉଦି ଆରବର ଅଲ୍-ଅହସା।

ଖାସ୍ କିସମର ଘୋଡ଼ାମାନଙ୍କ ପାଇଁ ଅଲ୍-ଅହସାର ସ୍ୱତନ୍ତ୍ର ପରିଚୟ ରହିଛି। ଏଠାରେ ବହୁ ଅଧିକ ସଂଖ୍ୟାରେ ଘୋଡ଼ା ପାଳନ କରାଯାଏ। ଏଠାରେ ଘୋଡ଼ାମାନଙ୍କୁ ମଣିଷଙ୍କ ଭଳି ଆରାମଦାୟକ ଜୀବନ ବଞ୍ଚିବାର ସୁଯୋଗ ଦିଆଯାଇଥାଏ। ଘୋଡ଼ା ପାଳନ ନିମନ୍ତେ ଏହି ଅଞ୍ଚଳର ସ୍ୱତନ୍ତ୍ର ପରିଚୟ ବି ରହିଛି। ବିଶେଷକରି ନୀଳ ରଙ୍ଗର ଘୋଡ଼ାମାନଙ୍କ ପାଇଁ ଏଠି ସବୁପ୍ରକାରର ସୁବିଧା ସୁଯୋଗ ଦିଆଯାଇଥାଏ। ଘୋଡ଼ାମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଥିବା ଘର ତିଆରି କରାଯାଇଥାଏ। ଏମାନଙ୍କ ପାଇଁ ପ୍ରତି ମୁହୂର୍ତ୍ତରେ ପଶୁ ଚିକିତ୍ସକ ଜଗି ରହିଥାନ୍ତି। ଘୋଡ଼ାମାନଙ୍କର ଏଭଳି ଲାଇଫ୍ ଷ୍ଟାଇଲକୁ ନେଇ ଢେର୍ ଚର୍ଚ୍ଚା ବି ହୋଇଥାଏ। ତେବେ ଏଠାରେ ଏହି ନୀଳ ଘୋଡ଼ାମାନଙ୍କ ପାଇଁ କିଛି ଦିନ ତଳେ ତିଆରି ହୋଇଛି ଏକ ସୁନ୍ଦର ସୁଇମିଂ ପୁଲ୍। ଘୋଡ଼ାମାନଙ୍କର ମାଂସପେଶୀକୁ ମଜଭୁତ କରିବା ପାଇଁ ଏହି ସୁଇମିଂ ପୁଲ୍ ତିଆରି କରାଯାଇଥିବା କୁହାଯାଇଛି। ଅଲ-ଅହସାରେ ସୈନ୍ୟବଳ ମଧ୍ୟରେ ଘୋଡ଼ାମାନଙ୍କର ବିଶେଷ ଭୂମିକା ରହିଥାଏ। ପ୍ରତି ଅଶ୍ୱବଳରେ ୨୦ଟି ଲେଖାଏଁ ଘୋଡ଼ା ରହିଥାନ୍ତି। ଖାଲି ସେତିକି ନୁହେଁ, ଘୋଡ଼ାଙ୍କୁ ନେଇ ଏଠାରେ ଆହୁରି ବିଭିନ୍ନ ପ୍ରକାରର ଉତ୍ସବ ହୋଇଥାଏ। ସେଥିପାଇଁ ଘୋଡ଼ାମାନଙ୍କୁ ଏଠାରେ ବିଶେଷ ଗୁରୁତ୍ୱ ଦିଆଯାଏ। ଏହି ବର୍ଷ ଠାରୁ ସାଉଦି ଆରବରେ ବିଶେଷ ଭାବରେ ହର୍ସ ରାଇଡିଂ ଖେଳର ଆୟୋଜନ ଆରମ୍ଭ ହୋଇଛି। ତେଣୁ ଘୋଡ଼ାଙ୍କର ଗୁରୁତ୍ୱ ଏଠାରେ ଆହୁରି ବୃଦ୍ଧି ପାଇଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩,୪୬,୨୫,୬୯୯ | ୧୦,୨୯,୭୫୨ | ୨,୫୭,୭୪,୭୨୫ |
| ଭାରତ | ୬୪,୩୮,୯୭୮ | ୧,୦୦,୩୨୩ | ୫୩,୯୩,୭୩୭ |
| ଓଡ଼ିଶା | ୨,୨୬,୩୩୪ | ୮୭୫(+୫୩) | ୧,୯୪,୧୨୮ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

**ସଂକ୍ଷେପରେ**

## ଶ୍ରମ କୋଡ୍ ବିଲ୍‌କୁ ବିରୋଧ:୨୬ ନଭେମ୍ବରରେ ଦିନିକିଆ ଧର୍ମଘଟ

**ନୂଆଦିଲ୍ଲୀ,୨।୧୦:** ଶ୍ରମ କୋଡ୍ ବିଲ୍‌କୁ ନିକଟରେ ସଂସଦର ଅନୁମୋଦନ ମିଳିଛି। ଏହାକୁ ବିରୋଧକରି ଦେଶର ଶ୍ରମ ସଙ୍ଗଠନଗୁଡ଼ିକ ନଭେମ୍ବର ୨୬ରେ ଦେଶବ୍ୟାପୀ ଦିନିକିଆ ଧର୍ମଘଟ ଡାକରା ଦେଇଛନ୍ତି। ଆୟକର ପ୍ରଦାନ କରିବାକୁ ସକ୍ଷମ ନ ଥିବା ପରିବାରଗୁଡ଼ିକୁ ସରକାର ସିଧାସଳଖ ବ୍ୟାଙ୍କଖାତାକୁ ଅର୍ଥରାଶି ପ୍ରେରଣ କରିବା ନେଇ ସଙ୍ଗଠନଗୁଡିକ ଦାବି ଉଠାଇଛନ୍ତି। ନୂଆ ଶ୍ରମ କୋଡ୍ ଦ୍ୱାରା ସଂସ୍ଥାଗୁଡିକ ଶ୍ରମିକଙ୍କ ଉପରେ ଜୋର ଜବରଦସ୍ତି କରିବା ସହ ଦାସତ୍ୱ ଭଳି ପ୍ରଥା ପୁଣି ଥରେ ଦେଖିବାକୁ ମିଳିବ ବୋଲି ଦାବିରେ କୁହାଯାଇଛି। ସେହିଭଳି ଧର୍ମଘଟ କରିବା ଅଧିକାରକୁ ମଧ ନୂଆ ଆଇନରେ ଛଡ଼ାଇ ନିଆଯାଇଛି। ନୂଆ ଆଇନରେ ଅଣସଙ୍ଗଠିତ କ୍ଷେତ୍ରଗୁଡିକର ଶ୍ରମିକଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ସରକାର ଯେଉଁ ୩ ଶ୍ରମ କୋଡ୍ ବିଲ୍‌କୁ ପାସ୍ କରାଇଛନ୍ତି, ତାହା ଅଗଣତାନ୍ତ୍ରିକ। ବିରୋଧୀ ଦଳର ଅନୁପସ୍ଥିତିରେ ଏହାକୁ ସରକାର ପାସ୍ କରାଇଥିବାରୁ ସଙ୍ଗଠନଗୁଡିକ ଏହାକୁ ବିରୋଧ କରିଛନ୍ତି। ଶ୍ରମିକ ସଙ୍ଗଠନଗୁଡ଼ିକର ଏହି ଧର୍ମଘଟ ଡାକରାରେ ଆର୍‌ଏସ୍‌ଏସ୍ ସହବନ୍ଧିତ ଭାରତୀୟ ମଜଦୁର ସଂଘ ସାମିଲ ହେବ ନାହିଁ ବୋଲି ଜଣାପଡ଼ିଛି। ଆୟକର ପରିସରରେ ଆସୁ ନ ଥିବା ପରିବାରଗୁଡିକୁ ମାସିକ ୭,୫୦୦ ଟଙ୍କା ପ୍ରଦାନ, ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅଧିକ କାମ ଯୋଗାଣ, ଶ୍ରମ କୋଡ୍ ଏବଂ ଫାର୍ମ ବିଲ୍‌କୁ ପ୍ରତ୍ୟାହାର ଭଳି ଅନ୍ୟ ଦାବି ରଖାଯାଇଛି।

# ରୋଗୀ ମୃତ୍ୟୁକୁ ନେଇ ମେଡିକାଲରେ ଉତ୍ତେଜନା

ଭଦ୍ରକ ଅଫିସ, ୨।୧୦

ଭଦ୍ରକ ଜିଲା ମୁଖ୍ୟ ଡାକ୍ତରଖାନାରେ ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ଶୁକ୍ରବାର ଅପରାହ୍ନରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ସମ୍ପର୍କୀୟମାନେ ମେଡିକାଲ ପରିସରରେ ହୋହଲ୍ଲା କରିବା ସହ କର୍ମଚାରୀଙ୍କୁ ଠେଲାପେଲା କରିଥିବା ଅଭିଯୋଗ ହୋଇଛି। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ସୂଚନା ଅନୁଯାୟୀ, ଧୂଷୁରୀ ଥାନା ଠାକୁରପାଟଣା ଗାଁର ଅବସରପ୍ରାପ୍ତ ସେନା କର୍ମଚାରୀ ସତ୍ୟେନ୍ଦୁ ମଲିକ ଗଡ଼ିଆରେ ପଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ ଧୂଷୁରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ।



ମେଡିକାଲ ଆଉଟ୍ ଡୋର ନିକଟରେ ଲୋକେ ହୋହଲ୍ଲା କରୁଛନ୍ତି।

ତାଙ୍କ ଅବସ୍ଥା ଗୁରୁତର ଥିଲେ ମଧ କରୋନା ଆକ୍ରାନ୍ତ ସନ୍ଦେହରେ ଡାକ୍ତରଖାନା କର୍ମଚାରୀମାନେ ଚିକିତ୍ସା କ୍ଷେତ୍ରରେ ବିଳମ୍ବ କରିଥିଲେ। ଫଳରେ କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଚିକିତ୍ସାରେ ଅବହେଳା କରିଥିବା ଦର୍ଶାଇ ମୃତକଙ୍କ ପରିବାର ଓ ସମ୍ପର୍କୀୟମାନେ ମେଡିକାଲ କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଠେଲାପେଲା କରିଥିଲେ। ଏହାକୁ ନେଇ ମେଡିକାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ପରିବାର ଲୋକେ ଦୋଷୀ ଡାକ୍ତର ଓ କର୍ମଚାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଛନ୍ତି। ଗଣ୍ଡଗୋଳ ଆଶଙ୍କାରେ ମେଡିକାଲ ପରିସରରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

# ମମତାଙ୍କୁ ଆଲିଙ୍ଗନ କରିବାକୁ କହିଥିବା ଭାଜପା ନେତା ପଜିଟିଭ୍

କୋଲକାତା, ୨।୧୦(ପି.ଟି.)

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଆଲିଙ୍ଗନ ବା ହଗ୍ କରିବାକୁ କହିଥିବା ଭାଜପା ନେତା ତଥା ପୂର୍ବତନ ଏମପି ଅନୁପମ୍ ହାଜ୍‌ରା ଶୁକ୍ରବାର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଅନୁପମ୍‌ଙ୍କୁ କରୋନା ପଜିଟିଭ ହୋଇଥିବା ଜଣାପଡ଼ିବା ପରେ ତାଙ୍କୁ କୋଲ୍‌କାତାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କର କୋଭିଡ୍ ଟେଷ୍ଟ କରାଯାଇଥିଲା। ଗତ ରବିବାର ଅନୁପମ କହିଥିଲେ ଯେ, ଯଦି ତାଙ୍କୁ କରୋନା ହେବ, ତେବେ ସେ ମୁଖ୍ୟମନ୍ତ୍ରୀ ମମତାଙ୍କୁ ଆଲିଙ୍ଗନ କରିବେ। ଯାହାଫଳରେ ମମତା ବୁଝିପାରିବେ କରୋନା ସଂକ୍ରମିତ ସେମାନେ କେତେ କଷ୍ଟ ଭୋଗୁଛନ୍ତି। ଏପରି କି ଯେଉଁମାନେ କରୋନାରେ ମୃତ୍ୟୁବରଣ କରୁଛନ୍ତି, ତାଙ୍କ ପରିବାର କେଉଁଭଳି ଅବସ୍ଥାରେ ରହୁଛନ୍ତି। ଏହି ବିବାଦୀୟ ମନ୍ତବ୍ୟ ପରେ ତାଙ୍କ ବିରୋଧରେ ପୋଲିସରେ ଅଭିଯୋଗ ହୋଇଥିଲା। ତେବେ ଅନୁପମ୍‌ଙ୍କ ଏଭଳି ବିବାଦୀୟ ମନ୍ତବ୍ୟରୁ ଭାଜପାର ଅନ୍ୟନେତାମାନେ ନିଜକୁ ଦୂରେଇ ରଖିଛନ୍ତି। ପ୍ରକାଶ ଯେ, ନିକଟରେ ଭାଜପାରେ ରାଷ୍ଟ୍ରୀୟ ସମ୍ପାଦକଭାବେ ନିଯୁକ୍ତ ହୋଇଥିବା ଅନୁପମ୍ ପୂର୍ବରୁ ତୃଣମୂଳ କଂଗ୍ରେସରେ ଥିଲେ। ପରେ ୨୦୧୯ ଜାନୁୟାରୀରେ ସେ ଭାଜପାରେ ଯୋଗ ଦେଇଥିଲେ।

# ଯାନବାହନ ବିକ୍ରି ୨୨ % ବଢ଼ିଲା

ଭୁବନେଶ୍ୱର,୨।୧୦(ବ୍ୟୁରୋ)

ଲକ୍‌ଡାଉନ ଓ ଶଟ୍‌ଡାଉନ ଯୋଗୁ ଯାନବାହନ ବିକ୍ରି ଅତି ମାତ୍ରାରେ ପ୍ରଭାବିତ ହୋଇଥିଲା। ତେବେ ସେପ୍ଟେମ୍ବରରେ ୨୨ ପ୍ରତିଶତ ଅଧିକ ଯାନ ବିକ୍ରି ହୋଇଥିବା ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ ସେପ୍ଟେମ୍ବରରେ ୪୯ ହଜାର ଗାଡି ବିକ୍ରି ହୋଇଛି। ଲକ୍‌ଡାଉନ ଉଠିବା ପରେ ଜୁନ୍‌ରେ ୪୩,୩୧୯ ଯାନ ବିକ୍ରି ହୋଇଥିବା ବେଳେ ଜୁଲାଇରେ ଏହା ୩୯,୨୧୩କୁ ହ୍ରାସ ପାଇଥିଲା। ସେହିପରି ଅଗଷ୍ଟରେ ଯାନବାହନ ବିକ୍ରି ୪୦,୩୭ରେ ସୀମିତ ରହିଥିଲା। ସେପ୍ଟେମ୍ବରରେ ୯ ହଜାର ଅଧିକ ଗାଡି ବିକ୍ରି ହୋଇଛି। ସେଥିରୁ ୪.୮ ହଜାର ପରିବହନ ଯାନ ପଞ୍ଜୀକୃତ ହୋଇଥିବା ବେଳେ ୪୪ ହଜାର ଅଣପରିବହନ ଯାନ ଭାବେ ପଞ୍ଜୀକୃତ ହୋଇଥିବା ଏସ୍‌ଟିଏ ପକ୍ଷରୁ କୁହାଯାଇଛି। ସମୁଦାୟ ଯାନରୁ ୩୬ ହଜାର ଦୁଇ ଚକିଆ ହୋଇଥିବା ବେଳେ ୪,୨୫୭ କାର ୧,୫୬୯ଟି ଟ୍ରାକ୍ଟର ପଞ୍ଜୀକୃତ ହୋଇଛି। ଅକ୍ଟୋବର ଓ ନଭେମ୍ବରରେ ଦଶହରା ଓ ଦୀପାବଳି ଥିବାରୁ ଯାନବାହନ ବିକ୍ରି ବୃଦ୍ଧି ପାଇବ ବୋଲି ଏସ୍‌ଟିଏ ଆଶା ରଖିଛି।

**ସେପ୍ଟେମ୍ବରରେ ୪୯ ହଜାର ଗାଡ଼ି ପଞ୍ଜୀକୃତ**

# ଜାଲରେ ପଡ଼ିଲା ୨୨ କି.ଗ୍ରା.ର ତେଲିଆ ମାଛ

ଭଦ୍ରକ ଅଫିସ, ୨।୧୦

ଭଦ୍ରକ ଜିଲା ଧାମରା ଚନ୍ଦନୀପାଳରେ ମତ୍ସ୍ୟଜୀବୀଙ୍କ ଜାଲରେ ୨୨ କି.ଗ୍ରା. ଓଜନର ଏକ ତେଲିଆ ମାଛ ପଡ଼ିଥିଲା। ଶୁକ୍ରବାର କି.ଗ୍ରା ପିଛା ସାଢ଼େ ୬ ହଜାର ଦାମରେ ମୋଟ ୧ଲକ୍ଷ ୪୩ ହଜାର ଟଙ୍କାରେ ମାଛଟି ନିଲାମ ହୋଇଛି। କୋଲକାତାର ଜଣେ ମାଛ ବ୍ୟବସାୟୀ ଏହାକୁ କିଣିଛନ୍ତି। ତେବେ ମାଛଟି ଖାଇବା ଅପେକ୍ଷା ଏହାର ଅଧିକ ଔଷଧୀୟ ଗୁଣ ଥିବାରୁ ଏହାକୁ ଶିଳ୍ପ କ୍ଷେତ୍ରରେ ବେଶୀ ବ୍ୟବହାର କରାଯାଏ ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି।



ଜାଲରେ ପଡ଼ିଥିବା ମାଛ।

**STATE INSTITUTE OF HOTEL MANAGEMENT, BALANGIR**
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

**OPEN FOR SPOT ADMISSION**
**LIMITED SEATS ARE VACANT**

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English as one of the subject (Minimum 50% marks) | 25 Years as on 1st July 2020 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | 1½ Years | 10+2 pass or equivalent | |
| 3. Diploma In Food & Beverage Service | 1½ Years | 10+2 pass or equivalent | |
| 4. Diploma In Food Production | 1½ Years | 10+2 pass or equivalent | |
| 5. Diploma In Housekeeping | 1½ Years | 10+2 pass or equivalent | |
| 6. Craftsmanship Certificate Course In Food Production | 1½ Years | 10th pass | |

Candidates sponsored by the Industry or already working in the Industry, the maximum age limit is 30 years (further relaxable up to 3 years for SC/ST) (Only for Diploma & Certificate Course).

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No.9348849484, 6370180040, 9437140772, 9437030720

# ୧୧ ଜିଲାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨।୧୦ (ବ୍ୟୁରୋ)

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଦକ୍ଷିଣ ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ଶୁକ୍ରବାର ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ଉପକୂଳରେ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ, କେନ୍ଦୁଝର, ଗଞ୍ଜାମ ଏବଂ କନ୍ଧମାଳ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟରେ କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ବୌଦ୍ଧ, ଗଞ୍ଜାମ, ପୁରୀ, ସୋନପୁର, ନୟାଗଡ଼, ରାୟଗଡ଼ା, କେନ୍ଦୁଝର, ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ। ଆସନ୍ତା ୭ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୪୮ ଘଣ୍ଟା ମଧ୍ୟରେ ଚାନ୍ଦବାଲିରେ ସର୍ବାଧିକ ୪୮.୩ ମିଲିମିଟର ବର୍ଷା ହୋଇଛି। ସେହିପରି କଟକରେ ୩୭.୨, ପାରାଦୀପରେ ୧୨.୯, ଭୁବନେଶ୍ୱରରେ ୯.୨, ଗୋପାଳପୁରରେ ୧୯.୮, ପୁରୀରେ ୪୩.୩, ହୀରାକୁଦରେ ୨୧.୭, ତାଳଚେରରେ ୨୭, ଭବାନୀପାଟଣାରେ ୨୭, ବଲାଙ୍ଗୀରରେ ୩୮, ଫୁଲବାଣୀରେ ୧୦.୨, ମାଲକାନଗିରିରେ ୨୨, ଟିଟିଲାଗଡ଼ ୧୬.୪ ଏବଂ ନୟାଗଡ଼ରେ ୩୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।






## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଧା କର୍ମଚାରୀରେ ଷ୍ଟେଟ୍ ଫିଙ୍ଗର ପ୍ରିଣ୍ଟ ବ୍ୟୁରୋ

## ଏନ୍‌ସିଆର୍‌ବି ରିପୋର୍ଟରେ ଖରାପ ପ୍ରଦର୍ଶନ

- ତଦନ୍ତ, ଦୋଷୀସାବ୍ୟସ୍ତରେ ମିଳିପାରୁନି ଆଶାନୁରୂପ ସଫଳତା
- ମାତ୍ର ୧୬ ମାମଲାରେ ଘଟଣାସ୍ଥଳ ଫିଙ୍ଗର ପ୍ରିଣ୍ଟରୁ ଅଭିଯୁକ୍ତ ଧରାପଡିଛନ୍ତି
- ଅଭିଯୁକ୍ତଙ୍କ ଫିଙ୍ଗରପ୍ରିଣ୍ଟ ଚିହ୍ନଟରେ ପଞ୍ଜାବ, କେରଳ ବ୍ୟୁରୋ ଶୀର୍ଷରେ

**ଭୁବନେଶ୍ୱର,୨।୧୦(ବ୍ୟୁରୋ)**

ରାଜ୍ୟରେ ଏବେ ଅପରାଧ ବଢ଼ି ଚାଲିଛି। କିନ୍ତୁ ତଦନ୍ତରେ ବୈଜ୍ଞାନିକ ତଥା ଅତ୍ୟାଧୁନିକ ଜ୍ଞାନକୌଶଳର ଠିକ୍ ଉପଯୋଗ ହୋଇପାରୁ ନ ଥିବାରୁ ଅଧିକାଂଶ ମାମଲାରେ ଅପରାଧୀଙ୍କ ସୁରାକ ପାଇପାରୁନି ପୋଲିସ। ତେବେ ପୋଲିସକୁ ଅପରାଧୀଙ୍କ ସମ୍ପର୍କରେ ସୁରାକ ଦେଇଥାଏ ଅଙ୍ଗୁଠି ଚିହ୍ନ ବା ଫିଙ୍ଗର ପ୍ରିଣ୍ଟ। ତଦନ୍ତରେ ଏହା ହେଉଛି ଅପରାଧୀଙ୍କ ଅନ୍ୟତମ ଦୃଢ଼ ପ୍ରମାଣ। ଫିଙ୍ଗର ପ୍ରିଣ୍ଟ ବିଶେଷଜ୍ଞମାନେ ଅପରାଧ ଘଟିଥିବା ସ୍ଥାନକୁ ଯାଇ ପୋଲିସକୁ ତଦନ୍ତ ପ୍ରକ୍ରିୟାରେ ସହଯୋଗ କରିଥାନ୍ତି। ସେମାନେ ସେଠାରୁ ଫିଙ୍ଗର ପ୍ରିଣ୍ଟ ଚିହ୍ନ ସଂଗ୍ରହ କରିଥାନ୍ତି। ପରେ ଲାବୋରେଟୋରିରେ ଫିଙ୍ଗର ପ୍ରିଣ୍ଟ ଡାଟା ବେସ୍ ସହ ତାହାକୁ ମ୍ୟାଚ୍ କରି ଅପରାଧୀଙ୍କୁ ଚିହ୍ନଟ କରାଯିବାରେ ସହାୟକ ହୋଇଥାନ୍ତି। ମାତ୍ର ଓଡ଼ିଶାରେ ଥିବା ଷ୍ଟେଟ୍ ଫିଙ୍ଗର ପ୍ରିଣ୍ଟ ବ୍ୟୁରୋରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ ଠିକ୍ ଭାବେ କାର୍ଯ୍ୟ କରିପାରୁନି। ଫଳରେ ତଦନ୍ତ ବିଳମ୍ବିତ ହେବା ସହ ଅପରାଧୀମାନେ ଖସି ଯିବାକୁ ସୁଯୋଗ ପାଉଛନ୍ତି।

୧୯୩୬ ମସିହାରେ କଟକଠାରେ ସ୍ଥାପନ କରାଯାଇଥିଲା ଷ୍ଟେଟ୍ ଫିଙ୍ଗର ପ୍ରିଣ୍ଟ ବ୍ୟୁରୋ (ଏସ୍‌ଏଫପିବି)। ୧୯୭୦ରେ ଏହା ଭୁବନେଶ୍ୱର ରସୁଲଗଡ଼କୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି)-୨୦୧୯ ପ୍ରକାଶ ପାଇଥିବା ବାର୍ଷିକ ଫିଙ୍ଗର ପ୍ରିଣ୍ଟ ଇଣ୍ଡିଆ ରିପୋର୍ଟରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଫିଙ୍ଗର ପ୍ରିଣ୍ଟ ବ୍ୟୁରୋ ଖରାପ ପ୍ରଦର୍ଶନ କରିଛି। ଏହାର କାରଣ ମଧ୍ୟ ଉକ୍ତ ରିପୋର୍ଟରୁ ଜଣାପଡିଛି। ଓଡ଼ିଶାର ଏସ୍‌ଏଫ୍‌ପିବି ଓ ଜିଲାସ୍ତରୀୟ ବୋର୍ଡରେ ପ୍ରାୟ ୫୦ ପ୍ରତିଶତ ପଦବୀ ଖାଲି ପଡିଛି। ୨୦୧୮ରେ ମଧ ପଦବୀ ଖାଲି ପଡିଥିଲେ ମଧ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇନି। ଏବେ ୬୫ଟି ମଞ୍ଜୁରିପ୍ରାପ୍ତ ପଦବୀ ମଧ୍ୟରୁ ଫିଙ୍ଗର ପ୍ରିଣ୍ଟ ବିଶେଷଜ୍ଞ ଓ ଅନ୍ୟ ପଦବୀ ମିଶାଇ ମୋଟ ୩୦ଟି ପଦବୀ ରାଜ୍ୟରେ ଖାଲି ପଡିଛି। ଉକ୍ତ ରିପୋର୍ଟ ଅନୁଯାୟୀ, ୨୦୧୯ ଡିସେମ୍ବର ୩୧ ପର୍ଯ୍ୟନ୍ତ ଦୋଷୀସାବ୍ୟସ୍ତ ହୋଇଥିବା ୫୧ ହଜାର ୬୭୮ ବ୍ୟକ୍ତିଙ୍କ ଫିଙ୍ଗର ପ୍ରିଣ୍ଟ ଏସ୍‌ଏଫ୍‌ପିବିରେ ସଂଗୃହୀତ ହୋଇଛି। ତେବେ ୨୦୧୯ରେ ବିଭିନ୍ନ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିବା ୬୨ ଜଣଙ୍କ ଫିଙ୍ଗର ପ୍ରିଣ୍ଟ ଏସ୍‌ଏଫ୍‌ପିବି ଗ୍ରହଣ କରିଥିବାବେଳେ ସେଥିମଧ୍ୟରୁ ୩ଟି ତ୍ରୁଟିପୂର୍ଣ୍ଣ ଭାବେ କାଟି ଦିଆଯାଇଥିଲା ଓ ୫୯ଟିକୁ ଭବିଷ୍ୟତ ପାଇଁ ଡାଟା ବେସ୍‌ରେ ଗଚ୍ଛିତ ରଖାଯାଇଛି।

ସେହିଭଳି ୨୦୧୮ ପର୍ଯ୍ୟନ୍ତ ୧ଲକ୍ଷ ୬୭ହଜାର ୪୬୬ଟି ଫିଙ୍ଗର ପ୍ରିଣ୍ଟ ଡାଟା ରହିଥିଲା। ୨୦୧୯ରେ ରାଜ୍ୟର ବିଭିନ୍ନ ଥାନାରୁ ଗିରଫ ୭୫୯୧ ଅଭିଯୁକ୍ତଙ୍କ ଫିଙ୍ଗର ପ୍ରିଣ୍ଟ ଏସ୍‌ଏଫ୍‌ପିବିକୁ ପଠାଯାଇଥିଲା। ଫଳରେ ବର୍ତ୍ତମାନ ୧ଲକ୍ଷ ୭୪ହଜାର ୬୨୦ ଫିଙ୍ଗର ପ୍ରିଣ୍ଟ ଡାଟା ଚିହ୍ନଟ ପାଇଁ ରହିଛି। ତେବେ ଏସ୍‌ଏଫ୍‌ପିବି ଓଡ଼ିଶାରେ ୫୧୫ ମାମଲାରେ ଅଭିଯୁକ୍ତଙ୍କ ଅତୀତର ଆପରାଧିକ ରେକର୍ଡରୁ ଚିହ୍ନିବାରେ ସଫଳ ହୋଇଛି। ଅନ୍ୟପକ୍ଷରେ ଗୁଜରାଟ ଏସ୍‌ଏଫ୍‌ପିବି ୨୦୧୯ରେ ଦେଶର ସର୍ବାଧିକ ୬୯,୬୩୬ ମାମଲାରେ ଫିଙ୍ଗର ପ୍ରିଣ୍ଟରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି। ଏହା ତଳକୁ ତାମିଲନାଡୁ ବ୍ୟୁରୋ ୧୧ ହଜାର ୫୨୪ ଓ ଦିଲ୍ଲୀ ଏସ୍‌ଏଫ୍‌ପିବି ୮ହଜାର ୫୧୭ ଚିହ୍ନଟ କରିଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ ରହିଛି।

ସେହିପରି ଓଡ଼ିଶାର ବିଶେଷଜ୍ଞମାନେ ୨୦୧୯ରେ ଅପରାଧ ଘଟିଥିବା ସ୍ଥାନରୁ ସଂଗୃହୀତ ୭୫୮ ଫିଙ୍ଗର ପ୍ରିଣ୍ଟକୁ ସର୍ଚ୍ଚ କରିଥିଲେ। ମାତ୍ର ୧୬ଟି ମାମଲାରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ବିଶେଷଜ୍ଞମାନେ ପୋଲିସକୁ ସହଯୋଗ କରିଥିଲେ। ସେହିଭଳି ବ୍ୟାଙ୍କ ଓ ଭିଜିଲାନ୍ସ ସଂସ୍ଥା ୧୫ଟି ମାମଲାରେ ଫିଙ୍ଗର ପ୍ରିଣ୍ଟ ଯାଞ୍ଚ ପାଇଁ ପଠାଇଥିଲେ। ସେଥିରୁ ୪ଟିରେ ଅଭିଯୁକ୍ତଙ୍କୁ ଧରିବାରେ ସଫଳତା ମିଳିଥିଲା। କିନ୍ତୁ ଏହି ସମୟ ମଧ୍ୟରେ ଆନ୍ଧ୍ରପ୍ରଦେଶର ଫିଙ୍ଗର ପ୍ରିଣ୍ଟ ବିଶେଷଜ୍ଞମାନେ ୫୧୨ ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ସହଯୋଗ କରିଥିବାବେଳେ କର୍ଣ୍ଣାଟକ ୩୯୯, କେରଳ ୪୦୨, ତାମିଲନାଡୁ ୩୪୨ ଏବଂ ତେଲାଙ୍ଗାନା ଏସ୍‌ଏଫ୍‌ପିବିର ବିଶେଷଜ୍ଞମାନେ ୩୫୦ ମାମଲାରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ସଫଳ ହୋଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ଯନ୍ତରମନ୍ତରରେ ଜୋର୍‌ଦାର ...

ପ୍ରଥମ ପୃଷ୍ଠାରୁ...

ସମାଲୋଚନା କରାଯାଉଥିବାବେଳେ ମହିଳାଙ୍କ ସୁରକ୍ଷା ଲାଗି ସରକାର ବଦ୍ଧପରିକର ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୁକ୍ରବାର ପ୍ରକାଶ କରିଛନ୍ତି। ସବୁ ମା' ଓ ଭଉଣୀଙ୍କ ନିରାପତ୍ତା ଓ ଉନ୍ନତି ରାଜ୍ୟ ସରକାର ଚାହାନ୍ତି ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି। ଗୁରୁବାର ମୃତ ମହିଳାଙ୍କ ପରିବାର ସହ ସେ ଭିଡିଓ କଲ ମାଧ୍ୟମରେ କଥାହୋଇ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ, ଘର ଓ ପରିବାରର ଜଣକୁ ସରକାରୀ ଚାକିରି ଦେବାକୁ କହିଥିଲେ। ଅନ୍ୟପକ୍ଷରେ ହାଥରସ ମାମଲାରେ ଯୋଗୀ ସରକାର ଡିଏସପି ଏବଂ ଏସପିଙ୍କୁ ନିଲମ୍ବିତ କରିଛନ୍ତି। ଏଥିସହିତ ଇନ୍ସପେକ୍ଟରଙ୍କ ସହ କିଛି ପୋଲିସ କର୍ମଚାରୀ ମଧ ନିଲମ୍ବିତ ହୋଇଛନ୍ତି। ଡିଏସ୍‌ପି ଏବଂ ଏସପିଙ୍କ ନାର୍କୋ ପଲିଗ୍ରାଫ ପରୀକ୍ଷା କରାଯିବ ବୋଲି ଯୋଗୀ ସରକାର ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଥମିକ ତଦନ୍ତ ତଦନ୍ତ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏ ନେଇ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି।

### ଡୋନାଲ୍ଡ ଟ୍ରମ୍ପ, ମେଲାନିଆଙ୍କୁ ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୋନାରେ ଆକ୍ରାନ୍ତ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏବଂ ତାଙ୍କ ସ୍ତ୍ରୀ ମେଲାନିଆ ଟ୍ରମ୍ପଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏନେଇ ମୋଦି ଟୁଇଟ କରି ମୋ ବନ୍ଧୁ ଶୀଘ୍ର କରୋନାରୁ ଆରୋଗ୍ୟ ଲାଭ କରିବା ସହ ସୁସ୍ଥ ହୁଅନ୍ତୁ ବୋଲି ଉଲ୍ଲେଖ କରିଛନ୍ତି।

ପ୍ରକାଶ ଯେ, ଆସନ୍ତା ନଭେମ୍ବର ୩ରେ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ହେବ। ଏଭଳିସ୍ଥିତିରେ ଟ୍ରମ୍ପ କରୋନା ଆକ୍ରାନ୍ତ ହେବା ତାଙ୍କ ପ୍ରଚାର କାମରେ ବିଶେଷଭାବେ ବାଧା ସୃଷ୍ଟି କରିପାରେ। ଆମେରିକାରେ ଏବେ ମଧ କରୋନା ସଂକ୍ରମଣ ଜଟିଳ ସ୍ଥିତିରେ ଅଛି। କରୋନାରେ ଇତିମଧରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଲେଣି। ଏହା ସତ୍ତ୍ୱେ ସାମାଜିକ କଟକଣାକୁ ଗୁରୁତ୍ୱ ଦିଆଯାଉ ନାହିଁ। ଟ୍ରମ୍ପଙ୍କ ପ୍ରଚାର ସମୟରେ ଶହଶହ ଲୋକ ବିନା ମାସ୍କ ଓ ସାମାଜିକ ଦୂରତାରେ ଏକାଠି ହେଉଛନ୍ତି।

### ପ୍ରକଳ୍ପ ପାଇଁ ଉଜୁଡୁଛି ...

ବିଧାନସଭାକୁ ଦେଇଥିବା ତଥ୍ୟ ଅନୁଯାୟୀ ୨୦୧୯ ସୁଦ୍ଧା ରାଜ୍ୟରେ ୫୧ ହଜାର ୬୧୯ ବର୍ଗ କି.ମି. ଜଙ୍ଗଲ ରହିଛି। ଖାଲି ସେତିକି ନୁହେଁ, ୨୦୧୭ ତୁଳନାରେ ୨୦୧୯ରେ ୨୭୪ ବର୍ଗ କି.ମି. ଜଙ୍ଗଲ ବଢିଛି। ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ୨୦୧୯ ଆକଳନ ଅନୁଯାୟୀ ରାଜ୍ୟରେ ଜଙ୍ଗଲ ଆଚ୍ଛାଦନ ପରିମାଣ ୫୧,୬୧୯ କ.ମି. ଏବଂ ବୃକ୍ଷ ଆଚ୍ଛାଦନ ପରିମାଣ ୪ ହଜାର ୬୪୮ ବର୍ଗ କି.ମି ରହିଛି। ଏ ସବୁକୁ ମିଶାଇ ରାଜ୍ୟରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦନ ପରିମାଣ ୫୬ ହଜାର ୨୬୭ ବର୍ଗ କି.ମି ରହିଥିବା ସେ କହିଛନ୍ତି। ତେବେ ୧୪ଟି ପ୍ରକଳ୍ପ ପାଇଁ ୪ ହଜାର ହେକ୍ଟର ଜଙ୍ଗଲ ଜମି ନଷ୍ଟ ହେବା ସମ୍ପର୍କରେ ମନ୍ତ୍ରୀ କହିଛନ୍ତି, ମୋ ପାଖରେ ସେମିତି କିଛି ତଥ୍ୟ ନାହିଁ।

# ଯୁବକଙ୍କୁ ପିଟି ପିଟି ହତ୍ୟା

- ହତ୍ୟାକାଣ୍ଡର ଭିଡିଓ ଭାଇରାଲ୍
- ଜଣଙ୍କୁ ଅଟକ ରଖି ପଚରାଉଚରା

**ଭଦ୍ରକ ଅଫିସ,୨।୧୦**

ଭଦ୍ରକ ଗ୍ରାମାଞ୍ଚଳ ଥାନା ବଗମରା ଆଦିବାସୀ ସାହିର ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ହତ୍ୟାକାଣ୍ଡର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଜିଲାରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ପୋଲିସ ଏକ ହତ୍ୟା ମାମଲା (ନଂ.୫୮୧/୨୦) ରୁଜୁ କରି ଥାନାରେ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ମୃତ ଯୁବକ ହେଲେ କଟିଆ ମୁର୍ମୁ। ଗୁରୁବାର ସନ୍ଧ୍ୟାରେ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ କହିଥିବାବେଳେ ହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ।

ସୂଚନା ଅନୁଯାୟୀ, ଶୁକ୍ରବାର ସକାଳୁ କଟିଆଙ୍କ ମୃତଦେହ ଏକ ବୁଦା ମୂଳେ ପଡ଼ିଥିବା ଦେଖିବାକୁ ମିଳିଥିଲା। ବାଡ଼ିରେ ପିଟିପିଟି ତାଙ୍କୁ ହତ୍ୟା କରାଯାଇଥିବା ଏକ ଭିଡିଓ ଭାଇରାଲ ହେବା ପରେ ପରିବାର ଲୋକ ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ଜାରି ରହିଥିବାରୁ ଅଧିକ ତଥ୍ୟ ଦେବାକୁ ଥାନାଧିକାରୀ ଆଲୋକ କୁମାର ଜେନା ମନା କରି ଦେଇଛନ୍ତି।


# classifieds Everyday
0674-2580101, 2549302





**SALE**

ଘରବାରି ବାଉଣ୍ଡରୀ ଚାଲୁଥିବା କୁକୁଡ଼ା ଫାର୍ମ 30,000 ସମସ୍ତ ଫାର୍ମ ସରଞ୍ଜାମ ଅଫିସ ଦୁଇ ମହଲା ଘର ୩୦୦୦ବର୍ଗ ଫୁଟ ଲେବର କଲୋନୀ, ବୋରୱେଲ, କୂଅ, ଦାନାମିଲ ଇତ୍ୟାଦି ବିକ୍ରିହେବ। ରେଲୱେ ଷ୍ଟେସନ ୬ କି.ମି। ନୟାଗଡ ୮କିମି। ମୂଲ୍ୟ- ୩୯୫୦୦୦୦୦। Mob: 7008554016, 6370200298. D-18447

ଗଙ୍ଗପଡ଼ାରେ ଲେଆଉଟ୍ ଆପ୍ରୋଭାଲ ଥାଇ NH5 ରୁ 1.5km ମଧ୍ୟରେ ଘରବାରି ବାସୋପଯୋଗୀ ପ୍ଲଟ୍ ମିଳୁଅଛି। 7735922768. D-69177

ଛତାବର 200' roadside Nakhara Synergy College ପାଖରେ ଗୃହୋପଯୋଗୀ ଜାଗା 1500sqft.କୁ 9,75,000/- 9437306208. D-69349

**Plot for immediate sale 2400sft corner BDA plot at Sum Hospital & 2200sft plot at Rasulgarh (200meters from NH) & 12500sft Mancheswar (IDCO plot), Bhubaneswar. Buyers Contact: DEEPAK - 9937329999.** D-69922

4/5 BHK Duplex with Gated Community at Balianta. Construction- 2200 @ 65lakhs/ 2600 @ 75lakhs. MPlanets: 9938219397/ 9861022055. D-18468

**Ready to move 2/3BHK flat for sale near Airport. It provided best amenities basic price @3000/- per sft. Puja Offer 100/- per sft. 9938569014, 9861433014.** D-18276

ଭୁବନେଶ୍ୱର ଏୟାରପୋର୍ଟ DAV ପୋଖରୀପୁଟରୁ 5k.m. କୁହା ମୌଜାରେ ଘରବାରି plot 1500sqft. 14,25,000/-, 6370476317. D-69172

**Gharabari plots at Atala, Balianta, Bhingarpur & Bagalpur immediate possession & registration. Contact: 9437147826, 9658894066.** D-18299

Residential/ Commercial plot for sale near Pitapalli, Baranga bypass infront of Mahavir College. 9438412339. D-18384

**Plot sale near AIIMS Hospital, Bhubaneswar with 30' road, 9439206202.** D-69174

3BHK Duplex booking open Paniora near Chhatabar. Price 49lakhs in front of Mahavir College. M: 7681000111. D-18383

**ଭୁବନେଶ୍ୱର ସୁନ୍ଦରପଦା Xavier University ନିକଟରେ sqft- 199/- plot ବିକ୍ରିହେବ। 9337285332, 6372047313.** D-69176





3BHK ready to move with covered garage Power backup at Damyanti Apartment, Nayapalli to rent, contact- 8908458351. D-53658





Refresh your mind and soul with best therapy at Orchid Salon/ Spa, 9937287222. D-69550

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69768

Herbal full body massage by smart / expert therapist. Contact: 8338067247. D-69765

Get refreshment body massage by expert therapist contact for. 9556978408. D-69766

Swarna SPA newly open positively health benefits with expert therapist. 7873794731. D-69767

Newly open SPA centre smart therapist full body massage: 8114970372. D-59964

Newly open SPA centre smart therapist full body massage: 7205187702. D-59963

Newly open SPA centre smart therapist full body massage: 7846814019. D-59962

Rejuvenate and Ayurvedic full body massage by smart therapist. 9348123330. D-69771

Newly open full body massage SPA in Bhubaneswar. Contact: 7205058838. D-69770

Get good massage for your health the best therapy SPA Station. 7655024727, 8118079281. D-69555

**LOST**

Some important documents with a plastic folder lost on 24.09.2020 at Satya Nagar Kali Mandir road. Any one found please return to 9861430524. D-18462

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## ଦୁଇ ବର୍ଷ ପରେ ମା' କୋଳକୁ ଫେରିଲା ପୁଅ

**ଖୋର୍ଦ୍ଧା ଅଫିସ,୨।୧୦:** ଦୁଇ ବର୍ଷ ପରେ ଜଣେ ନାବାଳକ ତାଙ୍କ ମା'ଙ୍କ କୋଳକୁ ଫେରିଛନ୍ତି। ହଜିଯାଇଥିବା ପୁଅକୁ ଫେରିପାଇ ପରିବାରଲୋକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସୂଚନା ଅନୁଯାୟୀ, ୨୦୧୮ ମେ' ମାସରେ ବାଣପୁର ବଜାରରୁ ସ୍ଥାନୀୟ ପୋଲିସ ଜଣେ ୮ବର୍ଷର ବାଳକଙ୍କୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ କମିଟି(ସିଡବ୍ଲୁସି) ନିକଟରେ ହାଜର କରିଥିଲେ। ସିଡବ୍ଲୁସିର ନିର୍ଦ୍ଦେଶକ୍ରମେ ତାଙ୍କୁ ଭୁବନେଶ୍ୱରର ଶିଶୁ ଯତ୍ନ ଅନୁଷ୍ଠାନକୁ ପଠାଯାଇଥିଲା। ସେଠାରେ ନାବାଳକଙ୍କ ପରିବାର ସମ୍ପର୍କରେ ଜାଣିବା ଲାଗି ସଂସ୍ଥା ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ(ଡିସିପିୟୁ) ପକ୍ଷରୁ କାଉନସିଲିଂ କରାଯାଇଥିଲେ ମଧ ସେ ଘର ଠିକଣା ଦେଇପାରି ନ ଥିଲା। କେବଳ ତାର ନାମ ବବ୍‌ଲୁ ଏବଂ ମା'ଙ୍କ ନାମ ଲକ୍ଷ୍ମୀ ମୁଣ୍ଡା ବୋଲି କହିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ(ଡିସିପିଓ) ବାଣୀଶ୍ରୀ ପଟ୍ଟନାୟକ କହିଛନ୍ତି, ପ୍ରକୃତ ଘର ଠିକଣା ନ ମିଳିବାରୁ ବବୁଲୁଙ୍କୁ ପୋଷ୍ୟ ସନ୍ତାନଭାବେ ଗ୍ରହଣ କରିବାକୁ ଡିସିପିଓ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପୁଣି ଥରେ ପରିବାର ସମ୍ପର୍କରେ ଜାଣିବା ଲାଗି ଯୋଗାଯୋଗ କରାଯାଇଥିଲା। ଉକ୍ତ ସମୟରେ ବବୁଲୁ ସମ୍ବଲପୁର ଜିଲା ଧନୁପାଲୀ ଥାନା ଅଧୀନ ସୁନାପାଲି ଗାଁର ବୋଲି କହିଥିଲେ। ଅନ୍ୟପଟେ ବବୁଲୁ ନିଖୋଜ ଥିବା ନେଇ ପରିବାରଲୋକେ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ। ଏନେଇ ପ୍ରଶାସନ ପକ୍ଷରୁ ଧନୁପାଲି ଥାନା ସହିତ ଯୋଗାଯୋଗ କରାଯାଇଥିଲା। ପୋଲିସ ଲକ୍ଷ୍ମୀଙ୍କ ସହିତ ଭିଡିଓ କନଫେରନ୍ସ ମାଧ୍ୟମରେ ବବୁଲୁଙ୍କ ସାକ୍ଷାତ କରାଇଥିଲେ। ମା'ଙ୍କ ପାଖକୁ ଆସିବା ପାଇଁ ବବୁଲୁ ବ୍ୟାକୁଳ ହୋଇ ଉଠିଥିଲା। ପ୍ରଶାସନ ପକ୍ଷରୁ ବବୁଲୁଙ୍କୁ କାର ଯୋଗେ ନିଆଯାଇ ସମ୍ବଲପୁର ସିଡବ୍ଲୁସିକୁ ହସ୍ତାନ୍ତରିତ କରାଯାଇଛି। ସେଠାରେ ଆଇନ୍ ଅନୁଯାୟୀ ପ୍ରକ୍ରିୟା ସରିବା ପରେ ବବୁଲୁ ନିଜ ଘରକୁ ଫେରିପାରିବେ ବୋଲି ବୋଲି ଡିସିପିଓ ପଟ୍ଟନାୟକ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



କାର୍ଯ୍ୟଦକ୍ଷତା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ସୁନାମ ଓ ସଫଳତା ଅର୍ଜନ କରିବେ। କେତେକ ଅସହିଷ୍ଣୁ ମନୋଭାବର ପରଶ୍ରୀକାତର ବନ୍ଧୁଙ୍କ ଅସମ୍ମାନଜନକ କଥାରୁ କଳହ ଲାଗିବାର ସମ୍ଭାବନା ରହିଛି। ଆପଣ ମନ ବୁଝିଲା ଭଳି କଥା କହି ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନଙ୍କୁ ଆପଣେଇ ନେବେ।

**ବୃଷ**



ପ୍ରତ୍ୟେକ କ୍ଷେତ୍ରରେ ଯାହା କରିବେ ଭଲ ରୂପେ ଭାବି ଚିନ୍ତି କାମ କରିବା ଭଲ ହେବ । ପ୍ରସ୍ତୁତି ପଥରେ ଥିବା କାମଗୁଡିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡିବ। ବନ୍ଧୁ ଗହଣରେ ସତ୍ୟ କଥା ପ୍ରକାଶ କରି ମଧ ଅପମାନିତ ହୋଇପାରନ୍ତି। ଆଜି କୌଣସି କାମରେ ମଧ୍ୟସ୍ଥତା କଲେ ଅପମାନିତ ହେବାକୁ ପଡିବ।

**ମିଥୁନ**



ପାରିବାରିକ ସମସ୍ୟା ଓ ଅର୍ଥର ବୋଝ ମନକୁ ବିଚଳିତ କରିବ। କର୍ମକ୍ଷେତ୍ରରେ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ କିଛି ଅସୁବିଧା ହେବ ନାହିଁ। ଆପଣ ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ନିନ୍ଦା ଶୁଣିବେ।

**କର୍କଟ**



ଆଜି ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବିଶେଷ ଆନନ୍ଦ ପ୍ରଦାନ କରିବ। ଭାଇ, ବନ୍ଧୁ, ସହକର୍ମୀ ମାନଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ଈର୍ଷାପରାୟଣ ବନ୍ଧୁମାନଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ବାଣିଜ୍ୟ, ବ୍ୟବସାୟ, ଆନୁଷ୍ଠାନିକ କାମ, ସଭା ସମିତିରୁ ପ୍ରଶଂସିତ ହେବେ।

**ସିଂହ**



ଆଜି ଅନ୍ୟମନସ୍କତା କିମ୍ବା ଅସାବଧାନତା ବଶତଃ ଧନ ହାନି ଯୋଗ ମଧ ରହିଛି। କର୍ମକ୍ଷେତ୍ରରେ କିଛି ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରନ୍ତୁ। ପ୍ରତ୍ୟେକ କଥାକୁ ଭୟ ଓ ଆଶଙ୍କା କାରଣରୁ କୌଣସି କାର୍ଯ୍ୟ କରିପାରିବେ ନାହିଁ।

**କନ୍ୟା**



ଆଜି ଦିନଟିରେ ଯାହା ପାଇବେ ତାହାଠାରୁ ଦୁଇଗୁଣ ଖର୍ଚ୍ଚ କରିବାକୁ ପଡିବ। ଆକସ୍ମିକ ଭାବରେ କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ସ୍ୱର୍ଣ୍ଣକାତର କଥାରେ ଚିହ୍ନା ପଡନ୍ତୁ ନାହିଁ, ଯାହା କି ସମସ୍ୟା ସୃଷ୍ଟି କରିପାରେ।

**ତୁଳା**



ପୂର୍ବପରିକଳ୍ପିତ କାମଗୁଡିକୁ ସମ୍ପନ୍ନ କରିବାରେ ବିଶେଷ କୌଣସି ଅସୁବିଧା ହେବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ, ସଭା ସମିତିରେ, କଚେରି ମାମଲାରେ ତଥା ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ବିଛା**



ପାରିବାରିକ ସ୍ଥିତିରେ କିଛିଟା ଉନ୍ନତି ପରିଲକ୍ଷିତ ହୋଇପାରେ। ଭୁଲ୍ ବୁଝାମଣା ଯୋଗୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବା ଯୋଗୁ ବ୍ୟସ୍ତ ହେବେ। ସାମାଜିକ ସ୍ତରରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ଧନୁ**



ଯେତିକି ପାଉଛନ୍ତି, ସେତିକିରେ ସନ୍ତୁଷ୍ଟ ରହିବା ଭଲ ହେବ କାରଣ ଅଧିକ ଆଶା କରି କିଛି ଲାଭ ହେବନି। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ଲାଗିରହିଥିବା ବିବାଦ ଓ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**ମକର**



କର୍ମକ୍ଷେତ୍ରରେ କେତେକ ଅବହେଳିତ କାମ ସକାଶେ ଚିନ୍ତା କରିପାରନ୍ତି। ଯେତେ ପ୍ରକାରର କାମ କଲେ ମଧ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ହୋଇପାରିବ ନାହିଁ। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**କୁମ୍ଭ**



ପିଲାମାନଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ, ତଥାପି ସମସ୍ୟା ଅତି ସହଜରେ ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବ। ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ଆଜିର ଯାତ୍ରାରେ ସାମାନ୍ୟ ବିଘ୍ନ ଆସିଲେ ମଧ କିଛି ଅସୁବିଧା ହେବ ନାହିଁ।

**ମୀନ**



ପରିଜନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରା ସଫଳତା ଆଣିଦେବ। ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ଓ ସଭା ସମିତି ପ୍ରତ୍ୟେକ କ୍ଷେତ୍ରରେ ବିଜୟ ଓ ଗୌରବାର୍ଜନ ନିଶ୍ଚିତ। ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି, ଯାହା କି ଆପଣଙ୍କ ପାଇଁ ମହଙ୍ଗା ପଡିପାରେ ।

ଆଜି ଆଶ୍ୱିନ ମଳ କୃଷ୍ଣ ଦ୍ୱିତୀୟା ଶନିବାର, ଅକ୍ଟୋବର ୩ ତାରିଖ, ବିଶ୍ୱ ପ୍ରକୃତି ଦିବସ, ରାଶିନକ୍ଷତ୍ର-ସକାଳ ଘ.୦୮.୫୦ମି. ଗତେ ଅଶ୍ୱିନୀ/ମେଷ, ମେଷରାଶିର ଘାତଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୪୧ ମି. ଗତେ ଘ.୦୬.୨୮ ମି. ମଧ୍ୟେ, ଘ.୦୭.୧୫ ମି. ଗତେ ଘ.୦୯.୩୭ ମି. ମଧ୍ୟେ, ଘ.୧୧.୫୯ ମି. ଗତେ ଘ.୦୩.୦୭ ମି. ମଧ୍ୟେ, ଘ.୦୩.୫୫ ମି. ଗତେ ଘ.୦୫.୨୯ ମି. ମଧ୍ୟେ, ରାତ୍ରି ଘ.୦୨.୨୬ ମି. ଗତେ ଘ.୦୩.୧୫ ମି. ମଧ୍ୟେ ଅମୃତବେଳା। ଦିବା ଘ.୦୮.୩୮ ମି. ଗତେ ଘ.୧୦.୦୬ ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଡାବୁଗାଁରେ ଗାନ୍ଧୀ ଜୟନ୍ତୀ

ଡାବୁଗାଁ, ୨।୧୦(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଶିଶୁ ପ୍ରମୋଦ ଉଦ୍ୟାନରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଶୁକ୍ରବାର ପାଳନ କରାଯାଇଛି। ଅତିଥିମାନେ ସାମାଜିକ ଦୂରତା ରକ୍ଷା କରିବ ସହ ମୁହଁରେ ମାସ୍କ ପିନ୍ଧି ଉଦ୍ୟାନରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଡାବୁଗାଁ ବ୍ଲକ ଅଧକ୍ଷ ବଂଶୀଧର ମାଝି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଏବିଡିଓ ପଦ୍ମନାଭ ତ୍ରିପାଠୀ, ଡଙ୍ଗରିଗୁଡା ସରପଞ୍ଚ ଅମ୍ବିକା ମାଝି, ଏମ୍‌ପିଙ୍କ ପ୍ରତିନିଧି ଏମ୍.ଆପ୍ପା ରାଓ , ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଜି. ସାଇ ରାଜୁ, ପ୍ରକାଶ ଚନ୍ଦ୍ର ପଣ୍ଡା, ପେଦା ବାବୁ ଓ ପିଣ୍ଟୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଲ୍ୟାମ୍ପସ ଚେକ୍ ବୁକ୍ ହଜିବା ନେଇ ଥାନାରେ ଅଭିଯୋଗ

ଚନ୍ଦାହାଣ୍ଡି, ୨।୧୦(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ସମବାୟ ସମିତିର ଚେକ୍ ବୁକ୍, ଏସ୍‌ବିଡି ଚେକ୍ ବୁକ୍ ରସିଦ ବୁକ୍ ଆଫିଡେଭିଟ୍ ଦସ୍ତାବିଜ୍ ଏବଂ ରବର ଷ୍ଟାମ୍ପ ହଜିଯାଇଥିବା ନେଇ ଚନ୍ଦାହାଣ୍ଡି ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ଚନ୍ଦାହାଣ୍ଡି ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ତ୍ରିପାଠୀ ଗତ ବୁଧବାର ଉମରକୋଟ କେସିସି ବ୍ୟାଙ୍କରୁ କାମ ସାରି ଏକ ବ୍ୟାଗ୍‌ରେ ସମସ୍ତ ଦସ୍ତାବିଜ ପୂରାଇ ବାଇକ୍ ପଛପଟେ ରଖି ଚନ୍ଦାହାଣ୍ଡି ଫେରୁଥିଲେ। ରାସ୍ତାରେ କିନ୍ତୁ ବ୍ୟାଗ୍ କେଉଁଠାରେ ପଡିଯାଇଥିଲା। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ ନ ମିଳିବାରୁ ସେ ଗୁରୁବାର ଚନ୍ଦାହାଣ୍ଡି ଥାନାରେ ଏତଲା ଦେଇଥିଲେ । ଏସ୍‌ଆଇ ସମୀର ପ୍ରଧାନ ଏହାର ତଦନ୍ତ କରୁଛନ୍ତି ବୋଲି ଥାନାଧିକାରୀ ପ୍ରେମାନନ୍ଦ ସୁନାନୀ କହିଛନ୍ତି।

### ବିଜେଡିର ସଚେତନତା କାର୍ଯ୍ୟକ୍ରମ

ଚନ୍ଦାହାଣ୍ଡି, ୨।୧୦(ଡି.ଏନ୍.ଏ.) ଚନ୍ଦାହାଣ୍ଡି ବ୍ଲକ ଜମାଦାରପଡା ପଞ୍ଚାୟତର ଭାଲୁଡଙ୍ଗରିରେ ବ୍ଲକ ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ଜନ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ବ୍ଲକ ବିଜେଡି ସଭାପତି ଗୌରହରି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କରୋନାରୁ କିପରି ରକ୍ଷା ପାଇହେବ ସେ ନେଇ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା। ଲୋକଙ୍କୁ ମାସ୍କ ବ୍ୟବହାର , ସାମଜିକ ଦୂରତା ରକ୍ଷା କରିବାକୁ ସଚେତନ କରାଯାଇଥିଲା। ଏଥିସହ ଉପସ୍ଥିତ ଲୋକଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜୋନ ୧ ଓ ୨ ସଭାପତି ଯୁବରାଜ ଜଗତ, ବଳରାମ ପଟ୍ଟନାୟକ,ଚୈତୁରାମ ଦଣ୍ଡସେନା, ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ସୁନାନୀ, ରମେଶ ବାଗ, ଭୀମ ଡଙ୍ଗରୀ, ପୁସ୍ତମ ବାଗ, ବାସୁଦେବ ସୁନା,ରଥ ହାତୀଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଗାର୍ଡ ଅଫ୍ ଅନର ପରେ କରୋନା ଯୋଦ୍ଧାଙ୍କ ଶେଷକୃତ୍ୟ

କୋଡିଙ୍ଗା, ୨।୧୦(ଡି.ଏନ୍.ଏ.)-କୋରାପୁଟ ଟାଉନଥାନାଧିକାରୀ ପୀତବାସ ଦୃରୁଆଙ୍କର ଗୁରୁବାର କରୋନାରେ ମୃତ୍ୟୁ ହୋଇଥିଲା। ଶୁକ୍ରବାର ତାଙ୍କ ପାର୍ଥୀବ ଶରୀରକୁ ନିଜ ଘର ନବରଙ୍ଗପୁର ଜିଲା କୋଡିଙ୍ଗା ବ୍ଲକ ଚିର୍ମା ପଞ୍ଚାୟତ ଶଙ୍କରଦା ଗ୍ରାମକୁ ଅଣାଯାଇଥିଲା। ସେଠାରେ ଗାର୍ଡ ଅଫ୍ ଅନର ଦିଆଯାଇ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏହି ସମୟରେ କୋରାପୁଟ ଡିଆଇଜି କେ ସଫିନ ଅହମ୍ମଦ, କୋରାପୁଟ ଏସ୍‌ପି ମୁକେଶ କୁମାର ଭାମୋ, ନବରଙ୍ଗପୁର ଏସ୍‌ପି ନୀତିନ କୁସାଲକର, କୋଡିଙ୍ଗା ଥାନାଧିକାରୀ ସରିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### କୋରାପୁଟ: ୬୬ ଚିହ୍ନଟ

କୋରାପୁଟ,୨।୧୦(ସ୍ୱ.ପ୍ର.)-କୋରାପୁଟ ଜିଲାରେ ଗତ କିଛିଦିନ ହେଲା କରୋନା ସଂକ୍ରମିତଙ୍କ ସଂଖ୍ୟାରେ ହ୍ରାସ ଘଟିଥିଲା। ଶୁକ୍ରବାର ପୁଣି ଏଥିରେ ବୃଦ୍ଧି ଘଟିଛି । ଜିଲାରୁ ୬୬ ଜଣ କରୋନା ଆକ୍ରାନ୍ତ ସଂକ୍ରମିତ ହୋଇଥିବା ଜିଲାପାଳ ମଧୁସୂଧନ ମିଶ୍ର କହିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୩୨୭ ହୋଇଛି। ଏମାନଙ୍କ ମଧରେ ୩ ଜଣ ଆନ୍ଧ୍ରପ୍ରଦେଶ, ୩ ରାଉରକେଲା, ୨ ନବରଙ୍ଗପୁର, ଜଣେ ଖୋର୍ଦ୍ଧା, ଜଣେ ଛତିଶଗଡ଼, ଜଣେ ମାଲକାନଗିରି ଫେରନ୍ତା ରହିଛନ୍ତି। ଜୟପୁର ମ୍ୟୁନିସିପାଲିଟିରୁ ୧୩ ଜଣ , କୋରାପୁଟ ମ୍ୟୁନିସିପାଲିଟିରୁ ୧୭ ଜଣ , ସୁନାବେଡ଼ା ମ୍ୟୁନିସିପାଲିଟିରୁ ୩ ଓ କୋଟପାଡ ଏନ୍‌ଏସିରୁ ୨ ଜଣ ରହିଥିବାବେଳେ କୋରାପୁଟ ଓ ବୈପାରିଗୁଡ଼ା ବ୍ଲକରୁ ୫ ଜଣ, ବନ୍ଧୁଗାଁ ବ୍ଲକରୁ ୨, ବୋରିଗୁମ୍ମା,କୋଟପାଡ, କୁନ୍ଦୁରା ଓ ନନ୍ଦପୁର ବ୍ଲକରୁ ୨ ଜଣ ଲେଖାଏ, ଜୟପୁର ବ୍ଲକରୁ ୪ , ଲକ୍ଷ୍ମୀପୁର ବ୍ଲକରୁ ଜଣେ, ସେମିଳିଗୁଡ଼ା ବ୍ଲକରୁ ୭ ଜଣ ଚିହ୍ନଟ ହୋଇଛନ୍ତି।

# ଜୟପୁର ୟୁନିଟ୍ ବନ୍ଦ ଯୋଜନାକୁ କର୍ମଚାରୀ ସଂଘର ବିରୋଧ

ଜୟପୁର,୨।୧୦(ଡି.ଏନ.ଏ./ନି.ପ୍ର.)

ଜୟପୁର ରାଜ୍ୟ ସଡ଼କ ପରିବହନ ନିଗମର ଜୟପୁର ୟୁନିଟ୍‌କୁ ବନ୍ଦ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ଖବର ପାଇ ଜୋନ କର୍ମଚାରୀ ଅସନ୍ତୋଷ ପ୍ରକାଶ କରି ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ୧୯୫୮ରେ ପ୍ରତିଷ୍ଠିତ ଜୟପୁର ଜୋନ ରାଜ୍ୟର ଏକ ବଡ଼ ଜୋନ ଭାବେ ପରିଚିତ। ଏହା ଅଧୀନରେ ୨୭ଟି ରୁଟ୍‌ରେ ୫୦ ବସ୍ ଚଳାଚଳ କରୁଥିଲା। ସରକାର ଏହି ୟୁନିଟ୍‌କୁ ବନ୍ଦ କରିବା ପାଇଁ ୮ଜଣ ସ୍ଥାୟୀ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଡିଟିଏମ୍ ଅଫିସ ଡିପୋ କାର୍ଯ୍ୟାଳୟରେ ତାଲା ପକାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ଏହି ନିଷ୍ପତ୍ତିକୁ ଓଏସ୍‌ଆର୍‌ଟିସି କର୍ମଚାରୀ ସଂଘ ତୀବ୍ର ବିରୋଧ କରିଛି। ସରକାର ତୁରନ୍ତ ନିଷ୍ପତ୍ତିରୁ ଓହରି ଅନ୍ୟତ୍ର ବଦଳି ହୋଇଥିବା ୮ଜଣ କର୍ମଚାରୀଙ୍କୁ ଜୟପୁର ଫେରାଇ ଆଣିବାକୁ ଦାବି କରିଛନ୍ତି। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ସେମାନଙ୍କ ଅସନ୍ତୋଷ ଉଗ୍ରରୂପ ନେବ ବୋଲି କର୍ମଚାରୀମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଜୟପୁରରେ ନୂତନ ରୂପେ ସରକାରୀ ବସ୍‌ଷ୍ଟାଣ୍ଡ ନିର୍ମାଣ ଚାଲିଥିବା ବେଳେ ଏହି ଜୋନକୁ ବନ୍ଦ କରିବା କେତେ ଦୂର ଯୁକ୍ତିଯୁକ୍ତ ବୋଲି ସଂଘ ପ୍ରଶ୍ନ ଉଠାଇଛି। ଏହା କର୍ମଚାରୀଙ୍କ ମୁଣ୍ଡରେ ଚଡକ ସଦୃଶ ବୋଲି ସଂଘ ସଭାପତି ବାଲା ରାୟ କହିଛନ୍ତି।


ସରକାରଙ୍କ ନିଷ୍ପତ୍ତିକୁ କର୍ମଚାରୀମାନେ ବିରୋଧ କରୁଛନ୍ତି।

**ବିକ୍ଷୋଭ ପ୍ରଦର୍ଶନ କରି ଜଣାଇଲେ ପ୍ରତିବାଦ**

- ୨୭ ରୁଟ୍‌ରେ ୫୦ ବସ୍ ଚଳାଚଳ କରୁଥିଲା
- ଅନ୍ୟତ୍ର ବଦଳି ହୋଇଛନ୍ତି ୮ କର୍ମଚାରୀ
- କର୍ମଚାରୀଙ୍କ ମୁଣ୍ଡରେ ଚଡ଼କ: ସଂଘ ସଭାପତି

# କୋରାପୁଟରେ ଶ୍ରମିକ ବଜେଟ କାର୍ଯ୍ୟକ୍ରମ

କୋରାପୁଟ/ଦାମନଯୋଡି, ୨।୧୦(ସ୍ୱ.ପ୍ର./ଡି.ଏନ.ଏ.)

କୋରାପୁଟ ଜିଲାରେ ଶୁକ୍ରବାର ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି । ସ୍ଥାନୀୟ ଗାନ୍ଧୀପାର୍କ ଠାରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଏବଂ କୁକୁଡା ଫାର୍ମ ସମ୍ମୁଖରେ ଥିବା ଲାଲ ବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ମଧୁସୂଦନ ମିଶ୍ର ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ, ପିଏ ଆଇଟିଡିଏ କାରୁ ସୋରେନ, ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଭବାନୀ ଶଙ୍କର ମିଶ୍ର, ପୂର୍ବତନ ନଗରପାଳ ଭଗବାନ ବାହିନୀପତି, ଜିଲା ସ୍ମାରକୀ କମିଟି ସଦସ୍ୟମାନେ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୂର୍ବରୁ ଗାନ୍ଧିଜୀଙ୍କ ଆଦର୍ଶ ନେଇ ଭର୍ଚୁଆଲ ମାଧମରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧରେ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା । ସେହିପରି କଂଗ୍ରେସ ପକ୍ଷରୁ କଂଗ୍ରେସ ଭବନ ପରିସରରେ ଆୟୋଜିତ ଜୟନ୍ତୀ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ନିମାଇଁ ସରକାର, ପୂର୍ବତନ ଜିଲା ପରିଷଦ ସଭ୍ୟ ଜଗଦୀଶ ଖୋସ୍ଲା, କୃଷ୍ଣ କୁଲଦୀପ, ମିଟୁ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଜୟନ୍ତୀ ପାଳନ କରିଥିଲେ।

ଦାମନଯୋଡି ନାଲକୋ ପକ୍ଷରୁ ମଧ ଜାତିରପିତା ମହାତ୍ମାଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଛି। ସେକ୍ଟର-୩ ସ୍ଥିତ ଉଦ୍ୟାନରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବି ଶଙ୍କର ଦାସ ମାଲ୍ୟାର୍ପଣ କରି ଗାନ୍ଧୀଜୀଙ୍କ ନୀତି, ତ୍ୟାଗ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ମହାପ୍ରବନ୍ଧକ ସୁଶୀଲ କୁମାର ପାଢୀ,ଭୀମସେନ ପ୍ରଧାନ, ଅମରେନ୍ଦ୍ର ମିଶ୍ର, ଅରୁଣ କୁମାର ଦାସ, ବିଜୟ ପଣ୍ଡାଶସାଙ୍କ ଶେଖର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ମଧ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଥିଲା।


ଜିଲାପାଳ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

### ଶ୍ରମିକଙ୍କୁ ମିଳିବ ୧୦୦ ଦିନର କାମ

କୋରାପୁଟ,୨।୧୦(ସ୍ୱ.ପ୍ର.)

ଗାନ୍ଧୀ ଜୟନ୍ତି ଅବସରରେ କୋରାପୁଟ ଜିଲାର ୨୪୦ ପଞ୍ଚାୟତରେ ଶ୍ରମିକ ବଜେଟ ପ୍ରକ୍ରିୟାର ଶୁଭାରମ୍ଭ ହୋଇଛି। ଜିଲାର ସମସ୍ତ ଶ୍ରମିକ କିପରି ୧୦୦ ଦିନ କାମ ପାଇବେ, ଏନେଇ କି ପ୍ରକାର କାର୍ଯ୍ୟସବୁ କରାଯିବ ସେ ସମ୍ପର୍କରେ ଶ୍ରମିକ ବଜେଟରେ ରହିବ।

### ମାଣ୍ଡିଆରେ ପ୍ରସ୍ତୁତ ଜଳଖିଆ ଷ୍ଟଲ୍ ଉଦ୍‌ଘାଟିତ

ମାଲକାନଗିରି,୨।୧୦ (ଡି.ଏନ୍.ଏ.)

ମାଲକାନଗିରି ଜିଲା ପ୍ରତିଷ୍ଠା ଦିବସ ଓ ଗାନ୍ଧୀ ଜୟନ୍ତୀ ଅବସରରେ ମିଲେଟ୍ ମିଶନ ଶକ୍ତି ଓ ମା' ସନ୍ତୋଷୀ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ମାଣ୍ଡିଆରେ ପ୍ରସ୍ତୁତ ଜଳଖିଆ ଷ୍ଟଲ୍‌କୁ ଜିଲାପାଳ ମନୀଷ ଅଗ୍ରୱାଲ ଶୁକ୍ରବାର ଉଦ୍‌ଘାଟନକରି ଆଗାମୀ ଦିନରେ ଏପରି ଷ୍ଟଲ୍ ପ୍ରତି ବ୍ଲକରେ ଖୋଲିବାର ଯୋଜନା ହେବ ବୋଲି କହିଥିଲେ। ଏଥିରେ ମୁଖ୍ୟଅତିଥି ରୂପେ ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦର ଅଧକ୍ଷ ମାନସ ମାଡକାମି, ଜିଲା ପରିଷଦ ଅଧକ୍ଷ ଦଶରଥ ପଡିଆମି ଯୋଗ ଦେଇଥିଲେ। ମୁଖ୍ୟତଃ ମାଲକାନଗିରି ଜିଲାରେ ୩୫ ପ୍ରତିଶତ ଚାଷ ହୋଇଥାଏ। ମାଣ୍ଡିଆ ଶରୀରକୁ ପ୍ରୋଟିନ ଯୋଗାଇଥାଏ। ମିଲେଟ୍ ମିଶନ ଶକ୍ତି ଓ ମା' ସନ୍ତୋଷୀ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଏହି ଷ୍ଟଲ୍‌ରେ ମାଣ୍ଡିଆ ଇଡ୍‌ଲି, ପୁରି, ଉପମା, ବରା, ରସଗୋଲା ଆଦି ତିଆରି ହେଉଛି।

### ରାୟଗଡ଼ା ଜିଲାରୁ ଆଉ ୩୨ ପଜିଟିଭ

ରାୟଗଡ଼ା ଅଫିସ,୨।୧୦

ରାୟଗଡ଼ା ଜିଲାରେ ଲଗାତର ତୃତୀୟ ଦିନରେ ସଂକ୍ରମିତଙ୍କ ସଂଖ୍ୟା କମ୍ ରହିଥିବା ଜଣାପଡ଼ିଛି। ଜିଲାରୁ ୩୨ ସଂକ୍ରମିତ ଚିହ୍ନଟ ହୋଇଥିବା ଶୁକ୍ରବାର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏଥିରେ ୩ ମହିଳା ଏବଂ ୨୯ ପୁରୁଷ ରହିଛନ୍ତି। ନୂତନ ସଂକ୍ରମିତଙ୍କ ମଧରେ ଜିଲାର କାଶୀପୁର ବ୍ଲକ୍‌ରୁ ୨୧ଜଣ, କୋଲନରାରୁ ୩, ଗୁଣପୁର ସହରାଞ୍ଚଳରୁ ୨, ରାୟଗଡ଼ା ଗ୍ରାମାଞ୍ଚଳରୁ ୨, ରାୟଗଡ଼ା ସହରାଞ୍ଚଳରୁ ୨, ବିଷମକଟକରୁ ଜଣେ, ପଦ୍ମପୁରରୁ ଜଣେ ରହିଛନ୍ତି। ଏଥିସହ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭୫୩୨ରେ ପହଞ୍ଚିଛି। ସେଥିମଧରୁ ୭୦୬୮ ସୁସ୍ଥହୋଇ ଫେରିଥିବାବେଳେ ୩୮ ଜଣଙ୍କ କରୋନା ଜନିତ ମୃତ୍ୟୁ ଘଟିଛି। ସେହିପରି ଜିଲାରେ ଆଉ ୪୨୬ ସକ୍ରିୟ ସଂକ୍ରମିତ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ଟ୍ରାକ୍ଟର ଓଲଟି ମହିଳା ଶ୍ରମିକ ମୃତ

**ଗୁଡାରି,୨।୧୦(ଡି.ଏନ୍.ଏ.):** ରାୟଗଡ଼ା ଜିଲା ଗୁଡାରି ବ୍ଲକ୍ ଅଧୀନ ଲଣ୍ଡାସିଂ ଲକ୍ଷ୍ମୀପୁର ନିକଟରେ ଶୁକ୍ରବାର ଏକ ଇଟା ବୋଝେଇ ଟ୍ରାକ୍ଟର ଓଲଟି ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେହିପରି ଅନ୍ୟ ୩ ଶ୍ରମିକ ଗୁରୁତର ହୋଇଛନ୍ତି। ଖବର ପାଇ ଗୁମୁଡ଼ା ଫାଣ୍ଡି ଅଧିକାରୀ ପ୍ରଦୀପ କୁମାର ରଥ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଗୁରୁତରମାନଙ୍କୁ ଡାକ୍ତରଖାନା ପଠାଇଥିବା ଜଣାପଡ଼ିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଗୁଡାରି ଥାନା ଆଇଆଇସି ସୁଶାନ୍ତ କୁମାର ତାଡଡ଼ିଆ ସୂଚନା ଦେଇଛନ୍ତି।


ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର।

# ମନେପଡ଼ିଲେ ବାପୁ, ଶାସ୍ତ୍ରିଜୀ

ନବରଙ୍ଗପୁର/ କୋଷାଗୁମୁଡା, ୨।୧୦ (ବି.ପ୍ର. /ଡି.ଏନ୍.ଏ.)

ନବରଙ୍ଗପୁର ବିଭିନ୍ନ ସ୍ଥାନରେ ମହାତ୍ମା ଗାନ୍ଧୀ, ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଶୁକ୍ରବାର ପାଳନ କରାଯାଇଛି। ସବୁଠି ଅତିଥିମାନେ ସେମାନଙ୍କ ନୀତି ଆଦର୍ଶକୁ ମନେ ପକାଇଥିଲେ।

ନବରଙ୍ଗପୁର ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ପ୍ରାତଃରେ ରାମଧୂନ ପରିବେଷଣ କରାଯାଇଥିଲା। ସହରରେ ଥିବା ସେମାନଙ୍କ ପ୍ରତିମୂର୍ତ୍ତିରେ ମଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ଉପଜିଲାପାଳ ଭାସ୍କର ରଇତ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା କ୍ରୀଡା ଓ ସଂସ୍କୃତି ଅଧିକାରୀ ମହେନ୍ଦ୍ର କୁମାର ସାହୁ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିନୟ କୁମାର ପଟେଲ ଯୋଗ ଦେଇଥିଲେ।

ସେହିପରି ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍‌ର ବି.ଏମ୍. ସେମଳା ଏବଂ ବିଞ୍ଜିଲି ପଞ୍ଚାୟତରେ ଦନ୍ତେଶ୍ୱରୀ ମହିଳା ଉତ୍ପାଦିକା ଓ ହର୍ଷ ଟ୍ରଷ୍ଟ ପକ୍ଷରୁ ଗାନ୍ଧୀ ଜୟନ୍ତୀରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗାଁକୁ ଗାଁ ପରିକ୍ରମା କରି ଲୋକଙ୍କୁ ସ୍ୱଚ୍ଛତା ସହ କରୋନାକୁ ପ୍ରତିହତ ପାଇଁ ମାସ୍କ ବ୍ୟବହାର, ସାମାଜିକ ଦୂରତା ପାଳନ ପାଇଁ ସଚେତନ କରାଯାଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ, ଦନ୍ତେଶ୍ୱରୀ ମହିଳା ଉତ୍ପାଦିକାର ସଭ୍ୟା ସଭ୍ୟ, ଅଙ୍ଗନୱାଡ଼ି କର୍ମୀ, ଆଶା ଏବଂ ହର୍ଷ ଟ୍ରଷ୍ଟର କର୍ମଚାରୀମାନେ ସାମିଲ ଥିଲେ।

### ମାଲକାନଗିରିରୁ ୪୬ ଚିହ୍ନଟ

ମାଲକାନଗିରି,୨।୧୦ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଶୁକ୍ରବାର ୪୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୭୦୦ ଟପିଛି। ମାଲକାନଗିରି ପୌର ପରିଷଦ ଅଞ୍ଚଳରୁ ୩୨ ଜଣ, ବାଲିମେଳା ଏନ୍‌ଏସିରୁ ୩, ମାଥିଲି ଖଇରପୁଟରୁ ଜଣେ ଲେଖାଏ, ମାଲକାନଗିରି ବ୍ଲକରୁ ୩, କାଲିମେଳାରୁ ୪, ଚିତ୍ରକୋଣ୍ଡାରୁ ୨ ଜଣ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ନ୍ୟାୟ ଦାବିରେ କଂଗ୍ରେସର ବିକ୍ଷୋଭ, ରାସ୍ତାରୋକୋ

ନବରଙ୍ଗପୁର,୨।୧୦(ବି.ପ୍ର.)

**ହାଥ୍‌ରସ ଗଣ ବଳାତ୍କାର ଘଟଣା**

ଉତ୍ତର ପ୍ରଦେଶ ହାଥ୍‌ରସଠାରେ ଜଣେ ଯୁବତୀଙ୍କୁ ବଳାତ୍କାର ଓ ପରେ ହତ୍ୟା କରାଯାଇଛି। ପୀଡିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ନବରଙ୍ଗପୁର ଜିଲା କଂଗ୍ରେସ ୨୬ନମ୍ବର ଜାତୀୟ ରାଜପଥରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଉତ୍ତରପ୍ରଦେଶ ପୋଲିସ ଦଳର ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କୁ ଗୁରୁବାର ଅସଦାଚରଣ ପ୍ରଦର୍ଶନ କରିଛି ବୋଲି ଜିଲା ମହିଳା କଂଗ୍ରେସ ଅଭିଯୋଗ କରିବା ସହ ଉକ୍ତ ଘଟଣାକୁ ତୀବ୍ର ନିନ୍ଦା କରିଛି। ଏହାର ପ୍ରତିବାଦରେ ସ୍ଥାନୀୟ ଶାସ୍ତ୍ରୀ ଭବନ ନିକଟରେ ୫ ଘଣ୍ଟା ଧରି ସତ୍ୟାଗ୍ରହ ଓ ରାସ୍ତାରୋକୋ କରାଯାଇଥିଲା। ଏହାଦ୍ୱାରା ଯାନବାହନ ଯାତାୟାତରେ ବାଧା ଦେଖାଦେଇଥିଲା। ଅନେକ ଦଳିତ ଛାତ୍ରୀ ଏଥିରେ ଯୋଗଦେଇ ପୀଡ଼ିତାଙ୍କୁ ନ୍ୟାୟ ଦାବି କରିଥିଲେ। ମହିଳାଙ୍କୁ ନ୍ୟାୟ ଦେବାକୁ କଡା ଆଇନ ପ୍ରଦର୍ଶନ କରିବାକୁ ହେବ ବୋଲି ସେମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାନେତ୍ରୀ ପି. ନାଗରତ୍ନମା, ପ୍ରଭା ହରିଜନ, ପ୍ରଣତି ତ୍ରିପାଠୀ, ଦେବୀ ହରିଜନ, ମୀନା ହରିଜନ, ପଦ୍ମିନୀ ସାନ୍ତା, ବାଳମତି ସାନ୍ତା, ପ୍ରଣତି ହିଆଲ, ଜିଲା ସଭାପତି ମୁନା ତ୍ରିପାଠୀ, ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ସାହୁ, ସରୋଜ ପାତ୍ର, ବାବୁଲି ବାଘ, ସୁମିତ ହରିଜନ, ଭୀମ ପାଣିଗ୍ରାହୀ, ପିଙ୍କୁ ଜୁବଲି, ବାବୁଲି ପରଜା, କାଳିଚରଣ ପାତ୍ର, ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


କଂଗ୍ରେସ କର୍ମୀମାନେ ରାସ୍ତାରୋକୋ କରିଛନ୍ତି।

# ଗଞ୍ଜେଇ ଚାଲାଣ ଅଭିଯୋଗରେ ୨ ଅଟକ

ପାପଡାହାଣ୍ଡି, ୨।୧୦, (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଉସିଗାଁ ରାସ୍ତାରୁ ଶୁକ୍ରବାର ପୋଲିସ ଏକ କାରରୁ ୧୪୨ କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଅଟକ ରଖିଛି। ସେମାନେ ହେଲେ କୋରାପୁଟର ମଙ୍ଗରାଜ ଖରା ଓ ରଞ୍ଜନ ହିଲାରିଓସ୍।

ପ୍ରକାଶଯେ, କୋଷାଗୁମୁଡା ଆଡୁ ଆସୁଥିବା ଏକ କାର୍ (ଓଡି୦୨୮୦୮୧)ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପାପଡାହାଣ୍ଡି ପୋଲିସ ଖବର ପାଇଥିଲା। ପରେ ଏସ୍‌ଡିପିଓ ଆଦିତ୍ୟ ସେନ, ପାପଡାହାଣ୍ଡି ଥାନାଧିକାରୀ ଶୁଭେନ୍ଦୁ ଶବର ଓ କର୍ମଚାରୀମାନେ ଉସୀଗାଁ ରାସ୍ତାରେ କାର୍‌ଟିକୁ ଅଟକାଇଥିଲେ। ଗାଡି ଯାଞ୍ଚ ବେଳେ ସେଥିରୁ ଗଞ୍ଜେଇ ମିଳିଥିଲା। ମାଜିଷ୍ଟ୍ରେଟ ଭାବରେ ଅତିରିକ୍ତ ତହସିଲଦାର ମଧୁସୂଦନ ମାଝିଙ୍କ ଉପସ୍ଥିତରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା। ଗଞ୍ଜେଇର ଓଜନ ୧୪୨ କେଜି ଥିବା ଜଣାପଡିଛି। ଏ ନେଇ ପାପଡାହାଣ୍ଡି ଥାନାରେ କେସ୍ ନଂ. ୧୩୦/୨୦ରେ ମାମଲା ରୁଜୁ କରାଯାଇଛି।

# ମ୍ୟାଲେରିଆ ମୁକ୍ତ ଅଭିଯାନ


ଜଣେ ହିତାଧିକାରୀଙ୍କୁ ମଶାରି ପ୍ରଦାନ କରାଯାଉଛି।

ଝରିଗାଁ, ୨।୧୦(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକକୁ ମ୍ୟାଲେରିଆ ମୁକ୍ତ କରିବା ପାଇଁ ଗାନ୍ଧୀ ଜୟନ୍ତୀ ଅବସରରେ ମାଗଣା ସ୍ଥାନୀୟ ଲୋକଙ୍କ ପାଇଁ ମାଗଣା ମଶାରି ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ବରାଗୁଡା ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିଡି ଡିଆର୍‌ଡିଏ ରମାକାନ୍ତ ନାୟକ, ଜିଲା ମ୍ୟାଲେରିଆ ଅଧିକାରୀ ନୀଳମଣି ଦିଲୀପ ଚାନ୍ଦ ବେହେରା, ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ପ୍ରକାଶ ଚନ୍ଦ୍ର ନାୟକ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ଏବିଡିଓ ପ୍ରଫୁଲ୍ଲ କୁମାର କହଁର, ପିଏର୍‌ଓ ଅନନ୍ତ କୁମାର ଗାଇନ୍, ସୁପରଭାଇଜର ଗୋପାଳକୃଷ୍ଣ ପାଢୀ, ବିପିଏମ୍ ପ୍ରିୟଙ୍କା ସିଲ୍, ରୋଜାଲିନ ଦାସ, ଚକ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ୧ଲକ୍ଷ ୮ ହଜାର ୨ଶହ ୧୪ ଜଣଙ୍କୁ ମାଗଣା ମଶାରି ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

### ସିଟି କୋଅର୍ଡିନେସନ କମିଟି ପକ୍ଷରୁ ବିକ୍ଷୋଭ

ଜୟପୁର,୨।୧୦ (ନି.ପ୍ର. )

ଜାତିର ଜନକ ମହାତ୍ମାଗାନ୍ଧୀ ଏବଂ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଟ୍ରାଫିକ ଛକଠାରେ ସିଟି କୋଅର୍ଡିନେସନ କମିଟି ପକ୍ଷରୁ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବନ୍ଦ ପଡ଼ିଥିବା ପେପର ମିଲକୁ ଶୀଘ୍ର ଚାଲୁ କରିବା, ଉତ୍ତର ପ୍ରଦେଶ ଗଣବଳାତ୍କାର ଘଟଣାରେ ପୀଡିତାଙ୍କ ପରିବାରକୁ ନ୍ୟାୟ ଦେବା ଆଦି ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରମୋଦ ମହାନ୍ତି, ଯୁଧିଷ୍ଠିର ରାଉଳ, ସୁଦର୍ଶନ ବିଷୋୟୀ, ଏନ.ଭି.ସ୍ୱାମୀ, ରାମକୃଷ୍ଣ ଦାସ , ପ୍ରବୀର ପାତ୍ର , ଧୀରେନ୍ଦ୍ର କୁମାର ମହାନ୍ତି, ବାଳକୃଷ୍ଣ ପ୍ରଧାନ, ମଣ୍ଟୁ ହରିଜନ , ନନ୍ଦ ହରିଜନ ପ୍ରମୁଖ ସାମିଲ ହୋଇଥିଲେ।

**ଜିଲ୍ଲା ସ୍ତରୀୟ ନିଯୁକ୍ତି**
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ/ପ୍ରାର୍ଥୀନି ଆବଶ୍ୟକ।
Qualification : 9th, 10th, +2, +3, ITI and Diploma.
Salary : Upto 30,000/-
Age : 18-35 years.
9668051710

**WANTED**
Financialy sound **DISTRIBUTOR** for Odisha. All district by a TV and Home Appliance Compnay. Urgent response.
Call: 9938895656
8249964640

**APPOINTMENT**
Required Female candidate for **HEALTH CENTER** with English speaking & Computer knowledge.
**Plot No.17, Bhimatangi**
**Contact: 9668814120**

**PANCHAYAT SAMITI OFFICE, TALCHER**
No.2519/ Dt.28.09.2020

**CORRIGENDUM**

In connection with Tender Call Notice No.-TAL-01/2020-21/dt.07.09.2020, as per the decision of Tender Committee, the sale of bid document is hereby extended till 15.10.2020 and the bid documents will be received upto 20.10.2020 (5 P.M.) through Speed Post / Regd. Post only. Tender paper will be opened i.e. on dt.21.10.2020 at 10.30 A.M. The other term & condition will be remained unchanged. Any mistake will be rectified by the tender committee.

Sd./- Block Development Officer
Talcher

**DISTRICT PROJECT OFFICE**
**RTE-SAMAGRA SHIKSHA, JAJPUR**
**TENDER CALL NOTICE No. 1769/ Dt. 28.09.2020**

**No. n-22:-** Sealed tenders under two bid system are invited from the Authorised eligible manufacturing company / dealer having valid PAN/GST registration certificate for supply of **Godrej make** furniture i.e. Chairs, Tables and Almirahs. The quotation will be received up to **5 P.M.** on **15.10.2020** and will be opened on **16.10.2020** at **11 A.M.** in presence of the quotationers or their authorized representatives in the O/o the DPC, SS, Jajpur.
The detail tender call notice along with all other terms and conditions can be downloaded from the district website **www.Jajpur.nic.in**

*By order of Collector-cum-Chariman,*
*RTE-SS, Jajpur*
**Sd./- District Project Coordinator,**
**RTE-SS, Jajpur**
OIPR-27047/11/0001/2021

ମାତଃ ଦୁର୍ଗେ ! ସ୍ୱାର୍ଥ, ଭୟ, କ୍ଷୁଦ୍ରାଶୟତାରେ ମ୍ରିୟମାଣ ଭାରତ। ଆମମାନଙ୍କୁ ମହତ୍ କର। ମହତ୍ ପ୍ରୟାସୀ କର। ଉଦାରଚେତା କର। ସତ୍ୟ ସଙ୍କଳ୍ପ କର - ଯେପରି ଆଉ ଅଳ୍ପାଶୀ, ନିଶ୍ଚେଷ୍ଟ, ଅଳସ ଭୟଭୀତ ନ ହେଉ। -ଶ୍ରୀଅରବିନ୍ଦ



# ପୁରୁଣା ରାସ୍ତାରେ ପାଣ୍ଡେ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆଇପିଏସ୍ ଅଫିସର୍ ଗୁପ୍ତେଶ୍ୱର ପାଣ୍ଡେ ବିହାରର ପୋଲିସ ମହାନିର୍ଦ୍ଦେଶକ( ଡିଜିପି) ଥିଲେ ଏବଂ ସ୍ୱେଚ୍ଛାକୃତ ଅବସର( ଭିଆର୍ଏସ୍) ନେବାକୁ ଚାହିଁଥିଲେ। କିନ୍ତୁ ଏ କ୍ଷେତ୍ରରେ ତାଙ୍କ ପାଇଁ ତିନି ମାସିଆ ବାଧ୍ୟତାମୂଳକ ପୁନର୍ବିଚାର ଅବଧି ଛାଡ଼ କରାଯାଇଛି। ତାଙ୍କୁ ରାଜନୀତିରେ ଯୋଗଦେବାର ଅନୁମତି ଦେଇ ଆଗାମୀ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ସମ୍ଭବତଃ ଏହା କରାଯାଇଥିଲା। ସୁଶାନ୍ତ ସିଂ ରାଜପୁତ ଆତ୍ମହତ୍ୟା ଘଟଣାରେ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାକୁ ଆସିଥିବା ପାଣ୍ଡେ ଭିଆର୍ଏସ୍ ଲାଗି ଆବେଦନ କରିଥିଲେ ଏବଂ ୨୪ ଘଣ୍ଟା ମଧ୍ୟରେ ଏହା ବିହାର ସରକାରଙ୍କ ଅନୁମୋଦନ ବା ସ୍ୱୀକୃତି ପାଇଥିଲା। ସାଧାରଣତଃ ଜଣେ ଅଫିସର୍ ଭିଆର୍ଏସ୍ ନେବାକୁ ଚାହିଁଲେ ପଦ ଛାଡ଼ିବାର ତିନିମାସ ପୂର୍ବରୁ ସରକାରଙ୍କୁ ନୋଟିସ୍ ଦେଇଥାନ୍ତି। ସୂତ୍ରରୁ ପ୍ରକାଶ ଯେ, ଅବସର ଦେବା ପୂର୍ବରୁ ସବୁ କାଗଜପତ୍ର କାମ ଶେଷ କରିବା ପାଇଁ ସରକାରଙ୍କୁ ଦୁଇମାସ ସମୟ ଲାଗିଯାଏ । କିନ୍ତୁ ପାଣ୍ଡେଙ୍କ ଘଟଣାରେ ଏହା କରାଯାଇନି। ଅନୁଚିତ ଓ ତରବରିଆ ଭାବେ ତାଙ୍କ ଅବସରକୁ ଅନୁମୋଦନ କରାଯାଇଛି। ତେବେ ହଠାତ୍ ଆଇପିଏସ୍‌ରୁ ପାଣ୍ଡେଙ୍କ ଇସ୍ତଫା ଘଟଣା କେତେଜଣଙ୍କୁ ବିସ୍ମିତ କରିଦେଇଥିଲା। ବାସ୍ତବରେ ଏଭଳି ପଦକ୍ଷେପ ନେବାର କିଛି ସପ୍ତାହ ପୂର୍ବରୁ ତାଙ୍କର ରାଜନୈତିକ ଅଭିଳାଷ ଥିବା ଜଣାପଡ଼ିଥିଲା। ୨୦୦୯ରେ ମଧ୍ୟ ସେ ଏହି ରାସ୍ତା ଧରିଥିଲେ ଓ ସେହି ବର୍ଷ ଲୋକ ସଭା ନିର୍ବାଚନରେ ଲଢ଼ିବାକୁ ଭିଆର୍ଏସ୍ ନେଇଥିଲେ। ସେ ନିର୍ବାଚନରେ ହାରି ଯାଇଥିଲେ ଓ ପୁଣି ଆଇପିଏସ୍‌ରେ ପୁନଃ ଅବସ୍ଥାପିତ ହୋଇଥିଲେ।

### ଶୀର୍ଷ ପଦବୀ ଲାଗି ଲଢ଼େଇ

ହରିୟାଣା ମୁଖ୍ୟ ଶାସନ ସଚିବ କେଶ୍‌ନି ଆନନ୍ଦ ଆରୋରାଙ୍କ ଅବସର ନେଇଛନ୍ତି । ଏହାସହ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ରାଜେଶ ଖୁଲ୍ଲାରଙ୍କୁ ବିଶ୍ୱ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଏହି ଦୁଇଟି ଘଟଣାକୁ ଲକ୍ଷ୍ୟ କରି ଏବେ ରାଜ୍ୟରେ ପ୍ରଶାସନିକ କ୍ଷେତ୍ରରେ ବଡ଼ଧରଣର ପରିବର୍ତ୍ତନ ହେବ ବୋଲି ପର୍ଯ୍ୟବେକ୍ଷକମାନେ ଆଶା କରୁଛନ୍ତି। ସେମାନଙ୍କ ମତରେ ବହୁ ବରିଷ୍ଠ ଆଇଏଏସ୍ ଅଧିକାରୀ ଏହି ପଦ ପାଇଁ ଦୌଡ଼ରେ ରହିଛନ୍ତି। ସେମାନଙ୍କ ମଧ୍ୟରେ ୧୯୮୫ ବ୍ୟାଚ୍ ଆଇଏଏସ୍ ଅଧିକାରୀ ତଥା ଏବକାର ଗୃହ ସଚିବ ବିଜୟ ବର୍ଦ୍ଧନ ମୁଖ୍ୟ ସଚିବ ପଦ ଲାଗି ପ୍ରମୁଖ ଦାବିଦାର ରହିଛନ୍ତି। ତେବେ ୧୯୮୬ ବ୍ୟାଚ୍ ଆଇଏଏସ୍ ସଞ୍ଜୀବ କୌଶଲ ଓ ୧୯୮୭ ବ୍ୟାଚ୍ ଆଇଏଏସ୍ ରାଜୀବ ଆରୋରା ମଧ୍ୟ ଏହି ଲଢେଇରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ପ୍ରମୁଖ ସଚିବ ୧୯୯୩ ବ୍ୟାଚ୍ ଆଇଏଏସ୍ ଭି. ଉମାଶଙ୍କର ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କର ଅତିପାଖ ଲୋକ ବୋଲି କୁହାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ନିକଟତର ହୋଇଥିବାରୁ ସେ ଏହି ରେସ୍‌ରେ ଜିତିଯିବେ ବୋଲି ପ୍ରତୀୟମାନ ହେଉଛି। କେତେଜଣ ପର୍ଯ୍ୟବେକ୍ଷକ ମତ ଦେଇଛନ୍ତି ଯେ, ଜାତି ତତ୍ତ୍ୱ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରେ। ଉଭୟ କେଶ୍‌ନି ଆନନ୍ଦ ଆରୋରା ଓ ରାଜେଶ ଖୁଲ୍ଲାର ପଞ୍ଜାବୀ। ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ବି ପଞ୍ଜାବୀ। ଏଣୁ ପଞ୍ଜାବୀଙ୍କ ମଧ୍ୟରୁ ସେ ଏହି ପଦବୀ ପୂରଣ କରିବା ପାଇଁ ଚୟନ କରିବେ କି? ଜାତି ତତ୍ତ୍ୱ ଏ କ୍ଷେତ୍ରରେ ଭୂମିକା ନେବ କି?

### ଜବରଦଖଲକାରୀ ବାବୁ

ସରକାରୀ ଚାକିରିଆମାନଙ୍କୁ ଯେଉଁ ସରକାରୀ ଘର ଯୋଗାଇ ଦିଆଯାଇଥାଏ ତାହାକୁ ଅବସର ପରେ ଛାଡ଼ିବା ଲାଗି ସେମାନେ ଅନିଚ୍ଛୁକ ହେବା କିଛି ନୂଆ କଥା ନୁହେଁ। ଏହି ବିଷୟରେ ସାଧାରଣରେ ବୁଦ୍ଧିଜୀବୀ ଓ ଅନ୍ୟ ନାଗରିକମାନେ ବିତର୍କ କରି ଆସୁଛନ୍ତି। କୋର୍ଟରେ ଏହାର ବିଚାର ହୋଇ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଉଛି। କିନ୍ତୁ ଏଥିରେ ଅଧିକ କିଛି ପରିବର୍ତ୍ତନ ହୋଇପାରିନି। ବାବୁମାନେ ସରକାରୀ ଘରର ଅପବ୍ୟବହାର କରିପାରିବେ ନାହିଁ ବୋଲି ଏଇ ନିକଟରେ ଦିଲ୍ଲୀ ହାଇକୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ ଦଖଲରେ ଥିବା ଘରଗଡ଼ିକୁ ଖାଲି କରିବା ପାଇଁ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି। ଏହାସହ ଯେତେଦିନ ଯାଏ ସେମାନେ ବେଆଇନ ଭାବେ ସରକାରୀ ଘରେ ରହିଛନ୍ତି ସେହି ସମୟର ଭଡ଼ା ସେମାନଙ୍କଠାରୁ ଆଦାୟ କରିବା ଲଗି କୋର୍ଟ କହିଛନ୍ତି। ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଉପସ୍ଥାପନ କରାଯାଇଥିବା ତଥ୍ୟ ଅନୁସାରେ ଅବସରପ୍ରାପ୍ତ ସରକାରୀ ଚାକିରିଆଙ୍କ ଦ୍ୱାରା ବେଆଇନ ଦଖଲରେ ଥିବା ୫୬୫ ଟି ଘର ଖାଲି କରାଯିବା ସହ ସେମାନଙ୍କଠାରୁ ଭଡ଼ା ବାବଦରେ ୩ କୋଟି ଟଙ୍କା ଆଦାୟ କରାଯାଇଛି। ତଥାପି ବେଆଇନ ଦଖଲକାରୀଙ୍କଠାରୁ ୯ କୋଟି ଟଙ୍କା ଆଦାୟ କରିବାକୁ ବାକିଥିଲାବେଳେ ସେମାନଙ୍କ ନିକଟକୁ ନୋଟିସ ପଠାଯାଇଛି ବୋଲି ଉକ୍ତ ତଥ୍ୟରେ ଦର୍ଶାଯାଇଛି। ବର୍ତ୍ତମାନ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ପାଳନ କରାଯିବା ସହ ସମସ୍ୟା ସାମାନ୍ୟ ଶାନ୍ତ ପଡ଼ିବା ଭଳି ମନେହେଉଛି । କିନ୍ତୁ ଏହି ସମସ୍ୟା ଦୂର ହୋଇନାହିଁ। ବାବୁ ଓ ପ୍ରତିଷ୍ଠିତ ନେତାମାନେ ଅବସର ପରେ ଯଦି ସରକାରୀ ସମ୍ପତ୍ତି ବା ଘର ନ ଛାଡନ୍ତି ତେବେ ଏହି ସମସ୍ୟା ସମ୍ପୂର୍ଣ୍ଣ ଦୂର ହୋଇପାରିବନାହିଁ।

Email: dilipcherian@gmail.com

# ଭାରତର ଦାବି ଯଥାର୍ଥ



ଅନିଲ କୁମାର ବିଶ୍ୱାଳ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ କିଛିଦିନ ତଳେ ମିଳିତ ଜାତିସଂଘର ସାଧାରଣ ବୈଠକକୁ ସମ୍ବୋଧିତ କରିବା ବେଳେ ଅନେକ ଗୁରୁତ୍ୱପୂର୍ଣ ବିଷୟ ଉଠାଇଛନ୍ତି। ତାଙ୍କର ଏହି ସମ୍ବୋଧନରେ ସବୁଠାରୁ ବଡ କଥା ଯାହା ସିଏ ଉଠାଇଛନ୍ତି ତାହା ହେଉଛି ମିଳିତ ଜାତିସଂଘରେ ଭାରତକୁ ଠିକ ପ୍ରତିନିଧିତ୍ୱ ମିଳିବା ପ୍ରସଙ୍ଗରେ। ସେ କହିଛନ୍ତି ଯେ, ଭାରତର ଠିକ ପ୍ରତିନିଧିତ୍ୱ ବିନା ମିଳିତ ଜାତିସଂଘର ଆଜିର ଦିନରେ କୌଣସି ପ୍ରାସଙ୍ଗିକତା ନାହିଁ। ସମଗ୍ର ବିଶ୍ୱରେ ଯେତେ ଲୋକ ରହନ୍ତି ତାହାର ଛଅ ଭାଗରୁ ଭାଗେ ଲୋକ ଭାରତରେ ରହନ୍ତି। ବିଶ୍ୱର ସବୁଠାରୁ ବଡ ଗଣତନ୍ତ୍ର ହେଉଛି ଭାରତ। ବିଶ୍ୱର ଅର୍ଥନୈତିକ ଓ ପ୍ରତିରକ୍ଷା ମାନଚିତ୍ରରେ ଏକ ପ୍ରମୁଖ ଦେଶ ହେଉଛି ଭାରତ। ଏହି ଦେଶରେ ସବୁ ଧର୍ମର ଲୋକ ସ୍ୱଚ୍ଛନ୍ଦରେ ରୁହନ୍ତି। ୨୨ଟି ସରକାରୀ ଭାଷାରେ ଆମ ଦେଶରେ ଶାସନ ଚାଲେ ତଥାପି କିଛି ଅସୁବିଧା ହୁଏ ନାହିଁ। ଏହି ଦେଶର ବିଶେଷତ୍ୱ ହେଉଛି ଯେ ବିଶ୍ୱର ଥିବା ଅନେକ ପ୍ରାଚୀନ ସଭ୍ୟତା ମଧ୍ୟରୁ ଆଜିଯାଏ ସେହି ସଂସ୍କୃତିକୁ କାଏମ ରଖିଥିବା ଏକମାତ୍ର ଦେଶ ହେଉଛି ଭାରତ। ଖାଲି ସେତିକି ନୁହେଁ ଏ ଦେଶ ତା'ର ଇତିହାସରେ କେବେ କାହା ଉପରେ ଆଗୁଆ ଆକ୍ରମଣ କରିନାହିଁ। ମିଳିତ ଜାତିସଂଘ ହେଉଛି ସାରା ବିଶ୍ୱର ସବୁଠାରୁ ବଡ ସାମୂହିକ ସଙ୍ଗଠନ। କିନ୍ତୁ ଜାତିସଂଘରେ ଭାରତର ଭୂମିକା ଅଧିକ ନାହିଁ। ଅର୍ଥାତ୍ ବିଶ୍ୱର ଏକ ଷଷ୍ଠାଂଶ ଲୋକମାନଙ୍କର ସ୍ୱରକୁ ବହନ କରୁଥିବା ଏକ ସାଂସ୍କୃତିକ, ଅର୍ଥନୈତିକ ପ୍ରଭାବଶାଳୀ ରାଷ୍ଟ୍ରର ସ୍ୱରକୁ ଜାତିସଂଘରେ ଚପାଇ ଦିଆଯାଇ ଆସିଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମିଳିତ ଜାତିସଂଘର ପରିକଳ୍ପନା ହୋଇଥିଲା ଓ ରୂପ ନେଇଥିଲା। ମିଳିତ ଜାତିସଂଘକୁ ୭୫ ବର୍ଷ ବିତିଗଲାଣି। ହେଲେ ଏବେ କେଉଁଠି ପହଞ୍ଚିଛି ମିଳିତ ଜାତିସଂଘ ? ଏତେ ବଡ କରୋନା ମହାମାରୀ ବେଳେ ମିଳିତ ଜାତିସଂଘର ଭୂମିକା କ'ଣ ଥିଲା ? ମିଳିତ ଜାତିସଂଘର ଅନ୍ୟତମ ଛାମୁଆ ସଙ୍ଗଠନ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କରୋନା ମୁକାବିଲାରେ ଚାଇନାକୁ ସୁରକ୍ଷା ବେଶି ଦେଉଥିବାର ନଜର ଆସିଥିଲା। ବିଗତ ୭୫ ବର୍ଷରେ ମିଳିତ ଜାତିସଂଘ ଅନେକ ଭଲ କାମ କରିଛି ଏଥିରେ କୌଣସି ଦ୍ୱିମତ ନାହିଁ କିନ୍ତୁ ଏହା ସେତିକି କରିପାରିନାହିଁ ଯେତିକି କରିପାରିବା କଥା। ତା'ର ନିରପେକ୍ଷତା ଉପରେ ବି ପ୍ରଶ୍ନ ଉଠିଛି। ମିଳିତ ଜାତିସଂଘ ଯେତେବେଳେ ଗଢା ଯାଇଥିଲା ସେତେବେଳେ ମୁଖ୍ୟତଃ ୫ଟି ଉଦ୍ଦେଶ୍ୟ ନେଇ ସୃଷ୍ଟି କରାଯାଇଥିଲା। ସେଗୁଡିକ ହେଲା ଅନ୍ତର୍ଜାତୀୟ ଶାନ୍ତି ଓ ସୁରକ୍ଷାକୁ ବଜାୟ ରଖିବା, ଦେଶ ଦେଶ ଭିତରେ ଯୁଦ୍ଧ ହେଲେ ତାକୁ ବନ୍ଦ କରିବା, ଭବିଷ୍ୟତରେ କେଉଁ ଦେଶ ଦେଶ ଭିତରେ ଯୁଦ୍ଧ ହେବାର ଆଶଙ୍କା ଦେଖାଦେଲେ ତାକୁ ସମାଧାନ କରିବା ଏବଂ ବିଶ୍ୱରେ ଶାନ୍ତି ଓ ସମୃଦ୍ଧି ବଜାୟ ରଖିବା ପାଇଁ କାମ କରିବା। ହେଲେ ମିଳିତ ଜାତିସଂଘ ଏହି ଲକ୍ଷ୍ୟ ସାଧନରେ ସଫଳ ହୋଇଛି କି ? ବିଶେଷ ଭାବରେ ଯେଉଁ ଦେଶ ଗୁଡିକ ଏହାର ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ଅଛନ୍ତି ସେମାନଙ୍କର ମନମାନି ନିଷ୍ପତ୍ତି ଉପରେ ମିଳିତ ଜାତିସଂଘ କିଛି କରିପାରି ନାହିଁ। ମିଳିତ ଜାତିସଂଘର ବିଶ୍ୱ ମାନବାଧିକାର କାଉନ୍‌ସିଲ ଏକ ବଡ ସଂସ୍ଥା, ଯାହା ମାନବାଧିକାର ଉପରେ କାମ କରେ। ହେଲେ ସେଥିରେ ଏବେ କିଏ କିଏ ପ୍ରମୁଖ ଦାୟିତ୍ୱରେ ଅଛନ୍ତି। ଭେନିଜୁଏଲା, କ୍ୟୁବା, ଚାଇନା ଭଳି ଦେଶ ଯେଉଁ ଦେଶମାନଙ୍କରେ ଜନତାଙ୍କର ମାନବାଧିକାର ବୋଲି କିଛି ନାହିଁ ଏବେ ସେହିମାନଙ୍କର ହାତରେ ଅଛି ବିଶ୍ୱ ମାନବାଧିକାର କାଉନ୍‌ସିଲ। ମିଳିତ ଜାତିସଂଘର ମାନବିକ ଅଧିକାର ସଂଗଠନ ଦୋହରା ମାପଦଣ୍ଡ ପାଇଁ ବିଖ୍ୟାତ। ବିଗତ ବର୍ଷମାନଙ୍କରେ ହୋଇଥିବା ଗଣହତ୍ୟା (ଜିନୋସାଇଡ) ଯେପରି କି ରାଓ୍ୱଣ୍ଡା ଗଣହତ୍ୟାରେ ୮ ଲକ୍ଷ ସାଧାରଣ ଲୋକ, କଙ୍ଗୋରେ ରାଜନୈତିକ ବିବାଦ ପାଇଁ ୬୦ଲକ୍ଷ ଲୋକ, ବୋନସିଆନ ଜିନୋସାଇଡରେ ୧ ଲକ୍ଷ ଲୋକ, କାମ୍ବୋଡିଆନ ଜିନୋସାଇଡରେ ୧୨ ଲକ୍ଷ ଲୋକ ପ୍ରାଣ ହରାଇଲେ। ମିଳିତ ଜାତିସଂଘ ଏହାକୁ ରୋକିପାରିଲା କି? ସିରିଆ, ପାଲେଷ୍ଟାଇନ, ୟେମେନ ଆଦି ଦେଶରେ ମୃତ୍ୟୁର ବିଭୀଷିକା ବେଳେ ଜାତିସଂଘର ଭୂମିକା ସନ୍ଦେହଜନକ ଥିଲା।

ଜାତିସଂଘର ନିରାପତ୍ତା ପରିଷଦ ଯାହା ସର୍ବୋଚ୍ଚ ନିୟନ୍ତ୍ରଣକାରୀ ଗୋଷ୍ଠୀ ତାହାକୁ ସାରା ବିଶ୍ୱର ସମସ୍ତ ଦେଶ ଏକ ଗଣତାନ୍ତ୍ରିକ ପଦ୍ଧତିରେ ମିଶିକି ବାଛି ନାହାନ୍ତି । ବରଂ ଦ୍ୱିତୀୟ ବିଶ୍ୱ ଯୁଦ୍ଧର ବିଜେତାମାନେ ହିଁ ଏହି ନିରାପତ୍ତା ପରିଷଦ ନାଁରେ ମନମାନି କରିବେ ବୋଲି ଏପରି ଭିଟୋ ବ୍ୟବସ୍ଥାର ପ୍ରଚଳନ କରିଥିଲେ। ଭିଟୋ ପାୱାର ନାଁରେ ଆମେରିକା, ଚାଇନା, ରୁଷିଆ, ବ୍ରିଟେନ ଆଉ ଫ୍ରାନ୍ସର ମନମାନି ସାରା ବିଶ୍ୱ ଦେଖି ଆସିଛି । ଯେତେବେଳେ ଇଜିପ୍ଟ ଉପରେ ଆକ୍ରମଣ ହୋଇଥିଲା ସେତେବେଳେ ବ୍ରିଟେନ ଏବଂ ଫ୍ରାନ୍ସ ସେମାନଙ୍କର ଭିଟୋକୁ ଅପବ୍ୟବହାର କରିଥିଲେ। ଯେତେବେଳେ ସିରିଆ ବିରୋଧରେ ପ୍ରସ୍ତାବ ଆସିଥିଲା ସେତେବେଳେ ରୁଷିଆ ନିଜ ଭିଟୋର ଅପବ୍ୟବହାର କରିଥିଲା । ସେହିପରି ଚାଇନା ତା'ର ଭିଟୋ ଶକ୍ତି ବଳରେ ପାକିସ୍ତାନର ଆତଙ୍କବାଦ ବିରୋଧରେ କୌଣସି ପ୍ରସ୍ତାବ ପାରି କରିଦେଉନାହିଁ। ନିରାପତ୍ତା ପରିଷଦର ୫ ଜଣ ସ୍ଥାୟୀ ସଦସ୍ୟଙ୍କ ସହିତ ୧୦ ଜଣ ଅସ୍ଥାୟୀ ସଦସ୍ୟ ରହିଥାନ୍ତି । ବାସ୍ତବରେ ଦେଖିବାକୁ ଗଲେ ନିରାପତ୍ତା ପରିଷଦର ସମସ୍ତ ଅଧିକାର ଏହି ୫ଟି ଦେଶ ନିକଟରେ ହିଁ ରହିଛି ଓ ସେମାନଙ୍କ ନିକଟରେ ହିଁ କେବଳ ଭିଟୋ କ୍ଷମତା ରହିଛି । ଏହି ଦେଶମାନେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଦୃଷ୍ଟିରୁ ଭିଟୋ କ୍ଷମତାକୁ ପ୍ରୟୋଗ କରିଥାନ୍ତି । ମିଳିତ ଜାତିସଂଘର ସମୁଦାୟ ୧୫ଟି ସ୍ୱତନ୍ତ୍ର ଅନୁଷ୍ଠାନ ଅଛି । ସେଥିରୁ ଚାଇନା ୪ଟିରେ ମୁଖ୍ୟ ପଦରେ ଅଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମୁଖ୍ୟ ହେଉଛନ୍ତି ଡ. ଟେଡରସ ଆଧାନୋମ, ଯିଏ ପୂର୍ବରୁ ଇଥିଓପିଆର ସ୍ୱାସ୍ଥ୍ୟମନ୍ତ୍ରୀ ଥିଲେ । ଇଥିଓପିଆରେ ଏକ ମହାମାରୀରେ ଲକ୍ଷ ଲକ୍ଷ ଲୋକ ମରିଥିଲେ ସେତେବେଳେ ସେ ତାହା ପଛରେ ଦାୟୀ ଥିଲେ ବୋଲି ତାଙ୍କ ନାଁରେ ଅଭିଯୋଗ ଅଛି । ତାଙ୍କ ନିଯୁକ୍ତି ପଛରେ ଅଛି ଚାଇନା। ଚାଇନାର ବେଲ୍ଟରୋଡ ପ୍ରକଳ୍ପକୁ ମିଳିତ ଜାତିସଂଘ ଏକ ଆବଶ୍ୟକୀୟ ସ୍ଥାୟୀ ବିକାଶ ପ୍ରକଳ୍ପ ଭାବେ ମାନ୍ୟତା ଦେଇଛି । ଦିନେ ଆମେରିକା ମିଳିତ ଜାତିସଂଘକୁ କବଜା କରିଥିଲା ଆଉ ଏବେ ଚାଇନା କରିବା ପାଇଁ ଯାଉଛି।

ଜାପାନ, ଦକ୍ଷିଣ ଆଫ୍ରିକା, ଭାରତ, ଜର୍ମାନୀ ଭଳି ଦେଶ କାହିଁକି ନିରାପତ୍ତା ପରିଷଦର ସଦସ୍ୟ ହେବେ ନାହିଁ । ମିଳିତ ଜାତିସଂଘର ଶାନ୍ତି ସେନାରେ ଭାରତ ସବୁବେଳେ ବଡ ଭୂମିକା ତୁଲାଇ ଆସିଛି । ୨ ଲକ୍ଷ ଭାରତୀୟ ସୈନ୍ୟ ବିଭିନ୍ନ ଯୁଦ୍ଧ ଶାନ୍ତି ସେନା ପାଇଁ ଲଢିଛନ୍ତି । ୧୬୦ ଜଣ ଶହୀଦ ମଧ୍ୟ ହୋଇଛନ୍ତି । ୨୦୧୭ରେ ଭାରତ ପ୍ରଥମ ଦେଶ ଥିଲା, ଯିଏ ଏକ ପୂରା ବାଟାଲିଆନର ମହିଳା ସେନା ନିୟୋଜିତ କରିଥିଲା ଜାତିସଂଘ ପାଇଁ। ଏପରି ସମୟରେ ଦେଶର ପ୍ରଧାନମନ୍ତ୍ରୀ ଜାତିସଂଘ ବିଷୟରେ ଏପରି ପ୍ରସଙ୍ଗ ଉଠାଇ ଭାରତର ଦାବିକୁ ଆହୁରି ମଜଭୁତ କରିଛନ୍ତି। କେତେଦିନ ଆଉ ସେହି ୫ଟି ଦେଶର ମନମାନି ଆଗରେ ବାକି ସମସ୍ତ ରାଷ୍ଟ୍ର ମୁଣ୍ଡ ନୁଆଉଁଥିବେ । ଜାପାନ, ଦକ୍ଷିଣ ଆଫ୍ରିକା, ଭାରତ, ଜର୍ମାନୀ ମିଶି ଜି-୪ ଗଠନ କରି ସେହି ଦାବିକୁ ଆଗରୁ ଉଠାଇ ଆସୁଛନ୍ତି।

ଭାରତକୁ ପୂର୍ବରୁ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ଭାବେ ସ୍ଥାନ ଦିଆଯିବାର ଆବଶ୍ୟକ ଥିଲା । ମାତ୍ର ବର୍ତ୍ତମାନ ଯାଏ ଭାରତକୁ ଏହି ଅଧିକାରରୁ ବଞ୍ଚିତ କରି ରଖାଯାଇଛି। ହଜାର ହଜାର ବର୍ଷ ଧରି ନିରନ୍ତର ଭାବେ ଚାଲି ଆସିଥିବା ସଭ୍ୟତା ବିଶିଷ୍ଟ ଦେଶ ହେଉଛି ଭାରତ। ହେଲେ କିଛି ଶହ ବର୍ଷ ଭାରତ ପରାଧୀନ ଥିଲା। ପଶ୍ଚିମି ଗୋରା ଦେଶଗୁଡ଼ିକ ଦ୍ୱାରା ଦୀର୍ଘ ସମୟ ଧରି ଔପନିବେଶିକ ଶୋଷଣର ଶିକାର ହୋଇଥିବା ଦେଶଗୁଡ଼ିକର ପ୍ରତିନିଧି ହେଉଛି ଭାରତ। ଜାତିସଂଘର ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ଭାବେ ଭାରତକୁ ସ୍ଥାନ ଦେବାର ଅର୍ଥ ହେଲା ଉପନିବେଶ ଜରିଆରେ ଆର୍ଥିକ ଶୋଷଣ ଓ ସାଂସ୍କୃତିକ ଆକ୍ରମଣର ଶିକାର ହୋଇଥିବା ସମସ୍ତ ଦେଶର ପ୍ରତିନିଧିତ୍ୱକୁ ସ୍ଥାନ ମିଳିବା । ଭାରତ ଏକ ବିଶାଳ ଜନସଂଖ୍ୟା ବିଶିଷ୍ଟ ବିବିଧତାସମ୍ପନ୍ନ ଦେଶ। ଭାରତରେ ଯେତେ ବିବିଧତା ରହିଛି ଅନ୍ୟ କେଉଁଠି ସେତିକି ବିବିଧତା ନାହିଁ । ଭାରତକୁ ଜାତିସଂଘରେ ଠିକ ପ୍ରତିନିଧିତ୍ୱ ନ ଦେବାର ଅର୍ଥ ହେଲା ବିବିଧତାକୁ ସମ୍ମାନ ନ ଦେବା ।

ଜାତିସଂଘରେ ମତଦାନ ବେଳେ ଲୋକମାନେ ନୁହେଁ ଦେଶମାନେ ଭୋଟ ଦିଅନ୍ତି। ଭାରତର ୧୩୦କୋଟି ଲୋକଙ୍କ ନିକଟରେ ଗୋଟିଏ ଭୋଟ ରହିଛି। ଠିକ ସେହିପରି ୧ ହଜାର ଜନସଂଖ୍ୟା ବିଶିଷ୍ଟ ଭାଟିକାନର ମଧ୍ୟ ଗୋଟିଏ ଭୋଟ ରହିଛି। ଭାଟିକାନ ସିଟିର ଜଣେ ନାଗରିକର ଭୋଟର ମୂଲ୍ୟ ଭାରତର ନାଗରିକର ଭୋଟର ମୂଲ୍ୟଠାରୁ ୧୩୦,୦୦୦୦,୦୦୦ ପ୍ରତିଶତ ଅଧିକ। ଏହା ଭାରତ ସହ ଭେଦଭାବ ନୁହେଁ କି ? ଭାରତ ତା'ର ନିଜର ଅଧିକାର ଦାବି କରୁଛି। ଯଦି ମିଳିତ ଜାତିସଂଘ ଚେତିବ ନାହିଁ ତେବେ ଏହାର ସମାଧାନର ରାସ୍ତା ଭାରତକୁ ହିଁ ବାହାର କରିବାକୁ ପଡିବ।

ହରିରାଜପୁର, ପୁରୀ
ମୋ-୮୨୪୯୮୬୮୯୬୧

# ଯେମିତି ଦୃଷ୍ଟି, ସେମିତି ସୃଷ୍ଟି



ମୋହନ ଚରଣ ବିଷି

ସମସ୍ତଙ୍କ ଦୃଷ୍ଟି ସମାନ ନୁହେଁ। ଯେକୌଣସି ବିଷୟରେ ସମୀକ୍ଷା କଲାବେଳେ ସମସ୍ତଙ୍କ ମତାମତ ସମାନ ହୋଇ ନଥାଏ। ବର୍ଷା ହେଲେ ଚାଷୀ ହସିଥାଏ। ନଈକୂଳିଆଙ୍କ ଛାତିରେ ଛନକା ପଶିଥାଏ। କବି କବିତା ଲେଖେ। ଭୋକିଲା ପେଟରେ ଜୁଇ। ମତୁଆଲା ଶ୍ରାବଣୀରେ ପ୍ରେମିକାର ମନ ଉଚ୍ଛନ୍ନ। ପୁରୀ ବେଳାଭୂମିରେ ପ୍ରାୟ ଚାଳିଶ ବର୍ଷର ଜଣେ ପୁରୁଷ ଓ ପନ୍ଦର ବର୍ଷର ଜଣେ ଝିଅକୁ ନେଇ ଚର୍ଚ୍ଚା। ଦୂର ପାହାଡ଼ ସୁନ୍ଦର ପରି ସମସ୍ତେ ନିଜ ଦୃଷ୍ଟିଭଙ୍ଗୀରେ ନିରୀକ୍ଷଣ କରୁଥିଲେ। ସେମାନଙ୍କ ଯେମିତି ଭାବରେ ଏକତ୍ରିତ ସ୍ନାନ, ଭ୍ରମଣ, ଭାବଭଙ୍ଗୀ ଦେଖି ଯେକେହି କହିବ ସେମାନେ ଏକ ପ୍ରେମୀଯୁଗଳ। କିନ୍ତୁ ଯେତେବେଳେ ଜାଣିବାକୁ ପାଇଲେ ସେମାନେ ଦୁହେଁ ବାପା ଝିଅ ସମସ୍ତଙ୍କ ମୁଣ୍ଡ ତଳକୁ ହେଇଗଲା। ଜଣଙ୍କ ବିଷୟରେ ଠିକ୍ ନ ଜାଣି ମନ୍ତବ୍ୟ ଦେବା ଅନୁଚିତ ବୋଲି ସମସ୍ତେ ମର୍ମେ ମର୍ମେ ଅନୁଭବ କଲେ। ସଧାରଣତଃ ଘଟଣାଟିଏ ପ୍ରଘଟ ହେଲେ ସମସ୍ତେ ବାଃ ବାଃ ହୋଇଯାଆନ୍ତି। ଭିନ୍ନ ଭିନ୍ନ ଲୋକ ଭିନ୍ନ ଭିନ୍ନ ମନ୍ତବ୍ୟ ଦେଇଥାନ୍ତି। ସତକଥାକୁ ସହଜରେ ଗ୍ରହଣ କରନ୍ତି ନାହିଁ। ସେ କରୋନା ମହାମାରୀ କଥାହେଉ କି କଙ୍ଗନା କଥା। ସୁଶାନ୍ତ କଥା ହେଉ ଅବା ସାଂସଦ ଅନୁଭବଙ୍କ କଥା। କହିବା ଲୋକେ କହିବେ ହିଁ କହିବେ। ସାମାଜିକ ଗଣମାଧ୍ୟମରେ ଛାଇଯାଏ ଖବର। ଯିଏ ଯେମିତି ପାରିଲା କହିଲା। କିଏ କା ପାଟିକୁ ଧରିଛି କି କିଏ କା ହାତକୁ ଧରିଛି। ଯୁଧିଷ୍ଠିର ସ୍ୱର୍ଗାରୋହଣ ସମୟରେ ଶ୍ୱାନ ମଧ୍ୟରେ ଧର୍ମ ଦର୍ଶନ କରି ସମତା ହାସଲ କରିଥିଲେ। ମୋଚି ଶାଳଗ୍ରାମ ଶିଳା ଉପରେ ଜୋତା ତିଆରି କରିବା ବେଳେ ଗୀତଗୋବିନ୍ଦ ଗାନକରି ପରମପଦ ପାଇଥିଲା। ବାଲ୍ମୀକି ପ୍ରଥମ ଜୀବନରେ ଚୋର ଥାଇ ମଧ୍ୟ ନାରଦଙ୍କ ଦୟାରୁ ରାମାୟଣ ଲେଖି ପାରିଥିଲେ। ସିଂହବାହିନୀ ଦୁର୍ଗା ଓ ବ୍ୟାଘ୍ରବାହିନୀ ସର୍ବମଙ୍ଗଳା ଦୁଷ୍ଟ ଦଳନ ପାଇଁ ଆତ୍ମପ୍ରୟୋଗ କରିଥିଲେ। କାମାତୁର ଯାବଳିକ ମଧ୍ୟ ଶିବ ଦର୍ଶନ ପାଇଥିଲେ। ଜୀବ ହତ୍ୟାକାରୀ ଶବର ଶେଷ ଶିବରାତ୍ରି ଦିନ ଉଜାଗର ରହି ପୂର୍ଣ୍ଣତା ହାସଲ କରିଥିଲେ। ଗୁରୁଭକ୍ତ ଆରୁଣୀ ନିଜ ଗୁରୁଙ୍କ ନିର୍ଦ୍ଦେଶରେ ଗାଈ ଚରାଇବାକୁ ଯାଇ ଶେଷରେ ନଦୀବନ୍ଧ ମୁହାଣରେ ଶୋଇଯାଇଥିଲେ। ଅନେକ ଗୁରୁଭକ୍ତ ନିଜ ଗୁରୁ ବଚନରେ ପ୍ରାଣ ଉତ୍ସର୍ଗ କରି ପୂର୍ଣ୍ଣତା ହାସଲ କରିଥିଲେ।

ଚେଷ୍ଟା କଲେ ପିମ୍ପୁଡ଼ି ମଧ୍ୟ ରୁଖାରେ ଚଢ଼ିପାରେ। ମଶାମାଛିର ଜୀବନରେ ମଧ୍ୟ ଆତ୍ମନାରାୟଣ ବିଦ୍ୟବାନ। ଭଗବାନ ଶ୍ରୀକୃଷ୍ଣ କାମ, କ୍ରୋଧ, ଲୋଭ, ଶୋକ ଏବଂ ମାୟାରୂପୀ ସର୍ପ ଉପରେ ନୃତ୍ୟ କରି ସମସ୍ୟା ସମାଧାନ କରିଥିଲେ। ରାକ୍ଷସ କୂଳରେ ଜନ୍ମହୋଇ ମଧ୍ୟ ବିଭୀଷଣ ଶ୍ରୀରାମ ଚନ୍ଦ୍ରଙ୍କ ପରମ ଭକ୍ତ ହୋଇପାରିଥିଲେ। ତୁଳସୀ ଦାସଙ୍କ ଦୟାରୁ ବୃକ୍ଷ ଉପରେ ଥିବା ଭୂତ ମଧ୍ୟ ମୁକ୍ତି ପାଇଥିଲା। ହନୁମାନ ଜୀ କପିହୋଇ ମଧ୍ୟ ଶ୍ରୀରାମ ସୀତାଙ୍କୁ ହୃଦୟରେ ଧାରଣ କରିଥିଲେ। ଅସୁର ଦଳନ ପାଇଁ ଭଗବାନ ଦଶବତାର ହୋଇଥିଲେ। ଯୁଗେ ଯୁଗେ ପରମାତ୍ମାଙ୍କ ପରମସତ୍ତା ସର୍ବତ୍ର ଉପଲବ୍ଧି ହୁଏ। ପ୍ରତି ଯୁଗେ ସାଧୁ, ସନ୍ଥ, ଋଷି, ମୁନି ଏବଂ ପରୋପକାରୀମାନେ ଦଣ୍ଡିତ, ଲାଞ୍ଛିତ, ଅପମାନିତ, ନିନ୍ଦିତ ଏବଂ ନିର୍ଯାତିତ। ମୃତ୍ୟୁ ପଥର ଯାତ୍ରୀ ହୋଇ ମଧ୍ୟ ମହାପୁରୁଷମାନେ ନିଜ ଅନ୍ତରର ଦୁଃଖକୁ ଲୁଚାଇ ପର ଅନ୍ତରର ଦୁଃଖର ଅନୁସନ୍ଧାନ କରି ନିଜ ଅଧରରେ କ୍ରନ୍ଦନ ଏବଂ ନିଜ ଆଖିର ଲୁହକୁ ଦବାଇ ପର ଓଠରେ ହସଫୁଟାଇ ପର ଆଖିର ଲୁହକୁ ପୋଛି ଦିଅନ୍ତି। ଶୃଙ୍ଖଳା, ନୀତି, ନିୟମ, କୁଳଧର୍ମ ଏବଂ କୁଳାଚାର, ସତପଥର ଯାତ୍ରା ଏବଂ ପରୋପକାର ହୁଏ ଅନାଚାର,ଠକାମି, ଭଣ୍ଡାମି, ମିଥ୍ୟା ଛଳନାଦି ଅନେକ ବିଶ୍ଳେଷଣ। ଲୋଭାଦି ଅସତକର୍ମ ଶୁଭ୍ର ସ୍ୱଚ୍ଛ ବସ୍ତ୍ର ଓ ଭାଷଣାଦିରେ ଚପଳତା ହୁଏ ସଚ୍ଚା ଉପାସନା। ପଣ୍ଡିତନାଂ ମତିଭ୍ରମ,ଶିକ୍ଷକନାଂ ଚପଳତା ବାଣୀ ହିଁ ସତ୍ୟରେ ପରିଣତ ହୁଏ। ଏହି ତ ସଂସାର ଓ ଜୀବନ ଚକ୍ର। ଜୀବନରେ ଆସେ ଅନେକ ଅନ୍ଧାର ଏବଂ ଆଲୋକ, ଝଡ଼ ଝଞ୍ଜାଦିର ଘନଘଟା। ଦୁଃଖ ନ ଥିଲେ ସୁଖ ନାହିଁ। ଅନ୍ଧାର ନ ଥିଲେ ଆଲୋକ ନାହିଁ। ଧଳା ନ ଥିଲେ କଳା ନାହିଁ। ଜଗତର ପ୍ରଥମ ରୂପ ହିଁ କଳା। କଳାରୁ କୃଷ୍ଣ, କାଳୀ ଓ ଜଗନ୍ନାଥ। ଶ୍ୟାମଳ ବର୍ଣ୍ଣକୁ ଗ୍ରହଣ କରିଛନ୍ତି ଆଦିଦେବ। ପ୍ରତି ଅବତାରର ବର୍ଣ୍ଣ ଶ୍ୟାମଳ (କଳା)। ସୃଷ୍ଟି ଆଦ୍ୟ ପରିଚୟକୁ ଗ୍ରହଣ କରିଛନ୍ତି ମା' କାଳୀ ଓ ପ୍ରଭୁ ଶ୍ରୀକୃଷ୍ଣ। ଘନକୃଷ୍ଣ ଆକାଶରେ ଚନ୍ଦ୍ର, ସୂର୍ଯ୍ୟ, ତାରା ଶୋଭିତ। ଚକ୍ଷୁର ତାରକା କଳା,ଏପରି ସୃଷ୍ଟିର ଯାହା ପ୍ରଥମ ରୂପ ସେ ସମସ୍ତ କଳା। ଏହି କଳା ହି ତ ଅନନ୍ତ ଜୀବନ, ଅନ୍ତରର ପୂର୍ଣ୍ଣତା, ଗଭୀର ଜ୍ଞାନର ସୋପାନ ଏବଂ ପୂର୍ଣ୍ଣାନନ୍ଦ। ଏଣୁ ଗୁରୁ ଗୋବିନ୍ଦଙ୍କୁ ଏକ ଦୃଷ୍ଟି, ଏକ ଜ୍ଞାନ, ଏକ ଭାବନା, କାୟମନ ଏବଂ ବାକ୍ୟରେ ଏକତ୍ୱ ଭାବନା,ଏକ ବିଚାର, ଦୃଢ଼ତା, ଆତ୍ମବିଶ୍ୱାସ, ନିର୍ଦ୍ଦେଶ ପାଳନ, ଗୁରୁମାର୍ଗୀ ହେବା ହିଁ ଗୋବିନ୍ଦଙ୍କ ଉପଲବ୍ଧି। ଗୁରୁଙ୍କଠାରେ ଗୋବିନ୍ଦ ଦର୍ଶନ ତ ପୂର୍ଣ୍ଣତା। ମନୁଷ୍ୟ ଜୀବନକୁ ଅନ୍ୱେଷଣ,ନିରୀକ୍ଷଣ କରିବା ଯେତିକି ସହଜ ମନେହୁଏ ଅଦ୍ୟାପି ଜଟିଳ ଅଟେ। କୌଣସି ମନ୍ତବ୍ୟ ଦେବା ପୂର୍ବରୁ ବାରମ୍ବାର ଚିନ୍ତା କରିବା। ଠିକ୍ ଓ ଉଚିତ ବୋଧ ହେଲେ ହିଁ ଲେଖିବା ଅବା କହିବା। ଏମିତି କିଛି କରିବା ନାହିଁ, ପରେ ପଶ୍ଚାତ୍ତାପ ଓ ଅନୁତାପ କରିବାକୁ ହେବ। ତାଙ୍କର କୁଶପୁତ୍ତଳିକା ଦାହଠାରୁ କେତେ ବିରୋଧର ସମ୍ମୁଖୀନ ହୁଅନ୍ତି। ପରେ ନିଜ ମନ୍ତବ୍ୟକୁ ଫେରେଇ ନିଅନ୍ତି। କେତେ ଲାଜର କଥା ଏ। ଆଜିକାଲି ତ ପାଦେ ପାଦେ ସତର୍କତା ସହ ଚାଲିବାକୁ ପଡୁଛି। ସୁଧୀଜନେ ଆମର ଦୃଷ୍ଟିରେ ସରଳତା, ସମାନତା ରହୁ। ଆମେ ଅଧିକ ଦୂରତ୍ୱରେ କଥାକୁ ଦେହକୁ ନ ନେଉ। ଆମେ ସେହି ଲୋକର ଅଜାଣତରେ ବେଶି ଘାଣ୍ଟି ଚକଟି ହେଉ। ଘରେ, ଦାଣ୍ଡରେ, ଚା ଖଟିରେ ବେଦମ ଚର୍ଚ୍ଚା କରୁ। ଅବଶ୍ୟ ନିର୍ଦ୍ଦିଷ୍ଟ ବ୍ୟକ୍ତି ଆମଠାରୁ ବହୁଦୂରେ, ସେ କିଏ ଆମେ କିଏ ତଥାପି ଆମ ଦୃଷ୍ଟିରୁ ସେ ବାଦପଡେନି।

ଆମେ ତାଙ୍କ ବିଷୟରେ ହେଲା ନ ହେଲା କେତେ ଗପୁ। ନ ହେଲେ ଆମ ଖାଦ୍ୟ ହଜମ ହୁଏ ନାହିଁ। ଆମ ଦୃଷ୍ଟି ପିଚୁ ରାସ୍ତା ଉପରେ ପାଣିର ଭ୍ରମ ସୃଷ୍ଟି କଲାପରି। ଆମ ଦୃଷ୍ଟିରେ ଯେମିତି ଦୃଶ୍ୟ ହୁଏ, ମନରେ ଯେମିତି ଭାବନା ସୃଷ୍ଟି ହୁଏ। ପ୍ରକୃତରେ ଏ ମଣିଷ, ସମାଜ, ଦେଶ ସେମିତି କ'ଣ ହୋଇଥାଏ ? ବିଶ୍ୱାସର ଆଖି ଅନେକ ସମୟରେ ଧୋକା ଖାଏ। ସମର୍ପଣ ଭାବନାରେ ସଞ୍ଚରି ଯାଏ କୋହ ଓ ମୋହ। ସେତେବେଳେ ସ୍ୱପ୍ନ ଦୃଷ୍ଟିରେ ବାସ୍ତବତା ଆଖି ଖୋଲିଦିଏ। କରୁଣାସିନ୍ଧୁଙ୍କ କରୁଣା ଦୃଷ୍ଟିରେ କାହା ଅମାର ଭରିଯାଏ। ତାଙ୍କ କୃପା ଦୃଷ୍ଟିରେ ମୋହାଚ୍ଛନ୍ନ ଜୀବନ ଉନ୍ମୁକ୍ତ ଆକାଶର ମୁକ୍ତ ବିହଙ୍ଗ ତ ବକ୍ରଦୃଷ୍ଟିରେ ନିମିଷ ମାତ୍ରକେ ଭୁଶୁଡି ଯାଏ ଐଶ୍ୱର୍ଯ୍ୟର ସାମ୍ରାଜ୍ୟ। ନିଜର ଦୃଷ୍ଟିକୁ ଲୋଲୁପ, ହିଂସ୍ର, ଅସହ୍ୟ କଲେ ସୃଷ୍ଟି ଅଳିକ, ତୁଚ୍ଛ, ବିତୃଷ୍ଣ ମନେହେବ। ଦୃଷ୍ଟିକୁ କମନୀୟ, ନମନୀୟ କରିବା ସହିତ ଦୃଷ୍ଟିଭଙ୍ଗୀରେ ସୁନ୍ଦରତା, ବିଶାଳତାକୁ ଦର୍ଶନ କରି ତୃପ୍ତ ଅନୁଭବ କରିବା ତେବେ ଯାଇ ସାରା ସୃଷ୍ଟି ନିଜର ନିଜର ଲାଗିବ। ସୃଷ୍ଟି ଓ ସ୍ରଷ୍ଟାର ମହନୀୟତା ଅନୁଭବ କରିହେବ।

ଅଧ୍ୟାପକ, ଗଡ଼ରାମାଳ, କୋକସରା, କଳାହାଣ୍ଡି
ମୋ-୯୭୭୭୪୬୮୮୪୧

## ଏଇ ଭାରତରେ

ନିଜ ଦରମାରୁ ଖର୍ଚ୍ଚକରି ୨୨୦୦ ପିଲାଙ୍କୁ ମାଗଣାରେ ପଢାଉଥିବା ବଠିଣ୍ଡା( ପଞ୍ଜାବ)ର ଶିକ୍ଷକ ସଞ୍ଜୀବ କୁମାର ଉଦାହରଣ ପାଲଟିଛନ୍ତି। ସେ ୧୮ ବର୍ଷ ହେବ ଭାରତର ବିଭିନ୍ନ କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷାଦାନ କରି ଆସୁଛନ୍ତି। ସେ ଗଣିତ ପଢ଼ାନ୍ତି। ସ୍କୁଲ୍ ସମୟ ପରେ ସେ ପ୍ରତିଦିନ ପିଲାମାନଙ୍କୁ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ଯାଏ ପଢାଇଥାନ୍ତି। ପଢାଇବା ଲାଗି ଦୁଇଟି ଲାପ୍‌ଟପ୍ ଉପଯୋଗ କରୁଛନ୍ତି। ଗୋଟିକରେ ଜୁମ୍ ଆପ୍ଲିକେଶନ ପ୍ରସ୍ତୁତ ରହିଥିବାବେଳେ ଅନ୍ୟଟିରେ ନୋଟସ୍ ରହିଛି। ଲକ୍‌ଡାଉନ ପରେ ମାର୍ଚ୍ଚ ୨୯ରୁ ସେ ଅନ୍‌ଲାଇନ କ୍ଲାସ କରୁଛନ୍ତି। ପିଲାଙ୍କୁ ବିନା ଦେୟରେ ପଢ଼ାଉଛନ୍ତି। ପ୍ରଥମେ ତାଙ୍କ ସହ ୫୦ ଜଣ ପିଲା ଯୋଡି ହୋଇଥିଲେ। ଏପ୍ରିଲ ପହିଲାବେଳକୁ ପିଲାଙ୍କ ସଂଖ୍ୟା ପହଞ୍ଚିଥିଲା ୩୫୦ରେ ଓ ଏବେ ୨୨୦୦ପଢୁଛନ୍ତି। ସଞ୍ଜୀବ ତାଙ୍କ ଦରମାରୁ ପ୍ରତିମାସରେ ୨୦,୦୦୦ ଟଙ୍କା ଏଥିରେ ଖର୍ଚ୍ଚ କରୁଛନ୍ତି। ପ୍ରତି ଅନ୍‌ଲାଇନ ସେସନରେ ୫୦୦ ପିଲା ପଢୁଛନ୍ତି। ଦିନକୁ ତିନୋଟି ସେସନ ପରିଚାଳନା କରୁଛନ୍ତି। ୮ମ ଓ ତଦୂର୍ଦ୍ଧ୍ୱ ଶ୍ରେଣୀର ପିଲାମାନେ ପଢୁଛନ୍ତି। କେବଳ ଭାରତ ନୁହେଁ, ତାଙ୍କର ଏହି କ୍ଲାସରେ ଏବେ ୟୁଏଇ ଓ ମାଲେସିଆର ଛାତ୍ରମାନେ ସାମିଲ ହୋଇଛନ୍ତି। ସଞ୍ଜୀବଙ୍କ ସ୍ତ୍ରୀ ମଧ୍ୟ ଶିକ୍ଷୟିତ୍ରୀ। ସେ ଅନ୍‌ଲାଇନ୍ କ୍ଲାସ୍‌ରେ ସଞ୍ଜୀବଙ୍କୁ ସହଯୋଗ କରିଆସୁଛନ୍ତି।

## ଚିରନ୍ତନୀ

ବାସନାଞ୍ଚଳ ଲୁଚିଲା ଗୋଧୂଳି ଆଲୋକେ
ଧୀରେ ଠାରି
ବକ୍ଷ ମୋହର ଚିରିଗଲା ଏକ ପଲକେ
ଛୁରି ମାରି। -(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 6 | | | | 4 | 9 | 8 | | | |
| | | E | | | | C | | A | | 1 | | | | |
| | | 0 | | | C | | D | | | | | | | |
| | | | 3 | A | D | | 4 | | | | 7 | 0 | 8 | 2 |
| 6 | 5 | | | | | 8 | 9 | | | | | 4 | 7 | |
| | | | | 1 | 3 | | | | | D | | | | 8 |
| | C | | E | | | | 1 | | 8 | | | | | 0 |
| | | | | | A | | 6 | | | 3 | 4 | 9 | | |
| 3 | D | 1 | 4 | | | | | 2 | | 6 | | | | |
| 5 | 2 | | | | 9 | D | 8 | | | 0 | | 6 | 4 | 1 |
| | | 9 | A | | | | 5 | | | | 0 | | 1 | |
| | | | C | 8 | 5 | 4 | | 9 | | | D | | | A |
| | | 3 | | 0 | | | 7 | C | | | 2 | | | |
| A | | B | 1 | | | 6 | 0 | | | | 5 | 2 | | |
| 4 | 0 | | | D | E | | A | | | | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 1 | 8 | D | 7 | A | 9 | 2 | 4 | C | 3 | 6 | 5 | B | 0 |
| 3 | 6 | 4 | 0 | E | 9 | 8 | B | C | 2 | 5 | D | A | 1 | 7 |
| 7 | 0 | B | 6 | 3 | 1 | A | E | 5 | 4 | 9 | 8 | 2 | D | C |
| 2 | C | A | B | 4 | 5 | D | 7 | 3 | 0 | 1 | E | 6 | 8 | 9 |
| 5 | 9 | D | 8 | C | 2 | 6 | 0 | 1 | 7 | B | A | E | 3 | 4 |
| C | 4 | 0 | 2 | 9 | B | 1 | 3 | E | D | 7 | 5 | 8 | A | 6 |
| 6 | 3 | 7 | 4 | 0 | D | 5 | 8 | B | E | A | 2 | 9 | C | 1 |
| 8 | 2 | 1 | E | 5 | 7 | 4 | D | A | 6 | C | 9 | B | 0 | 3 |
| 9 | D | E | 1 | A | 3 | C | 6 | 0 | 8 | 4 | B | 7 | 2 | 5 |
| B | A | 5 | C | 8 | 6 | 7 | 9 | 2 | 3 | 0 | 1 | 4 | E | D |
| A | 7 | 9 | 3 | 2 | 4 | B | C | D | 5 | E | 0 | 1 | 6 | 8 |
| 4 | B | C | 5 | 6 | 8 | 0 | A | 7 | 1 | 2 | 3 | D | 9 | E |
| 0 | 5 | 3 | 9 | D | E | 2 | 1 | 6 | A | 8 | 4 | C | 7 | B |
| D | 8 | 2 | 7 | 1 | 0 | E | 4 | 9 | B | 6 | C | 3 | 5 | A |
| 1 | E | 6 | A | B | C | 3 | 5 | 8 | 9 | D | 7 | 0 | 4 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିପର୍ଯ୍ୟସ୍ତ ପାଠପଢ଼ା

ମହାଶୟ,

ମହାମାରୀ କରୋନା ଆରମ୍ଭ ହେବା ପରେ ସାରା ରାଜ୍ୟରେ ବିଦ୍ୟାଳୟଗୁଡିକ ମାର୍ଚ୍ଚମାସ ଅଧାରୁ ବନ୍ଦ ରହିଛି। କରୋନା ସଂକ୍ରମିତ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଫଳରେ ପାଠପଢ଼ା ଠପ୍ ହୋଇଗଲା। ତେବେ ସରକାର ଏହାକୁ ଦୃଷ୍ଟିରେ ରଖି ପ୍ରଥମ ଶ୍ରେଣୀଠାରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ବିନା ପରୀକ୍ଷାରେ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ କରିଦେଲେ। ନୂଆକ୍ଲାସରେ ନୂଆ ଶିକ୍ଷାବର୍ଷରେ ପ୍ରତିକୂଳ ସ୍ଥିତି ଯୋଗୁଁ ପାଠପଢ଼ା ମଧ୍ୟ ହୋଇପାରିଲା ନାହିଁ। ଏପ୍ରିଲମାସ ମଝିରୁ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅନ୍‌ଲାଇନ ପାଠପଢ଼ା ହେଲା। କିନ୍ତୁ ସେଥିରେ ନାନା ଅସୁବିଧା କାରଣରୁ ସବୁ ପିଲା ଭାଗ ନେଇପାରିଲେ ନାହିଁ। ତେଣୁ ଡେରି ହେଲେ ମଧ୍ୟ ସରକାର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ସିଲାବସ୍‌ରୁ ଶତକଡ଼ା ତିରିଶ ଭାଗ ପାଠ କମାଇଦେଲେ ଓ ଦୁର୍ଗାପୂଜା ଛୁଟି ପର୍ଯ୍ୟନ୍ତ ସ୍କୁଲ କଲେଜ ବନ୍ଦ କରି ଦିଆଗଲା ବୋଲି ଘୋଷଣା କଲେ। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏତିକି କରିଦେଲେ କମ୍ ସମୟ ମଧ୍ୟରେ ପାଠପଢ଼ା ଶେଷ ହୋଇପାରିବନି। ଆଗଭଳି ଅନ୍‌ଲାଇନ ପାଠପଢ଼ା ଚାଲୁ ରହୁ ଓ ପୂଜା ପରେ ଯଦି କରୋନା ସଂକ୍ରମଣରେ ସୁଧାର ଆସେ ତେବେ ବିଦ୍ୟାଳୟଗୁଡିକ ଖୋଲି ଆଗକୁ ଥିବା ଛୁଟିଗୁଡ଼ିକ ବାତିଲ୍ କରି ପିଲାମାନଙ୍କୁ ଶିକ୍ଷାଦାନର ବ୍ୟବସ୍ଥା କରିବା ସଂଗେ ସଂଗେ ନିୟମିତ ବ୍ୟବଧାନରେ ଶିକ୍ଷାବିଭାଗ ଅଧିକାରୀ ପାଠପଢ଼ାର ତଦାରଖ କଲେ ଛାତ୍ରୀଛାତ୍ରମାନେ ଉପକୃତ ହେବେ।

ଭଗବାନ ଦାସ, 'ହରିନିବାସ'
ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୨୦ ତାରିଖ ପର୍ଯ୍ୟନ୍ତ କଟକଣାରେ ଚାଲିବ ହାଇକୋର୍ଟ**

**କଟକ ଅଫିସ:** ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ହାଇକୋର୍ଟ କଟକଣା ଭିତରେ ଚାଲିବ। ଏ ନେଇ ଶୁକ୍ରବାର ହାଇକୋର୍ଟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସ୍ଥାନୀୟ ଅଞ୍ଚଳର କରୋନା ସଂକ୍ରମଣ ସ୍ଥିତିକୁ ଦୃଷ୍ଟିରେ ରଖି ନିମ୍ନ ଅଦାଲତଗୁଡ଼ିକ ମଧ୍ୟ ଏହି ଧାରା ବଜାୟ ରଖିବେ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି। ସୂଚନାଥାଉ କି, କରୋନା ସଂକ୍ରମଣ ବ୍ୟାପିବା ପରେ ବିଭିନ୍ନ କଟକଣା ଭିତରେ ହାଇକୋର୍ଟର କାର୍ଯ୍ୟଧାରା ଚାଲିଛି। ଭର୍ଚୁଆଲ ପ୍ଲାଟଫର୍ମରେ ବିଭିନ୍ନ ମାମଲାର ଶୁଣାଣି ହେଉଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଜାରି ରହିବ।

## ସଂକ୍ଷେପରେ

### ଦିନକରେ ୧୬ ଆକ୍ରାନ୍ତ ମୃତ, ୩୬୦୦ ସଂକ୍ରମିତ

**ଭୁବନେଶ୍ୱର,୨।୧୦(ବ୍ୟୁରୋ):** ରାଜ୍ୟରେ କରୋନାରେ ଦିନକରେ ପୁଣି ୧୬ଜଣଙ୍କ ମୃତ୍ୟୁ ଘଟିଛି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮୭୫କୁ ବୃଦ୍ଧି ପାଇଛି। ମୃତକଙ୍କ ମଧ୍ୟରେ ଭୁବନେଶ୍ୱରରୁ ୪ଜଣ, ନୟାଗଡ଼ରୁ ୩ଜଣ, ଖୋର୍ଦ୍ଧା, ବାଲେଶ୍ୱର ଏବଂ କଟକରୁ ୨ଜଣ ଲେଖା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି। ସେହିପରି କଳାହାଣ୍ଡି, ଜଗତ୍‌ସିଂହପୁର ଏବଂ ବରଗଡ଼ରୁ ଜଣେ ଲେଖା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେହପିରି ଶୁକ୍ରବାର ରାଜ୍ୟର ୩୦ଜିଲ୍ଲାରୁ ୩୬୦୦ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୧୦୯ ଜଣ ସଙ୍ଗରୋଧରୁ ଏବଂ ୧୪୯୧ଜଣ ଆକ୍ରାନ୍ତ ସ୍ଥାନୀୟ ସଂକ୍ରମିତ। ଫଳରେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨ଲକ୍ଷ ୨୬ ହଜାର ୩୩୪କୁ ବୃଦ୍ଧି ପାଇଥିବା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ରାଜ୍ୟରୁ ଶୁକ୍ରବାର ୪,୦୪୮ ଆକ୍ରାନ୍ତ ସୁସ୍ଥ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନା ଦେଇଛି।

### ୨ ଶହ ଜିଲେଟିନ୍ ଷ୍ଟିକ୍ ଜବତ

**ମାଲକାନଗିରି, ୨।୧୦ (ଡି.ଏନ୍.ଏ.):** ମାଲକାନଗିରି ଜିଲା ଭେଜାଙ୍ଗିବାଡ଼ା ପଞ୍ଚାୟତ ରାଜୁଲକୋଣ୍ଡା ଜଙ୍ଗଲରୁ ୨ ଶହରୁ ଊର୍ଦ୍ଧ୍ୱ ଜିଲେଟିନ୍ ଷ୍ଟିକ୍ ଜବତ ହୋଇଛି। ଗୁରୁବାର ରାତିରେ ୭୬ ବାଟାଲିୟନ୍ ବିଏସ୍‌ଏଫ୍ ଯବାନ ରାଜୁଲକୋଣ୍ଡା ଜଙ୍ଗଲରେ କୋମ୍ବିଂ ଅପରେଶନ କରୁଥିବା ସମୟରେ ନିକଟସ୍ଥ ପାହାଡ଼ରେ ଜିଲେଟିନ୍ ଷ୍ଟିକ୍ ଥିବା ଖବର ପାଇ ଏହି ଷ୍ଟିକ୍ ଜବତ କରାଯାଇଥିଲା। ଯବାନଙ୍କୁ ଟାର୍ଗେଟକରି ବିସ୍ଫୋରଣ ଉଦ୍ଦେଶ୍ୟରେ ଏହାକୁ ଲୁଚାଇ ରଖାଯାଇଥିବା କୁହାଯାଉଛି।

### ଅଧାମୂଲ୍ୟରେ ମିଳିବ ଔଷଧ

#### ଆରୋଗ୍ୟ ଜନସେବା କେନ୍ଦ୍ର ଉଦ୍‌ଘାଟିତ

**ନୟାଗଡ଼ ଅଫିସ,୨।୧୦:** ରାଜ୍ୟର ପ୍ରଥମ ଆରୋଗ୍ୟ ଜନସେବା କେନ୍ଦ୍ର ନୟାଗଡ଼ ଜିଲା ମୁଖ୍ୟାଳୟର ଖଣ୍ଡପଡ଼ା ରୋଡ୍‌ରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଏହି କେନ୍ଦ୍ରରେ ଗରିବ ଜନସାଧାରଣ ରାଶନ କାର୍ଡ, ଲେବରକାର୍ଡ, ଭିନ୍ନକ୍ଷମ ପ୍ରମାଣପତ୍ର ଓ ବରିଷ୍ଠ ନାଗରିକ ପ୍ରମାଣପତ୍ର ଦାଖଲ କରି ଯୋଜନାର ସୁଫଳ ନେଇପାରିବେ। ଏହି କେନ୍ଦ୍ରରେ ବିଭିନ୍ନ ପ୍ରକାର ରୋଗ ପାଇଁ ଏଲୋପାଥିକ ଓ ଆୟୁର୍ବେଦିକ ଔଷଧ ସମେତ ସ୍ୱାସ୍ଥ୍ୟସେବା ଉପକରଣ ଅଧାମୂଲ୍ୟରେ ଉପଲବ୍ଧ ହେବ। ଏଥିରେ ମୁଖ୍ୟଅତିଥି ରୂପେ ସଂସ୍ଥାର ନିର୍ଦ୍ଦେଶକ ସାମନ୍ତ କୁମାର ସାହୁ ଯୋଗଦେଇ କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ଜିଲା ମୁଖ୍ୟ ଅଖିଳ ମହାରଣାଙ୍କ ସଭାପତିତ୍ୱରେ ଆରୋଗ୍ୟ ଜନସେବା କେନ୍ଦ୍ରର ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ସେନାପତି ଅତିଥି ରୂପେ ଯୋଗ ଦେଇଥିଲେ।

# ସୁଶାନ୍ତଙ୍କୁ ନ୍ୟାୟ ଦାବିରେ ଆମରଣ ଅନଶନ

■ ଯନ୍ତରମନ୍ତରରେ ଏକାଠି ହେଲେ ସମର୍ଥକ
■ ସିବିଆଇ ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଲେ ମହାରାଷ୍ଟ୍ର ଗୃହମନ୍ତ୍ରୀ



**ନୂଆଦିଲ୍ଲୀ,୨।୧୦**

ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କୁ ନ୍ୟାୟ ଦାବିରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଶୁକ୍ରବାର ଆମରଣ ଅନଶନ କରିଛନ୍ତି ତାଙ୍କ ସମର୍ଥକ ଓ ପ୍ରଶଂସକମାନେ। ଗତ ଜୁନ୍ ୧୪ରେ ସୁଶାନ୍ତଙ୍କ ମୃତଦେହ ମୁମ୍ବାଇର ବାନ୍ଦ୍ରାସ୍ଥିତ ତାଙ୍କ ବାସଭବନରୁ ଜବତ କରାଯାଇଥିଲା। ତାଙ୍କ ମୃତ୍ୟୁ ରହସ୍ୟଜନକ ଥିବାବେଳେ ତାହାର ପର୍ଦ୍ଦାଫାଶ ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ ଚଳାଇଛି, ଯାହା ଦିନକୁ ଦିନ ଭିନ୍ନ ମୋଡ଼ ନେବାରେ ଲାଗିଛି। ଏଭଳିସ୍ଥଳେ ସୁଶାନ୍ତଙ୍କୁ ଯଥାଶୀଘ୍ର ନ୍ୟାୟ ଦିଆଯାଉ ବୋଲି ଦାବି କରି ସମର୍ଥକମାନେ କ୍ୟାଣ୍ଡେଲ ରାଲି କରିଥିଲେ। ଏଥିପାଇଁ ସୁଶାନ୍ତଙ୍କ ଭଉଣୀ ଶ୍ୱେତା କ୍ରୀର୍ତ୍ତି ସିଂ ଏନେଇ ସୋସିଆଲ ମିଡିଆରେ କୃତଜ୍ଞତା ଜଣାଇବା ସହ ପ୍ରବାସୀ ଭାରତୀୟମାନେ ମଧ୍ୟ ନ୍ୟାୟ ଚାହୁଁଛନ୍ତି ବୋଲି ଦର୍ଶାଇଛନ୍ତି।

ଅନ୍ୟପକ୍ଷରେ ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନିଲ ଦେଶମୁଖ ଶୁକ୍ରବାର ସିବିଆଇ ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ମୁମ୍ବାଇ ପୋଲିସ ସୁଶାନ୍ତଙ୍କ ମୃତ୍ୟୁ ଘଟଣାର ତଦନ୍ତ ଭଲ ଢଙ୍ଗରେ କରୁଥିଲା। ହଠାତ୍ ମାମଲା ସିବିଆଇକୁ ହସ୍ତାନ୍ତର ହୋଇଥିଲା। ଇତିମଧ୍ୟରେ ସିବିଆଇ ତଦନ୍ତକୁ ପ୍ରାୟ ଦେଢ଼ ମାସ ବିତିଲାଣି। ଲୋକେ ଘଟଣାର ସତ୍ୟ ଜାଣିବାକୁ ଅପେକ୍ଷା କରି ରହିଛନ୍ତି। ସୁଶାନ୍ତଙ୍କ ମୃତ୍ୟୁ ଆତ୍ମହତ୍ୟା ନା ହତ୍ୟା ଦ୍ୱାରା ହୋଇଛି ବୋଲି ଦେଶମୁଖ୍ୟ ସିବିଆଇକୁ ପ୍ରଶ୍ନ କରିଛନ୍ତି।

ସୂଚନାଥାଉ କି ସୁଶାନ୍ତଙ୍କ ମୃତ୍ୟୁ ମାମଲାରେ ଡ୍ରଗ୍ସ କାରବାର ଲିଙ୍କ୍‌କୁ ନେଇ ତଦନ୍ତ ଚଳାଇଥିବା ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ସୁଶାନ୍ତଙ୍କ ବାନ୍ଧବୀ ତଥା ବଲିଉଡ୍ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କୁ ଗତମାସ ୮ ତାରିଖରେ ଗିରଫ କରିଥିଲା। ତାଙ୍କ ବିରୋଧରେ ନାର୍କୋଟିକ୍ସ ଡ୍ରଗ୍ସ ଆଣ୍ଡ ସାଇକୋଟିକ୍ ସବ୍‌ଷ୍ଟାନସେସ୍(ଏନ୍‌ଡିପିଏସ୍) ଆକ୍ଟର ବିଭିନ୍ନ ଦଫା ଲଗାଯାଇଥିଲା। ତାହା ପୂର୍ବରୁ ରିଆଙ୍କ ଭାଇ ସୌଭିକ୍ ଚକ୍ରବର୍ତ୍ତୀ, ସୁଶାନ୍ତଙ୍କ ଘରୋଇ ପରିଚାଳକ ସାମୁଏଲ ମିରାଣ୍ଡା, ସୁରକ୍ଷା କର୍ମୀ ଦୀପେଶ ସାୱନ୍ତଙ୍କ ସମେତ ୯ଜଣଙ୍କୁ ଗିରଫ କରିଥିଲା। ବମ୍ବେ ହାଇକୋର୍ଟ ଗତ ମଙ୍ଗଳବାର ରିଆ ଓ ତାଙ୍କ ଭାଇ ସୌଭିକ୍‌ଙ୍କ ଜାମିନ ଆବେଦନର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ଅପରପକ୍ଷରେ ଏମ୍ସ ଫରେନ୍‌ସିକ ଟିମ୍ ସିବିଆଇ ନିକଟରେ ଏକ ରିପୋର୍ଟ ଦାଖଲ କରିଛି। ମୁମ୍ବାଇର କୁପର ହସ୍ପିଟାଲରେ ହୋଇଥିବା ଶବ ବ୍ୟବଚ୍ଛେଦ ରିପୋର୍ଟରେ ମୃତ୍ୟୁ ସମୟ ଉଲ୍ଲେଖ ନ ଥିବା ନେଇ ଏମ୍ସ ରିପୋର୍ଟରେ ପ୍ରଶ୍ନ କରାଯାଇଛି।

ଶୁକ୍ରବାର ସୁଶାନ୍ତଙ୍କ ମୃତ୍ୟୁ ମାମଲାରେ ଆଉ ଏକ ତଥ୍ୟ ଗଣମାଧ୍ୟମକୁ ଆସିଛି। ସୁଶାନ୍ତଙ୍କ ରୋଷେୟା ନିରଜ ସିଂ ଏକ ବୈଦ୍ୟୁତିକ ଗଣମାଧ୍ୟମକୁ କହିଛନ୍ତି ଯେ, ସୁଶାନ୍ତଙ୍କୁ ସୌଭିକ୍, ସାମୁଏଲ, ସାୱନ୍ତ ଡ୍ରଗ୍ସ ଦେଇଥିଲେ। ସେ ଆହୁରି କହିଥିଲେ ଯେ, ଜୁନ୍ ୧୩ରେ(ସୁଶାନ୍ତଙ୍କ ମୃତ୍ୟୁ ଜଣାପଡ଼ିବାର ପୂର୍ବଦିନ) ସୁଶାନ୍ତଙ୍କ ବାନ୍ଦ୍ରାସ୍ଥିତ ଘରେ କୌଣସି ପାର୍ଟି ହୋଇ ନ ଥିଲା।

# ମେଡିକାଲ କର୍ମଚାରୀଙ୍କ ଧାରଣା ପ୍ରତ୍ୟାହୃତ



**ଛତ୍ରପୁର,୨।୧୦(ଡି.ଏନ୍.ଏ.)**

### ଦାବି ପୂରଣ ପ୍ରତିଶ୍ରୁତି ମିଳିଲା

ଗଞ୍ଜାମ ଜିଲାରେ କରୋନା ଆକ୍ରାନ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଏଏନ୍‌ଏମ, ଜିଏନ୍‌ଏମ୍, ଷ୍ଟାଫ ନର୍ସ ଓ ଫାର୍ମାସିଷ୍ଟଙ୍କୁ ୩ ମାସିଆ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଇଥିଲା। ତେବେ ଚୁକ୍ତି ଅବଧି ନ ସରୁଣୁ ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିଲା। ଏହା ପ୍ରତିବାଦରେ ସେମାନେ ଗତ ୨ ଦିନ ହେଲା ଛତ୍ରପୁରସ୍ଥିତ ଜିଲାପାଳଙ୍କ ଅଫିସ ପରିସରରେ ଦିବାରାତ୍ର ଧାରଣା ଚଳାଇଥିଲେ। ଚୁକ୍ତିଅବଧି ସରିବା ପର୍ଯ୍ୟନ୍ତ ସେମାନଙ୍କୁ ପୁନଃନିଯୁକ୍ତି କରିବାକୁ ଦାବି କରିଥିଲେ। ତେବେ ଦାବି ପୂରଣ ନେଇ ଜିଲାପାଳଙ୍କ ପ୍ରତଶ୍ରୁତି ମିଳିବା ପରେ ଶୁକ୍ରବାର ଧାରଣା ପ୍ରତ୍ୟାହୃତ ହୋଇଛି। ଅପରାହ୍ନରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଧାରଣାରତ କର୍ମଚାରୀଙ୍କ ଏକ ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ। ଚୁକ୍ତି ମୁତାବକ ଉକ୍ତ ସ୍ୱାସ୍ଥ୍ୟ କର୍ମଚାରୀମାନେ କାର୍ଯ୍ୟ କରିବେ। ପରେ ସେମାନଙ୍କୁ ଅଭିଜ୍ଞତା ପ୍ରମାଣପତ୍ର ମିଳିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

# ନକଲି ଜର୍ଦ୍ଦା କାରଖାନା ଠାବ

**ଭୁବନେଶ୍ୱର,୨।୧୦(ବ୍ୟୁରୋ)/ ଚଣ୍ଡିଖୋଲ/ ଛତିଆ (ଡି.ଏନ୍.ଏ.)**



ଜବତ ନକଲି ଜର୍ଦ୍ଦା ମସଲା।

### ୪୦ ଲକ୍ଷର ସାମଗ୍ରୀ ଜବତ, ୩ ଗିରଫ

■ ଏକାଧିକ ସ୍ଥାନରେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍‌ର ଚଢ଼ାଉ
■ ବିଦ୍ୟାଧରପୁର ପାଲଟିଛି ନକଲି ପାନମସଲାର ଅଡ୍ଡାଶାଳ
■ ଖୋର୍ଦ୍ଧା ବାଲିପାଟଣା ଘଟଣାରୁ ମିଳିଥିଲା ସୁରାକ

ଓଡ଼ିଶା ବଜାରରେ ଏବେ ନକଲି ସାମଗ୍ରୀ ଖୁନ୍ଦି ହୋଇଯାଇଛି। ନକଲି କରୋନା ଔଷଧଠାରୁ ଆରମ୍ଭ କରି ଘିଅ, ସସ୍, ଇଞ୍ଜିନ ଅଏଲ ପରେ ଏବେ ନକଲି ଜର୍ଦ୍ଦା ର୍‍ୟାକେଟ୍‌ର ଚେର ସାରା ରାଜ୍ୟକୁ ବ୍ୟାପିଛି। ଏହା ନଜରକୁ ଆସିବା ପରେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଚଢ଼ାଉ ଅଭିଯାନ ଆରମ୍ଭ କରିଛି। ଦୁଇଦିନ ତଳେ ଖୋର୍ଦ୍ଧା ବାଲିପାଟଣା ଅଞ୍ଚଳରେ ନକଲି ଜର୍ଦ୍ଦା କାରଖାନା ଠାବ ସମୟରେ ଏହି କାରବାର ଅନ୍ୟ ଜିଲାକୁ ଲମ୍ବିଥିବା ସୁରାକ ମିଳିଥିଲା। ଏହି ଆଧାରରେ ଏସ୍‌ଟିଏଫ୍ ଟିମ୍ ଶୁକ୍ରବାର ଯାଜପୁର ଜିଲାର ଛତିଆ ଓ ବୈରୀ ଅଞ୍ଚଳର ଏକାଧିକ ସ୍ଥାନରେ ଚଢ଼ାଉ କରି ନକଲି ଜର୍ଦ୍ଦା କାରଖାନା ଠାବ କରିଛି। ସେସବୁ ସ୍ଥାନରୁ ବିଭିନ୍ନ କମ୍ପାନୀର ୧ କୁଇଣ୍ଟାଲ ୬୫ କେଜି ନକଲି ଜର୍ଦ୍ଦା, ୨ କୁଇଣ୍ଟାଲ ୧୨ କେଜି ଜର୍ଦ୍ଦା ପ୍ରସ୍ତୁତ ସାମଗ୍ରୀ, ଗ୍ଲିସରିନ୍ ୫୦୫ ଲିଟର, ଜର୍ଦ୍ଦା ପର୍‌ଫ୍ୟୁମ୍ ୬୦ ଲିଟର ଜବତ କରିଛି। ଏସବୁର ମୂଲ୍ୟ ୪୦ଲକ୍ଷରୁ ଊର୍ଦ୍ଧ୍ୱ ହେବ। ତେବେ ବୈରୀ ଥାନାଞ୍ଚଳର ଦୁଇଟି ସ୍ଥାନରୁ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲ ସ୍ଥାନୀୟ ବିଦ୍ୟାଧରପୁରର ଗୌରାଙ୍ଗ ପାତ୍ର, ପର୍ଶୁରାମ ପାତ୍ର ଓ ରମେଶଚନ୍ଦ୍ର ପାତ୍ର। ବୈରୀ ପୋଲିସ କେସ୍ ନଂ. ୧୩୧/୨୦ରେ ଗୌରାଙ୍ଗ ଓ ପର୍ଶୁରାମଙ୍କୁ ଗିରଫ କରିଥିବାବେଳେ କେସ୍ ନଂ.୧୩୨ରେ ରମେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ମିଳିଥିବା ସୂଚନାନୁସାରେ, ବୈରୀ ଥାନା ଅନ୍ତର୍ଗତ ଛତିଆ ନିକଟ ବିଦ୍ୟାଧରପୁର ଗ୍ରାମରେ ନିର୍ଦ୍ଦିଷ୍ଟ କେତେକ ପରିବାର ଓ ଘରେ ନକଲି ଜର୍ଦ୍ଦା ତିଆରି କରାଯାଇ ବ୍ରାଣ୍ଡେଡ୍ କମ୍ପାନୀ ନାଁରେ ପ୍ୟାକ୍ କରି ତାହାକୁ ବଜାରକୁ ଛଡ଼ାଯାଇଥାଏ। ପୂର୍ବରୁ ଏଠାରେ ବହୁଥର ଚଢ଼ାଉ କରାଯାଇ ସାମଗ୍ରୀ ଜବତ ହୋଇଥିଲେ ମଧ୍ୟ ଏହି ବେଆଇନ କାରବାରକୁ ପୋଲିସ ରୋକିପାରୁନି। ଗୋପାଳ ଜର୍ଦ୍ଦା କମ୍ପାନୀର ଜେନରାଲ ମ୍ୟାନେଜର ଏସ୍.କେ. ଚୌହାନ ଓ ଶିବଦାତା ଜର୍ଦ୍ଦା କମ୍ପାନୀର ସୁପରଭାଇଜର ରାଜୀବ ଝା ଏନେଇ କ୍ରାଇମ୍‌ବ୍ରାଞ୍ଚ ନିକଟରେ ଅଭିଯୋଗ କରିବା ପରେ ଏସ୍‌ଟିଏଫ୍ ଅତିରିକ୍ତ ଏସ୍‌ପି ତେଜରାଜ ପଟେଲଙ୍କ ନେତୃତ୍ୱରେ ଶୁକ୍ରବାର ଭୋର୍ ସମୟରେ ବିଦ୍ୟାଧରପୁରରେ ଚଢାଉ କରାଯାଇଥିଲା। ଏହି ଚଢାଉରେ କ୍ରାଇମ୍‌ବ୍ରାଞ୍ଚ ଇନ୍ସପେକ୍ଟର ଅଶୋକ କୁମାର ଗିରି, ସୁନୀତା ପ୍ରଧାନଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ପୋଲିସ ସାମିଲ ହୋଇଥିଲେ। ତେବେ ମୁଖ୍ୟ କାର୍ପଟଦାର ଖସିଯାଇଥିବା ଜଣାପଡିଛି। ଜବତ ସାମଗ୍ରୀ ୩ଟି ଗାଡ଼ିରେ ନିଆଯାଇ ଛତିଆ ଫାଣ୍ଡିରେ ରଖାଯାଇଛି।

### ନକଲି ପାନମସଲାର କୁଟୀରଶିଳ୍ପ ବିଦ୍ୟାଧରପୁର

ଛତିଆ ଫାଣ୍ଡିଠାରୁ ମାତ୍ର ୧ କିମି ଦୂରରେ ରହିଛି ବିଦ୍ୟାଧରପୁର ଗାଁ। ଗତ ଜାନୁୟାରୀ ୧୩ରେ ଯାଜପୁର ଏସ୍‌ଡିପିଓ ଏହି ଗ୍ରାମରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ଜର୍ଦ୍ଦା ଜବତ କରିବା ସହ ୨ ଜଣକୁ ଗିରଫ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଏହାର କିଛି ବି ପ୍ରଭାବ ପଡ଼ି ନ ଥିଲା। ବରଂ ବିଦ୍ୟାଧରପୁର ଗ୍ରାମରେ ଏହା ଏକ କୁଟୀର ଶିଳ୍ପରେ ପରିଣତ ହୋଇଯାଇଥିଲା। ଛୋଟବଡ଼ ୨୦ରୁ ଊର୍ଦ୍ଧ୍ୱ ସ୍ଥାନରେ ନକଲି ଜର୍ଦ୍ଦା ତିଆରି ହେବା ସହ ବିଭିନ୍ନ ଅଞ୍ଚଳକୁ ପ୍ରତିଦିନ ଗାଡ଼ିରେ ପଠାଯାଉଥିଲା। ବର୍ଷ ବର୍ଷ ଧରି ଏଠାରେ ଏହି ବେଆଇନ କାରବାର ଚାଲୁଥିଲେ ମଧ୍ୟ ଏହି କିଛିମାସ ହେବ ଆହୁରି ବଢ଼ିଯାଇଥିଲା। ଏହାସତ୍ତ୍ୱେ ପୋଲିସ କିପରି ଏସବୁ ଜାଣିପାରୁ ନ ଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଥାନା ଓ ଫାଣ୍ଡିର କେତେଜଣ କର୍ମଚାରୀଙ୍କ କାର୍ଯ୍ୟଧାରାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

#### ସନ୍ଦେହରେ ପୋଲିସ କାର୍ଯ୍ୟଧାରା

# ବିଜେଡି ସଚେତନତା ଯାତ୍ରାକୁ ବିରୋଧୀଙ୍କ ସମାଲୋଚନା

**ଭୁବନେଶ୍ୱର, ୨।୧୦(ବ୍ୟୁରୋ)**

■ ସଚେତନତା ନାଟକ ଚାଲିଛି: ତାରା
■ ବିଫଳତା ଘୋଡ଼ାଇବାର ପ୍ରୟାସ: ପୃଥ୍ୱିରାଜ

ବିଜେଡି ପକ୍ଷରୁ ଶୁକ୍ରବାର ଅର୍ଥାତ୍ ଗାନ୍ଧୀ ଜୟନ୍ତୀଠାରୁ ମାସେବ୍ୟାପୀ କରୋନା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବିଜେଡି ଗାଁକୁ ଯାଇ ଲୋକମାନଙ୍କୁ କରୋନା ସଚେତନତା ସମ୍ପର୍କରେ ବାର୍ତ୍ତା ଦେବା ସହିତ ମାସ୍କ ବଣ୍ଟନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ବିଧାୟକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ବିରୋଧୀ କିନ୍ତୁ ଏହାକୁ ନେଇ ତୀବ୍ର ସମାଲୋଚନା କରିଛନ୍ତି। କରୋନା ମହାମାରୀ ରୋକିବା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଯେଉଁ ବିଫଳତା ତାକୁ ଲୁଚାଇବା ପାଇଁ ବିଜେଡି ଏଭଳି ରାଜନୀତି ଆରମ୍ଭ କରିଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ବିଧାନସଭାରେ କରୋନା ପରିଚାଳନାରେ ବିଫଳତା କଥାକୁ ମଧ୍ୟ ବିରୋଧୀ ମୁଖ୍ୟ ପ୍ରସଙ୍ଗ କରିଛନ୍ତି।

ବିଜେଡିକୁ ସମାଲୋଚନା କରି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, କୋଭିଡ୍ ପରିଚାଳନା କ୍ଷେତ୍ରରେ କୋଟି କୋଟି ଟଙ୍କା ଆତ୍ମସାତ କରାଯାଇଛି। ଏହାକୁ ଲୁଚାଇବା ପାଇଁ ସଚେତନତା ନାଟକ ଚାଲିଛି। ଏବେ ବିଜେଡି କଥା କେହି ବିଶ୍ୱାସ କରିବେ ନାହିଁ। କୋଭିଡ୍ ଦୁର୍ନୀତି ନେଇ କଂଗ୍ରେସ ଲୋକଙ୍କ ପାଖକୁ ଯିବ। ଦସ୍ତଖତ ଅଭିଯାନ କରିବ। ଆର୍‌ଟିଆଇରେ ତଥ୍ୟ ମାଗିଲେ ଦିଆଯାଉ ନାହିଁ। ବିଧାନସଭାରେ ପଚାରିଲେ ତଥ୍ୟ ସଂଗ୍ରହ ଚାଲିଥିବା ଉତ୍ତର ମିଳୁଛି ବୋଲି ତାରା କହିଛନ୍ତି। ସେହିଭଳି ଭାଜପା ସାଧାରଣ ସମ୍ପାଦକ ପୃଥ୍ୱିରାଜ ହରିଚନ୍ଦନ କହିଛନ୍ତି, ବିଫଳତା ଘୋଡାଇବାକୁ ବିଜେଡି ପ୍ରୟାସ କରୁଛି। ଏହା ଜାତିର ଜନକଙ୍କ ପ୍ରତି ଅପମାନ ହେଉଛି। କୋଭିଡ୍ ପରିଚାଳନା ଠିକ୍ ହୋଇନାହିଁ। ମୃତ୍ୟୁ ଏବଂ ସଂକ୍ରମଣ ହାର ବଢୁଛି। କେନ୍ଦ୍ର ପକ୍ଷରୁ ଭେଣ୍ଟିଲେଟର ଦିଆଗଲା। ମାତ୍ର ରୋଗୀମାନେ ଏହି ସୁବିଧା ପାଇବା ପାଇଁ ଲାଇନରେ ଧାଡିରେ ଠିଆ ହେଉଛନ୍ତି। କରୋନା ଲାଗି ବର୍ତ୍ତମାନ ହା ହତାଶ ପରିସ୍ଥିତି ସୃଷ୍ଟି ହୋଇଛି। ବୋଲି ପୃଥ୍ୱିରାଜ କହିଛନ୍ତି।

# ଜାତୀୟ ରାଜପଥରୁ ୨୦ ଲକ୍ଷର ବ୍ରାଉନସୁଗାର ଜବତ

### ୨ ଜଣଙ୍କୁ ଗିରଫ କଲା କ୍ୟୁଏଟି

**ଭୁବନେଶ୍ୱର,(ବ୍ୟୁରୋ)/ଜଳେଶ୍ୱର,୨।୧୦(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ଜଳେଶ୍ୱରରୁ ବ୍ରାଉନସୁଗାର କାରବାରର ଚେର ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲାକୁ ଲମ୍ବିଛି। ଏ ନେଇ କଟକ-ଭୁବନେଶ୍ୱର କମିଶନରେଟ ପୋଲିସ ସୁରାକ ପାଇବା ପରେ ଚଢ଼ାଉ ଆରମ୍ଭ କରିଛି। ୨ଜଣ ଏଜେଣ୍ଟ ବାଇକ୍‌ରେ ବ୍ରାଉନସୁଗାର ଚୋରାଚାଲାଣ କରୁଥିବାବେଳେ କମିଶନରେଟ ପୋଲିସର କୁଇକ୍ ଆକ୍ସନ ଟିମ୍ (କ୍ୟୁଏଟି) ସେମାନଙ୍କୁ ଜଳେଶ୍ୱର ନିକଟ ୬୦ ନଂ. ଜାତୀୟ ରାଜପଥରୁ ଧରିଛି। ସେମାନଙ୍କଠାରୁ ୨୦୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୨୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏଥିସହ ବ୍ରାଉନସୁଗାର ଚୋରା ଚାଲାଣରେ ବ୍ୟବହୃତ ୨ଟି ବାଇକ ଓ କିଛି କାଗଜପତ୍ର ମଧ୍ୟ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ଜିଲା ରାଜପୁର ଅଞ୍ଚଳର ସଫିରୁଦ୍ଦିନ ଓ ସେକ୍ ରାଜା।

ସୂଚନା ମୁତାବକ, ଭୁବନେଶ୍ୱରର ବିଭିନ୍ନ ଥାନାଞ୍ଚଳରୁ କ୍ୟୁଏଟି ବ୍ରାଉନସୁଗାର ଜବତ କରିବା ସହ କେତେଜଣଙ୍କୁ ଗିରଫ କରିଛି। ସେମାନଙ୍କୁ ପଚରାଉଚରାବେଳେ ଜଳେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆସୁଥିବା ସୂଚନା ମିଳିଥିଲା। ଏହାପରେ ଚୋରାଚାଲାଣ କରୁଥିବା ଏଜେଣ୍ଟ ଓ ଡିଲରଙ୍କ ଉପରେ ନଜର ରଖିଥିଲା କ୍ୟୁଏଟି। ଗୁରୁବାର ଗୋଇନ୍ଦା ଖବର ମିଳିବା ପରେ ଶୁକ୍ରବାର କ୍ୟୁଏଟି ଟିମ୍ ଜଳେଶ୍ୱର ଯାଇ ସୁବର୍ଣ୍ଣରେଖା ପୋଲଠାରେ ଜଗି ରହିଥିଲା। ମଧ୍ୟାହ୍ନରେ ୨ଟି ବାଇକ୍‌ରେ ସଫିରୁଦ୍ଦିନ ଓ ରାଜା ବ୍ରାଉନସୁଗାର ଧରି ଭୁବନେଶ୍ୱର ଅଭିମୁଖେ ଆସୁଥିବାବେଳେ କ୍ୟୁଏଟି ସେମାନଙ୍କୁ ପିଛା କରିଥିଲା। ଏହାଦେଖି ଦୁଇ ଅଭିଯୁକ୍ତ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ଭେଲୋରା ଛକ ନିକଟରେ କ୍ୟୁଏଟି ସେମାନଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ସେମାନଙ୍କ ଲିଙ୍କ୍‌ରେ ଥିବା ଡିଲର ଓ ଖୁଚୁରା ବ୍ୟବସାୟୀଙ୍କୁ ଧରିବାକୁ କ୍ୟୁଏଟି ଉଦ୍ୟମ ଚଳାଇଥିବା ଜଣାପଡିଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

BHARAT FINANCE
ଆସନ୍ତୁ ମିଳିମିଶି ଆତ୍ମନିର୍ଭର ହବା
ସରକାରୀ ଯୋଜନା ଅନ୍ତର୍ଗତ ସୁବର୍ଣ୍ଣ ସୁଯୋଗ ସମସ୍ତ ପ୍ରକାର ଲୋନ - ମାର୍କସିଟ, ଆଧାରକାର୍ଡ଼, ପର୍ସନାଲ, ସମ୍ପତି, ସମ୍ପତି, ବ୍ୟବସାୟ, ମୁଦ୍ରା BPL ଋଣ ଇତ୍ୟାଦି ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଥରେ ସେବା ର ଅବସର ଅବଶ୍ୟ ଦିଅନ୍ତୁ
WWW.BHARATPRO.IN
EMAIL: ADMIN@BHARATPRO.IN
Pratapgarh, Lalganj, Uttar Pradesh - 230141
9530719557
9530553457

AMBA Finance
ମାର୍କସିଟ ବ୍ୟବସାୟ ବ୍ୟକ୍ତିଗତ ଆଧାରକାର୍ଡ ସମ୍ପତି ଋଣ ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

DIWAN FINANCE
ଦ୍ୱାରା ମାର୍କଶିଟ୍, ମୁଦ୍ରା, ଗ୍ରୁପ୍, ହୋମ୍, ପର୍ସନାଲ ଋଣ 72 ଘଣ୍ଟା ମଧ୍ୟରେ ପାଆନ୍ତୁ। 1% ସୁଧ, 40% ରିହାତି, ମହିଳା ଓ ଗ୍ରୁପ୍ ଋଣ ଉପରେ ବିଶେଷ ରିହାତି।
# 9992031149

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
ଭାରତ ସରକାରଙ୍କ ଦ୍ୱାରା ସୀକୃତି ପ୍ରାପ୍ତ (ପାରାମେଡିକାଲ କୋର୍ସ)
A.N.M : 2 Years (+2 Pass)
G.N.M : 3 Years (+2 Pass)
Post Basic Nurshing : 2 Years (GNM Pass)
DMLT 2 Year
OT.Tech 2 Year
Dialysis 2 Year
I.C.U 1 Year
E.C.G 1 Year
10th Pass Above
HOSTEL, TRANSPORT, HOSPITAL PRACTICAL FACILITY AVAILABLE
LIMITED SEAT
KIMS, KHANDAGIRI, BBSR
Mob. 8658179869

G-TEL TOWER COMPANY
ଦ୍ୱାରା ଓଡ଼ିଶାରେ ନିଜ ଛାତ, ଜମି, କ୍ଷେତ ଏବଂ ଖାଲି ସ୍ଥାନମାନଙ୍କରେ 4G/5Gର Digital Mobile Network ଲଗାନ୍ତୁ।
ADVANCE - 90 LAKH
ଭଡ଼ା: ୯୦,୦୦୦/- ମାସିକ
20 years Agreement
ତିନି ଦିନରେ ଫଳାଫଳ ପାଆନ୍ତୁ।
ଧୋକାବାଜ କମ୍ପାନୀରୁ ସାବଧାନ ରୁହନ୍ତୁ।
7055041635
7599842119

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ପ୍ରେମ ବିବାହ ଯାଦୁ ଟୋଣା, ବିବାହ, ମୁଠ୍ କରଣୀ, ନିଜର ହଜିଯାଇଥିବା ପ୍ରେମକୁ ଫେରି ପାଆନ୍ତୁ। ଏ ସବୁ ସମସ୍ୟାର ଶୀଘ୍ର ସମାଧାନ ପାଆନ୍ତୁ ମାତା ଏବଂ ଭଉଣୀ ମାନଙ୍କର ଗୁପ୍ତ ସମସ୍ୟାର ସମାଧାନ। ସ୍ପେଶାଲିଷ୍ଟ-ବଶୀକରଣ, ମଜମନ୍ତ କଳାଯାଦୁ, ଯଦି କେହି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରୁଥିବା କାମକୁ କାଟି ଦିଅନ୍ତି, ମନ ମୁତାବକ ପୁରସ୍କାର ଦିଆଯିବ। କାମ ନହେଲେ ପଇସା ଫେରସ୍ତ।
9910560681

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ।
Bausnpola, Bijepur, Bargarh
7656825220
7656825217

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

MICRO FINANCE LIMITED
ଆଧାରକାର୍ଡ, ସାର୍ଟିଫିକେଟ୍, ରାଶନକାର୍ଡ, ପର୍ସନାଲ, ବ୍ୟବସାୟ, ଏଗ୍ରିକଲ୍ଚର, ମାଛଚାଷ, ସମସ୍ତ ଋଣ
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ
1% ସୁଧ, 50% ରିହାତି
ହେଲ୍ପଲାଇନ୍
09835564771
09835564771

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ୨ ବଖରା ଜଳିଗଲା

ଦାରିଙ୍ଗବାଡ଼ି,୨।୧୦(ଡି.ଏନ.ଏ)- ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ପଞ୍ଚାୟତ ଡଳରବାଡ଼ି ଗ୍ରାମର ମିଥୁନ ଦିଗାଲଙ୍କ ଘରେ ଶୁକ୍ରବାର ଅପରାହ୍ନରେ ଶର୍ଟସର୍କିଟରୁ ନିଆଁ ଲାଗି ୨ ବଖରା ସମ୍ପୂର୍ଣ୍ଣ ପୋଡ଼ି ଯାଇଛି। ଦାରିଙ୍ଗବାଡ଼ି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦୁର୍ଗମ ଅଞ୍ଚଳ ଯୋଗୁ ବିଳମ୍ବରେ ପହଞ୍ଚିବାରୁ ସବୁ ସମ୍ପତ୍ତି ନଷ୍ଟ ହୋଇଯାଇଥିବା ଘର ମାଲିକ ମିଥୁନ କହିଛନ୍ତି। ଧାନ ୧୦ ବସ୍ତା ସହ ଚାଉଳ, ନଗଦ ପ୍ରାୟ ୧୫ ହଜାର ଟଙ୍କା ଆସବାବପତ୍ର ଆଦି ନଷ୍ଟ ହୋଇଯାଇଛି। ଏବେ ମିଥୁନଙ୍କ ପରିବାର ଖୋଲା ଆକାଶ ତଳେ ରହିଛନ୍ତି। ମିଥୁନ ଜଙ୍ଗଲକୁ କାମ କରିବାକୁ ଯାଇଥିବାବେଳେ ଘରେ ତାଙ୍କ ବଡ଼ ପୁଅ ଶୋଇଥିଲେ। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ନିଆଁ ଲାଗି ଯାଇଥିଲା। ଖବର ଗ୍ୟାସ୍ ଡିଲର ଏସ୍. ସୁନୀଲ କୁମାର ସୁବୁଦ୍ଧି କର୍ମଚାରୀଙ୍କ ସହ ପହଞ୍ଚି ଟାଙ୍କିକୁ ବାହାର କରି ଆଣିବାରୁ ଏକ ବଡ଼ ଦୁର୍ଘଟଣା ଟଳିଯାଇଥିଲା।

### ଯୁବକଙ୍କ ଆତ୍ମହତ୍ୟା

ବୁଗୁଡ଼ା,୨।୧୦(ଡି.ଏନ.ଏ.)-ବୁଗୁଡ଼ା ଥାନା ଜେକ ଗ୍ରାମ ନିକଟସ୍ଥ ଏକ ଆମ୍ବଗଛରେ ଦୌଡ଼ି ଲଗାଇ ଶୁକ୍ରବାର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଉକ୍ତ ଗାଁର ବାଳକୃଷ୍ଣ ନାୟକ (୨୮)। ସକାଳେ ଆମ୍ବତୋଟାରେ ଝୁଲନ୍ତା ଅବସ୍ଥାରେ ବାଳକୃଷ୍ଣଙ୍କ ମୃତଦେହକୁ ସେଠିକାର ଲୋକେ ଦେଖିଥିଲେ। ଖବର ପାଇ ବୁଗୁଡ଼ା ପୋଲିସ ପହଞ୍ଚି ଯୁବକଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଥିଲା। ଏ ନେଇ ଥାନାରେ ନଂ. ୩୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ୩ ପିଆଶାଳ ଗଣ୍ଡି ଜବତ

ବୁଗୁଡ଼ା,୨।୧୦(ଡି.ଏନ.ଏ.)-ବୁଗୁଡ଼ା ବନ ବିଭାଗ ଶୁକ୍ରବାର ଅପରାହ୍ନରେ କରଚୁଲି ସଂରକ୍ଷିତ ଜଙ୍ଗଲରୁ ୨୦ ଘନଫୁଟର ୩ଟି ପିଆଶାଳ ଗଣ୍ଡି ଜବତ କରିଛି। କୌଣସି ଦୁର୍ବୃତ୍ତ ଚୋରି କରିବା ଉଦ୍ଦେଶ୍ୟରେ ପିଆଶାଳ ଗଣ୍ଡି କାଟି ଜଙ୍ଗଲରେ ଲୁଚାଇ ରଖିଥିଲେ। ପାଟ୍ରୋଲିଂ କରିବା ସମୟରେ ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା, ବନପାଳ ଅଭିରାମ ଖିଲ, ବନରକ୍ଷୀ ବାଳକୃଷ୍ଣ ପାଣିଗ୍ରାହୀ ଜଙ୍ଗଲରୁ ମୂଲ୍ୟବାନ ପିଆଶାଳ ଗଣ୍ଡି ଜବତ କରିଥିଲେ।

### ଓଏଭିଏସ୍ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫି' ଛାଡ଼ ଦାବି

ଖଜୁରିପଡ଼ା,୨।୧୦(ଡି.ଏନ.ଏ.)- ଆଦର୍ଶବିଦ୍ୟାଳୟରେ ୧୦ମ ଶ୍ରେଣୀ ପରୀକ୍ଷା ଦେବାକୁ ଫର୍ମ ପୂରଣ ପାଇଁ ୧୫ ଶହ ଟଙ୍କା ଓ ମାଇଗ୍ରେସନ ସାର୍ଟିଫିକେଟ ପାଇଁ ୩୫୦ ଟଙ୍କା ଧାର୍ଯ୍ୟ କରାଯାଇଛି। ନବମ ଶ୍ରେଣୀରେ ମଧ ୩୦୦ ଶହ ଟଙ୍କା ଦେବାକୁ ପଡୁଛି। କରୋନା ଯୋଗୁ ଚଳିତବର୍ଷ ଶିକ୍ଷାଦାନ ଗୁରୁତର ବାଧାପ୍ରାପ୍ତ ହୋଇଛି। ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍‌ରେ ମୋବାଇଲ କିଣି ପଢୁଛନ୍ତି। ଲକ୍‌ଡାଉନ ଓ ଶଟ୍‌ଡାଉନ ପରେ ଲୋକଙ୍କ ଜୀବନ ଜୀବିକା ଦୁର୍ବିନରେ। ସରକାର ମାଗଣାରେ ରାଶନ କାର୍ଡରେ ଖାଦ୍ୟ ସହ ଟଙ୍କା ମଧ ଦେଇଛନ୍ତି। ବ୍ୟବସାୟୀ ଓ ଗାଡି ମାଲିକଙ୍କୁ ଟ୍ୟାକ୍ସ ଛାଡ ହୋଇଛି। ତେଣୁ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର ମାନଙ୍କର ନବମ ଶ୍ରେଣୀର ପଞ୍ଜୀକରଣ ଫି' ଓ ଦଶମର ଫର୍ମ ପୂରଣ ଓ ମାଇଗ୍ରେସନ ସାର୍ଟିଫିକେଟ ଫି' ଛାଡ଼ କରିବାକୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କନ୍ଧମାଳ ଜିଲା ଅଭିଭାବକ ସଂଘ ସଭାପତି ବୈଦ୍ୟନାଥ ବେହେରା ଓ ଅଭିଭାବକ ଏବଂ ଛାତ୍ରୀଛାତ୍ର ଦାବି କରିଛନ୍ତି।

### ଗଜପତିରୁ ପୁଣି ୧୯ ପଜିଟିଭ

ପାରଳାଖେମୁଣ୍ଡି,୨।୧୦(ସ୍ୱ.ପ୍ର.)- ଗଜପତିରୁ ଶୁକ୍ରବାର ୧୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୭୦୦ରେ ପହଞ୍ଚିଛି। ପାରଳାଖେମୁଣ୍ଡି ପୌରାଞ୍ଚଳରୁ ସର୍ବାଧିକ ୯ଜଣ, ଆର୍. ଉଦୟଗିରି ବ୍ଲକରୁ ୪, ମୋହନାରୁ ୨, ଗୁମ୍ମାରୁ ଜଣେ, କାଶୀନଗର ବ୍ଲକରୁ ଜଣେ, ରାୟଗଡ ବ୍ଲକରୁ ଜଣେ ଏବଂ ଆନ୍ଧ୍ର ପ୍ରଦେଶରୁ ଜଣେ ଚିହ୍ନଟ ହୋଇଥିବା ଜିଲାପାଳ ଅନୁପମ ସାହା ପ୍ରେସ୍ ବାର୍ତ୍ତା ମାଧମରେ ସୂଚନା ଦେଇଛନ୍ତି।

# ରୀତିନୀତିରେ ପାଳନ ହେବ ଦଶହରା

**ଦେବୋତ୍ତର ଉପଦେଷ୍ଟା କମିଟି ବୈଠକ**
- ପଟୁଆର,ଶୋଭାଯାତ୍ରାକୁ ମନା
- ୬ଦେବୀପୀଠକୁ କରାଯିବ ନିମନ୍ତ୍ରଣ
- ଦଶହରା ପଡିଆରେ ହେବ ଅପରାଜିତା ପୂଜା

ଜୟପୁର, ୨।୧୦(ଡି.ଏନ.ଏ)


ଦଶହରା ନେଇ ବସିଥିବା ବୈଠକରେ ଉପସ୍ଥିତ ଅଧିକାରୀ ଓ କର୍ମକର୍ତ୍ତା।

ଦକ୍ଷିଣ ଓଡିଶାରେ ପ୍ରସିଦ୍ଧ ହେଉଛି ଜୟପୁର ଦଶହରା। ଚଳିତବର୍ଷ ଏହା କେବଳ ପରମ୍ପରା ଅନୁଯାୟୀ ରୀତିନିତିରେ ପାଳନ କରାଯିବା ନେଇ ଶୁକ୍ରବାର ଦେବତ୍ତୋର ଉପଦେଷ୍ଟା କମିଟି ବୈଠକରେ ନିଷ୍ପତ୍ତି ହୋଇଛି। କୋରନା କଟକଣା ଯୋଗୁ ଚଳିତବର୍ଷ ଆଉ ପୂର୍ବଭଳି ପଟୁଆର ଓ ଶୋଭାଯାତ୍ରା ହେବନାହିଁ। ଗତ ମୂଳାଷ୍ଟମୀଠାରୁ ଜୟପୁରର ଅଧିଷ୍ଠାତ୍ରୀ ଦେବୀ ଭଗବତୀ ଏବଂ ଦକ୍ଷିଣକାଳୀଙ୍କ ପୀଠରେ ପ୍ରତ୍ୟେହ ଚଣ୍ଡିପାଠ, ହୋମଯଜ୍ଞ ଏବଂ ଷଡୋଶ ଉପଚାର ପୂଜାର୍ଚ୍ଚନା ହେଉଛି । ପ୍ରତିବର୍ଷ ଦଶହରା ନେଇ ଅନୁଷ୍ଠିତ ଏହି ବୈଠକକୁ କୋରାପୁଟରୁ ୬୦ରୁ ଉର୍ଦ୍ଧ୍ୱ ଏବଂ ନବରଙ୍ଗପୁର ଜିଲାର ଦୈବୀ ପୀଠକୁ ନିମନ୍ତ୍ରଣ କରାଯାଉଥିଲା। ମାତ୍ର ଚଳିତବର୍ଷ ନବରଙ୍ଗପୁର ଜିଲାର ଉମରକୋଟର ଏକମାତ୍ର ପେଣ୍ଡ୍ରାଣି ଦୈବୀ ପୀଠ ଏବଂ ଜୟପୁର ବ୍ଲକର ହାଡିଆ, କଙ୍ଗା, ତେଲିଆ, ଧାରଣାହାଣ୍ଡି, ସଲପା, ଜାମୁଣ୍ଡା ଆଦି ୬ଟି ମୁଖ୍ୟ ଦେବୀ ପୀଠକୁ ନିମନ୍ତ୍ରଣ କରାଯିବାକୁ ନିଷ୍ପତ୍ତି ହୋଇଛି। ୧୦ ଜଣ ସେବକ ପ୍ରତୀକ ଲାଠିକୁ ନେଇ ଉପସ୍ଥିତ ରହିବେ । ସେହିପରି ଦଶହରା ଉଦଯାପନୀ ରାତିରେ ଦେବୀ ଭଗବତୀ, ଦକ୍ଷିଣକାଳୀ, କନକଦୁର୍ଗା,ବସନ୍ତାୟୀଙ୍କ ବିମାନ ଏବଂ ରଥପଡିଆ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ଏବଂ ବାହାରରୁ ଆସିଥିବା ପ୍ରତୀକ ଲାଠିକୁ ବିନା ଆଡମ୍ବରରେ ଭଗବତୀଙ୍କ ପୀଠରୁ ଦଶହରା ପଡିଆ ପର୍ଯ୍ୟନ୍ତ ଶୋଭାଯାତ୍ରା ହେବ । ସେଠାରେ ଅପରାଜିତା ପୂଜା ହୋଇ ଦଶହରା ପୂଜା ଶେଷ ହେବା ଏଥିରେ ମାତ୍ର ୨୦୦ ଜଣ ଉପସ୍ଥିତ ରହିବାକୁ କୁହାଯାଇଛି । ଦେବତ୍ତୋର ଅଧିକାରୀ ତଥା ତହସିଲଦାର ଅଶ୍ୱିନୀ ମହାପାତ୍ରଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ଉପଦେଷ୍ଟା କମିଟି ସଭାପତି ଲାଲ ମୋହନ ମିଶ୍ର, ନଟେନ୍ଦ୍ରନାଥ ନାୟକ, ଦିନେଶ ନନ୍ଦ, ଶିବପ୍ରସାଦ ପ୍ରହରାଜ, ସୁଧୀର ତ୍ରିପାଠୀ, ରାମପ୍ରସାଦ ପଣ୍ଡା, ଅରୁଣ ଭଞ୍ଜମିଶ୍ର, ସୁପ୍ରୀତ ପୂଜାରୀ, ସତ୍ୟ ନାରାୟଣ ସାହୁ, କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ମନେପଡ଼ିଲେ ଗାନ୍ଧିଜୀ, ଶାସ୍ତ୍ରିଜୀ

ରାୟଗଡ଼ା ଅଫିସ/ଚନ୍ଦ୍ରପୁର, ୨।୧୦(ଡି.ଏନ୍.ଏ.):

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ୮୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ମହାତ୍ମା ଗାନ୍ଧୀ ପ୍ରମୋଦ ଉଦ୍ୟାନ ପରିସରରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଜିଲାପାଳ ପ୍ରମୋଦ କୁମାର ବେହେରା ଏବଂ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଜିଲାପାଳ ସମସ୍ତଙ୍କୁ ଉତ୍ତମ ବ୍ୟବହାର ଓ ଶାନ୍ତି ବଜାୟ ରଖିବା ସହ ମିଳିମିଶି ସହରକୁ ସ୍ୱଚ୍ଛ ଏବଂ ସୁନ୍ଦର କରିବା ପାଇଁ ସେ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ପୌର ପରିଷଦର କର୍ମକର୍ତ୍ତା, ସହକାରୀ ଯନ୍ତ୍ରୀ, ପରିମଳ ନିରୀକ୍ଷକ, ପରିମଳ ବିଶେଷଜ୍ଞ, ସଫେଇ କର୍ମଚାରୀ, ଗୋଷ୍ଠୀ ସଙ୍ଗଠିକା, ସିଏଲ୍‌ଟିସି କର୍ମକର୍ତ୍ତା, ଏମ୍‌ଆଇଏସ୍ ପ୍ରୋଗ୍ରାମର, ସ୍ୱଚ୍ଛସାଥୀ,



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ, ଉପଜିଲାପାଳ ଓ ଅନ୍ୟମାନେ ।

ସମ୍ମାନିତ ଅତିଥି ରୂପେ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଗାନ୍ଧୀବାଦୀ ଜୟରାମ ଜେନା, ବାଦଲ କୁମାର ତା, ପୌର ନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ, ଜିଲା କ୍ରୀଡ଼ାଧିକାରୀ ଜନା ଶେଖ ଅଲମୁର, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ, ବଣିକ ସଂଘ ସଭାପତି ସୁରେନ୍ଦ୍ର ପ୍ରସାଦ ସାହୁ ଓ ପୌର କର୍ମଚାରୀମାନେ ଉପସ୍ଥିତ ରହି ଦୁଇ ମହାପୁରୁଷଙ୍କ ନୀତି ଓ ଆଦର୍ଶକୁ ମନେ ପକାଇଥିଲେ। ସେହିପରି ରାୟଗଡ଼ା ପୌର ପରିଷଦ ଆନୁକୂଲ୍ୟରେ ଓଡ଼ିଶା ଅର୍ବାନ ହାଉସିଂ ମିଶନ, ଗୃହ ଏବଂ ନଗର ଉନୟନ ବିଭାଗ ଓଡ଼ିଶା ସୁପରଭାଇଜର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ଉପସ୍ଥିତ ଥିଲେ। ଜିଲା ସଂସ୍କୃତି ପରିଷଦ ଓ ପଞ୍ଚବଟୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଜୁମ୍ ଆପ୍ ମାଧମରେ 'ମହାତ୍ମା ଗାନ୍ଧୀ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ଶିକ୍ଷା ବିଭାଗ ଏବଂ ଗ୍ରାମ ମଙ୍ଗଳ ବିଭାଗ ଅଧୀନ କନ୍ୟାଶ୍ରମ, ଆଶ୍ରମ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟଠାରେ କରେନା ଗାଇଡ୍‌ଲାଇନ୍ ଅନୁଯାୟୀ କେବଳ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଦ୍ୱାରା ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ କରାଯାଇଥିଲା।

# ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ

ମାଲକାନଗିରି,୨।୧୦ (ଡି.ଏନ୍.ଏ.)


କଂଗ୍ରେସ କର୍ମମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଉତ୍ତର ପ୍ରଦେଶ ଦଳିତ ଯୁବତୀଙ୍କୁ ଗଣବଳାତ୍କାର ଘଟଣା**

ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ଗୁରୁବାର ରାହୁଲ ଗାନ୍ଧୀଙ୍କୁ ଠେଲାପେଲା କରି ପୋଲିସ ଆକ୍ରମଣ କରିବା ପ୍ରତିବାଦରେ ଶୁକ୍ରବାର ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରି ବିରୋଧ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଜଣେ ଦଳିତ ଯୁବତୀଙ୍କୁ ଗଣବଳାତ୍କାର କରିବା ଘଟଣାରେ ଉତ୍ତର ପ୍ରଦେଶ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ନେଇନାହିଁ। ପୀଡ଼ିତାଙ୍କ ପରିବାରକୁ କଂଗ୍ରେସ ଦଳ ଭେଟିବାକୁ ଯାଉଥିବା ବେଳେ ରାହୁଲ ଗାନ୍ଧୀଙ୍କ ସମେତ କଂଗ୍ରେସ କର୍ମୀଙ୍କୁ ପୋଲିସ ତାଙ୍କ ପରିବାର ସହ ମିଶିବାକୁ ଛାଡି ନ ଥିଲା। ଉତ୍ତର ପ୍ରଦେଶରେ ନାରୀଙ୍କୁ ସୁରକ୍ଷା ଦେବାରେ ଭାଜପା ବିଫଳ ହୋଇଛି। ଅଭିଯୁକ୍ତମାନଙ୍କୁ ପୋଲିସ ସୁରକ୍ଷା ଦେଉଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ପୀଡିତାଙ୍କ ପରିବାରକୁ ନ୍ୟାୟ ନ ମିଳିବା ଯାଏ କଂଗ୍ରେସ ଆନ୍ଦୋଳନ ଜାରି ରଖିବ ବୋଲି କଂଗ୍ରେସ ପ୍ରକାଶ କହିଛି। ଏହି ବିକ୍ଷୋଭରେ ଜିଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ର, କାର୍ଯ୍ୟକାରୀ ସଭାପତି ରାମ ପଟ୍ଟନାୟକ, କାଲିମେଲା ବ୍ଲକ ଅଧକ୍ଷ ମାଲା ମାଢି, ମାଥିଲି ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ନାୟକ, କମଳା ବରାଳ, ପ୍ରଭାକର ପାଳ, ପଦ୍ମ ପାଙ୍ଗୀ, ପର୍ଶୁରାମ ଭକ୍ତ, ଲକ୍ଷ୍ମୀ ମହାରଣାଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

# ୨୭ ହିତାଧିକାରୀଙ୍କୁ ମଶାରି

ପାପଡାହାଣ୍ଡି, ୨।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଦଳେଇଗୁଡା ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଶୁକ୍ରବାର ଗାନ୍ଧୀ ଜୟନ୍ତୀ ଅବସରରେ ମଶାରି ବଣ୍ଟନ କଯ୍ୟକ୍ରମ ଆରମ୍ଭ କରାଯାଇଛି। ଉକ୍ତ କାଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ଅଧକ୍ଷା ଭଗବତୀ ଭତ୍ରା, ସିଡିଏମ୍‌ଓ ଶୋଭାରାଣୀ ମିଶ୍ର, ଏପିଡି ରତ୍ନାକର ସାହୁ ପ୍ରମୁଖ ୨୭ ଜଣଙ୍କୁ ମଶାରି ପ୍ରଦାନ କରିଥିଲେ। ଦଳେଇଗୁଡା ଗ୍ରାମରଅଙ୍ଗନଓ୍ୱାଡି ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରଯାଇଥିଲା। ଅନ୍ୟମାନଙ୍କ ମଧରେ ବ୍ଲକ ଉପାଧକ୍ଷ ତ୍ରିନାଥ ପ୍ରଧାନ, ମେଡିକାଲ ଇନଚାର୍ଜ ଡାକ୍ତର ପ୍ରିୟରଞ୍ଜନ ବାହାଲି, ସୁଶ୍ରୀତା ସେଠି, ଏବିଡିଓ ବିଶ୍ୱନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ମାଟିଲଗ୍ନା ସାହିତ୍ୟ ସଂସଦ ପକ୍ଷରୁ ଜୟନ୍ତୀ କାର୍ଯ୍ୟକ୍ରମ

କୁଡୁମୁଲୁଗୁମ୍ମା,୨।୧୦(ଡି.ଏନଏ.)

ମାଲକାନଗିରି ଜିଲା ଖଇରପୁଟସ୍ଥିତ ମାଟିଲଗ୍ନା ସାହିତ୍ୟ ସଂସଦ ଓ କୁଡୁମୁଲୁଗୁମ୍ମା ନାଗରିକ ମଞ୍ଚ ପକ୍ଷରୁ ମହାତ୍ମାଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ସ୍ଥାନୀୟ ଡାରଓ୍ୱିନ ସ୍ମାରକୀ ଡିଗ୍ରୀ କଲେଜଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ କିଶୋର ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ରୂପେ ସାହିତ୍ୟ ସଂସଦ ସଭାପତି ଅଶୋକ କୁମାର ପ୍ରଧାନ, କଲେଜ ଅଧକ୍ଷ ରାମହରି ସାହୁ, ଅଞ୍ଜନ କୁମାର ଚୌଧୁରୀ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ,ସରପଞ୍ଚ ପହଲା ପାଙ୍ଗୀ, ଯୁଗଳ ସ୍ୱାଇଁ, କେ. ଦେଶୀରାଜୁ ଆଚାରୀ, ସାମାଜିକ କର୍ମୀ ଆନନ୍ଦ ଚାର୍କି ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ପ୍ରଧାନ ଗାନ୍ଧୀ ଦର୍ଶନ ଉପରେ ଏବଂ ମୁଖ୍ୟବକ୍ତା ସାହୁ ସାହିତ୍ୟ ଓ ସଂସ୍କୃତିରେ ଆମ ପରମ୍ପରା ଉପରେ ଆଲୋକପାତ କରିଥିଲେ। କବି ବଳରାମ ପୂଜାରୀଙ୍କ କବିତା ପୁସ୍ତକ ମେଘଲଗ୍ନା ଓ ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ମହାରଣାଙ୍କ ଗଳ୍ପ ସଂକଳନ 'ସମ୍ପର୍କର ସେତୁ ଗୁରୁପ୍ରିୟା' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବଳରାମ ପୂଜାରୀ, ମହେଶ୍ୱର ମହାରଣା, ଚିତ୍ରଶିଳ୍ପୀ କେ. ଦେଶୀରାଜୁ ଆଚାରୀ, ଦୀପକ କୁମାର ବଳ, ସଙ୍ଗଠକ ଭଗବାନ ସାହୁ, ଅଧକ୍ଷ ଅଶୋକ କୁମାର ପ୍ରଧାନ, ଯୁଗଳ କିଶୋର ସ୍ୱାଇଁ, ରାମହରି ସାହୁ, ଆନନ୍ଦ ଚାର୍କି ଓ ପ୍ରିୟମ୍ୱଦା ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହେଶ୍ୱର ମହାରଣା,ଉମାଶଙ୍କର ଦାଶ ଓ ଭଗବାନ ସାହୁ ପରିଚାଳନା କରିଥିଲେ। ସହଦେବ ଶିଶା ସହଯୋଗ କରିଥିଲେ।

# ବିଜେଡି ପକ୍ଷରୁ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

ଜୟପୁର,୨।୧୦ (ଡି.ଏନ.ଏ.)


ଜୟନ୍ତୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଜେଡି କର୍ମକର୍ତ୍ତାମାନେ।

କୋରାପୁଟ ଜିଲା ଜୟପୁରସ୍ଥିତ ବିଜୁ ଭବନଠାରେ ବିଜେଡି ପକ୍ଷରୁ ମହାତ୍ମାଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି । ବିଜେଡି ଟାଉନସଭାପତିହରପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡ. ଇନ୍ଦିରା ନନ୍ଦ ଯୋଗ ଦୁଇ ମହାପୁରୁଷଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଶାସ୍ତ୍ରୀଙ୍କ ଦେଶ ପ୍ରତି ଉତ୍ସର୍ଗୀକୃତ ଜୀବନୀ ଉପରେ ସେ ଆଲୋକପାତ କରିଥିଲେ । ଏହି ଅବସରରେ ବିଜେଡିର ମହିଳା, ଯୁବ ଏବଂ ଛାତ୍ର ସଙ୍ଗଠନର ସଦସ୍ୟଙ୍କ ସମେତ ବିଷ୍ଣୁପ୍ରସାଦ ପାତ୍ର, ସୂର୍ଯ୍ୟନାରାୟଣ ରଥ, ଦୁର୍ଗାପ୍ରସାଦ ମିଶ୍ର, ଅନୁପ ପାତ୍ର, ବାଲା ରାୟ, ସୁଧୀର ତ୍ରିପାଠୀ, ଶିବ ପଟ୍ଟନାୟକ, ଅନି ପଟ୍ଟନାୟକ, ପଦ୍ମା ରେଡ୍ଡି ବବିତା ପାଢ଼ୀ, ରାଜ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ

ମାଲକାନଗିରି/ଏମଭି-୭୯, ୨।୧୦(ଡି.ଏନ୍.ଏ.)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମାଲକାନଗିରିରେ ଜିଲାସ୍ତରୀୟ ୧୫୦ ତମ ଗାନ୍ଧୀ ଜୟନ୍ତୀ ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷ ଦଶରଥ ପଡିଆମି, ପୂର୍ବତନ ବିଧାୟକ ମାନସ ମାଡକାମି, ଜିଲାପାଳ ମନୀଷ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିଲୀପ ସାମନ୍ତରାୟ, ତହସିଲଦାର ଡ. ଗୁଣନିଧି ନାୟକ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲାପାଳ ଅଗ୍ରୱାଲ ମାଲକାନଗିରି ଜିଲା ୨୮ ବର୍ଷରେ ପହଞ୍ଚିଥିବା ଏବଂ ଜିଲାର ବିକାଶ ଉପରେ ସୂଚନା ଦେଇଥିଲେ। ଆଗାମୀଦିନରେ ଜିଲାରେ ଅନେକ ନୂତନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଜିଲା ପ୍ରଶାସନ ପଦକ୍ଷେପ ନେଉଛି। ପୋଲିସ, ବିଏସ୍‌ଏଫ ଏବଂ ଜନସାଧାରଣଙ୍କ ସହଯୋଗରେ ମାଲକାନଗିରି ଜିଲା ଏବେ ମାଓବାଦୀ ମୁକ୍ତ ହେବାକୁ ଯାଉଛି ବୋଲି ଜିଲାପାଳ ପ୍ରକାଶ କରଥିଲେ।

କାଲିମେଲା ଓ ପଡିଆ ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ଏହି ଦୁଇ ଦେଶପ୍ରେମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଡ. ଏନ. ରାଘବ ରାଓ, ଏସ ସତ୍ୟନାରାୟଣ, ନାକା ନୁକାଲ ରାଜୁ, ପରମାନନ୍ଦ ମହାପାତ୍ର, ଏସ ସୁରୀ ବାବୁ, ନାରାୟଣ ସରକାର, ପ୍ରଫୁଲ୍ଲ ଚନ୍ଦ୍ର ପାଢୀ ଓ ମାଝୀ ସୁରୀ ବାବୁ ଅତିଥି ରୂପେ ଯୋଗଦେଇ ଏହି ଦୁଇ ଦେଶପ୍ରେମୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏମଭି ୭୯ସ୍ଥିତ ଡାଃ ଶ୍ୟାମାପ୍ରସାଦ ଡିଗ୍ରୀ କଲେଜ,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ସାବରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ଜୟନ୍ତୀ ଉତ୍ସବ ପାଳିତ ହୋଇଛି।

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପାରଳାଖେମୁଣ୍ଡି,୨।୧୦(ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରସ୍ଥିତ ଜେନାତୋଟା ସାହିର ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗୁରୁବାର ରାତିରେ ଏ. କିରଣଙ୍କ ସ୍ତ୍ରୀ ଶ୍ୱେତା(୨୯)ଙ୍କ ମୃତଦେହ ତାଙ୍କ ଘରେ ଫ୍ୟାନ୍‌ରେ ଝୁଲୁଥିଲା। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ପାରଳାଖେମୁଣ୍ଡି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ନଂ.୧୦/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି।

# ଗୁଣପୁରରେ ମିନି ମାରାଥନ୍



ଉପଜିଲାପାଳ ମାରାଥନ୍‌ର ଶୁଭାରମ୍ଭ କରୁଛନ୍ତି।

ଗୁଣପୁର,୨।୧୦(ଡି.ଏନ୍.ଏ.):

ରାୟଗଡ଼ା ଜିଲା ଗୁଣପୁରଠାରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଏକ ମିନି ମାରାଥନ୍ ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ସୋନାଲ ଜେନା ମୁଖ୍ୟ ଅତିଥିଭାବେ ଉପସ୍ଥିତ ରହି ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରୁ ଦୌଡ଼ର ଏହାର ଶୁଭାରମ୍ଭ କରିଥିଲେ। ଏଥିପୂର୍ବରୁ ପୁରଣା ବସଷ୍ଟାଣ୍ଡ ଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ପୌର ପରିଷଦର ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସଙ୍କ ସମେତ ଅନ୍ୟ କର୍ମଚାରୀମାନେ ଏହି ଅବସରରରେ ଉପସ୍ଥିତ ଥିଲେ। ସେହପରି ଜିଆଇଇଟି ବିଶ୍ୱବିଦ୍ୟାଳୟ ଏବଂ ଜିପିଏସ୍‌ଠାରେ ମଧ ଗାନ୍ଧୀ ଜୟନ୍ତି ପାଳନ କରାଯାଇଛି। ଜିପିଏସ୍‌ଠାରେ ଜିଆଇଇଟିର ମହା ନିର୍ଦ୍ଦେଶକ ଜଗଦିଶ ପଣ୍ଡା ଏବଂ ଜିଆଇଇଟି ଠାରେ ଅନୁଷ୍ଠାନର ଡିନ୍ ଏକାଡେମିକ ଏ.ଭି.ଏନ୍.ଏଲ. ଶର୍ମା, ରେଜିଷ୍ଟ୍ରାର ଏନ୍.ଭି.ଜେ.ରାଓ, ପରୀକ୍ଷା ନିରୀକ୍ଷକ ପି. ବିନୟ କମାର, ପ୍ରଫେସର ତାରିଣୀ ଚରଣ ବେହାରା ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ରବିନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଜିଆଇଇଟି ପକ୍ଷରୁ ଷ୍ଟିମ୍ ସେବା ଆରମ୍ଭ

ଗୁଣପୁର,୨।୧୦(ଡି.ଏନ୍.ଏ.):

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ନୂତନ ବସଷ୍ଟାଣ୍ଡଠାରେ ଶୁକ୍ରବାର ମାଗଣା ଜଳୀୟ ବାଷ୍ପ(ଷ୍ଟିମ୍) ସେବା ଆରମ୍ଭ ହୋଇଛି। ପ୍ରତ୍ୟେକ ଦିନ ସହର ଏବଂ ଆଖପାଖ ଅଞ୍ଚଳର ଲୋକେ କାମଧନ୍ଦା ପାଇଁ ଗୁଣପୁର ଆସିଥାନ୍ତି। କରୋନା ଠାରୁ ଦୂରେଇ ରହିବା ପାଇଁ ଏଠାକୁ ଆସି ଜଳୀୟ ବାଷ୍ପ ସେବାର ଲାଭ ଉଠାଇବା ପାଇଁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି। ସକାଳେ ଓ ସନ୍ଧ୍ୟାରେ ଷ୍ଟିମ୍ ନେବା ଦ୍ୱାରା କରୋନା ଭୂତାଣୁକୁ ନିଷ୍କ୍ରିୟ କରାଯାଇପାରିବ ବୋଲି ଅନୁଷ୍ଠାନର ସଭାପତି ସତ୍ୟପ୍ରକାଶ ପଣ୍ଡା କହିଛନ୍ତି। ସେବାର ଶୁଭାରମ୍ଭ ଅବସରରେ ବିଶ୍ୱବିଦ୍ୟାଳୟର ଉପସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା, ମହା ନିର୍ଦ୍ଦେଶକ ଜଗଦିଶ ପଣ୍ଡା, ରେଜିଷ୍ଟ୍ରାର ଏନ୍.ଭି.ଜେ.ରାଓ ଉପସ୍ଥିତ ଥିଲେ।


ଲୋକମାନଙ୍କୁ ଷ୍ଟିମ୍ ସେବା ଦିଆଯାଉଛି ।

# କୃଷି ଆଇନକୁ ବିରୋଧକରି ଦାବିପତ୍ର

ନବରଙ୍ଗପୁର,୨।୧୦(ବି.ପ୍ର.)


କଂଗ୍ରେସ କର୍ମୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ନବରଙ୍ଗପୁର ଜିଲା କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନଙ୍କୁ ୧୦ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ର ସରକାର ପ୍ରଣୟନ କରିଥିବା କୃଷି ଆଇନରେ ଅନେକ ଭୁଲ ରହିଛି, ତୁରନ୍ତ ଏହାକୁ ପ୍ରତ୍ୟାହାର କରାଯାଉ ବୋଲି କଂଗ୍ରେସ ଦାବି କରିଛି। ନୂତନ କୃଷି ଆଇନ ଯୋଗୁ ଛୋଟ ଚାଷୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେବେ ବୋଲି ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ କହିଛନ୍ତି। ପୂର୍ବଭଳି ଧାନମଣ୍ଡିର ସୁବିଧା, ଲ୍ୟାମ୍ପସ ଓ କୋ-ଅପରେଟିଭ ଜରିଆରେ ଧାନ କିଣାଯିବା, ଏମ୍‌ଏସ୍‌ପି ଧାର୍ଯ୍ୟ କରିବା, ମକା, ପନିପରିବା ବିକ୍ରି ପାଇଁ ସୁବିଧା କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। କୋଭିଡ ଭଳି ଘଡିସନ୍ଧି ମୁହୂର୍ତ୍ତରେ ନାମକୁ ମାତ୍ର ଚାଷୀଙ୍କ ଉତ୍ପାଦିତ ଫସଲକୁ ଦଲାଲ ହାତରେ ନ୍ୟସ୍ତ କରି କେନ୍ଦ୍ର ସରକାର କୃଷିମାରଣ ନୀତି ଆପଣାଇଥିବା କଂଗ୍ରେସ ଅଭିଯୋଗ କରିଛି। ସରକାରଙ୍କ ଭୁଲ ନିଷ୍ପତି ପାଇଁ ଜରିବ ଚାଷୀମାନେ ଶୋଷଣର ଶିକାର ହେବା ନିଶ୍ଚିତ ହୋଇ ପଡିଛି। ଆଗାମୀ ଦିନରେ କେନ୍ଦ୍ର ସରକାର କୃଷି ଆଇନ ପ୍ରତ୍ୟାହାର ନ କଲେ ବଡ ଧାରଣର ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ସାହୁ, ସରୋଜ ପାତ୍ର, ବାବୁଲି ବାଘ, ସୁମିତ ହରିଜନ, ଭୀମ ପାଣିଗ୍ରାହୀ, ପିଙ୍କୁ ଜୁବଲି ବାବୁଲି ପରଜା, କାଳି ଚରଣ ପାତ୍ର, ପ୍ରଫୁଲ୍ଲ ପଣ୍ଡା, ଅବଦୁଲ ଫିରୋଜ ପ୍ରମୁଖ ଉପସ୍ଥିତ ଥିଲେ।

## ମୂଲ୍ୟ ବଢ଼ାଇଲେ ୨ ଚକିଆ ଯାନ କମ୍ପାନୀ

ଦେଶର ୨ ଚକିଆ ଯାନ ନିର୍ମାତା କମ୍ପାନୀଗୁଡିକ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଯାନର ମୂଲ୍ୟ ୨% ପର୍ଯ୍ୟନ୍ତ ବଢ଼ାଇଛନ୍ତି। ଏହା ମଧ୍ୟରେ ହିରୋ ମୋଟୋକର୍ପ, ହୋଣ୍ଡା ମୋଟର ସାଇକେଲ ଏବଂ ବଜାଜ ରହିଥିବା ଜଣାପଡିଛି। ଏହି ମୂଲ୍ୟ ବୃଦ୍ଧି ଗୁରୁବାରଠାରୁ ଲାଗୁ ହୋଇଛି। ଇନ୍‌ପୁଟ ଖର୍ଚ୍ଚ ବଢିବାରୁ କମ୍ପାନୀଗୁଡିକ ଏଭଳି ପଦକ୍ଷେପ ନେଇଛନ୍ତି। ଏ ସମ୍ପର୍କରେ ହୋଣ୍ଡା ଏବଂ ବଜାଜ ଅଟୋର ମତାମତ ଲୋଡାଯାଇଥିଲେ ମଧ୍ୟ ମିଳିପାରିନାହିଁ।

## ୧୬ରୁ ଆରମ୍ଭ ହେବ ବଜେଟ ପ୍ରକ୍ରିୟା

**ନୂଆଦିଲ୍ଲୀ,୨।୧୦:** ଆର୍ଥିକ ବର୍ଷ ୨୦୨୧-୨୨ ଲାଗି ସାଧାରଣ ବଜେଟ ପ୍ରକ୍ରିୟାକୁ ଅର୍ଥ ମନ୍ତ୍ରଣାଳୟ ଚଳିତ ମାସ ୧୬ରୁ ଆରମ୍ଭ କରିବ। ଗୁରୁବାର ଏ ନେଇ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ନରେନ୍ଦ୍ର ମୋଦି ସରକାରଙ୍କ ଦ୍ୱିତୀୟ ପାଳିରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଏହା ତୃତୀୟ ବଜେଟ ହେବ। ଚଳିତ ଆର୍ଥିକ ବର୍ଷ କରୋନା ଯୋଗୁ ଅର୍ଥ ବ୍ୟବସ୍ଥା ସଙ୍କଟ ସ୍ଥିତି ଦେଇ ଗତି କରୁଛି। ଏହା ଯୋଗୁ ଜିଡିପି ଅଭିବୃଦ୍ଧି କ୍ଷତିଗ୍ରସ୍ତ ହୋଇଥିବା ବେଳେ ରାଜସ୍ୱ ସଂଗ୍ରହ ମଧ୍ୟ କମୁଛି। ଏଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବଜେଟରେ ସ୍ଥାନ ପାଇବ ବୋଲି କୁହାଯାଉଛି। ପ୍ରତିବର୍ଷ ସରକାର ଏଭଳି ପ୍ରାକ୍ ବଜେଟ ପ୍ରସ୍ତୁତି ବୈଠକ ଡାକିଥାନ୍ତି। ଆସନ୍ତା ଆର୍ଥିକ ବର୍ଷ ଲାଗି ବଜେଟର ରୂପରେଖ କିଭଳି ରହିବ ଏହି ବୈଠକରେ ବିଭିନ୍ନ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥାଏ। ବଜେଟ ଲାଗି ଧାର୍ଯ୍ୟ ପୂର୍ବାନୁମାନକୁ ବ୍ୟୟ ସଚିବ ଏବଂ ଆର୍ଥିକ ପରାମର୍ଶଦାତାଙ୍କ ସହ ଆଲୋଚନା କରିବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥାଏ। ପ୍ରାକ୍ ବଜେଟ ପ୍ରସ୍ତୁତି ବୈଠକ ୧୬ ଅକ୍ଟୋବରରୁ ଆରମ୍ଭ ହୋଇ ନଭେମ୍ବର ପ୍ରଥମ ସପ୍ତାହ ଯାଏ ଚାଲିବ।

# ଅଣ୍ଟା ସଳଖାଉଛି ଅର୍ଥ ବ୍ୟବସ୍ଥା

**ନୂଆଦିଲ୍ଲୀ,୨।୧୦**

କରୋନା ଯୋଗୁ ଅର୍ଥ ବ୍ୟବସ୍ଥାକୁ ଶକ୍ତ ଧକ୍କା ଲାଗିଛି। ବର୍ତ୍ତମାନ ସମସ୍ୟାରେ ରହିଥିବା ମାନୁଫାକ୍ଚର ଏବଂ ଟ୍ରେଡର ପାର୍ବଣ ସମୟରେ ବିକ୍ରିରେ ଉନ୍ନତିକୁ ଅପେକ୍ଷା କରି ରହିଛନ୍ତି। ମାତ୍ର ବଜାରର ଚାହିଦା ଏବଂ ଲୋକଙ୍କ ଖର୍ଚ୍ଚ କରିବା ତରିକା ଉପରେ ସବୁ କିଛି ନିର୍ଭର କରୁଛି। କରୋନା ପାଇଁ ଅନେକ ଲୋକ ଚାକିରି ହରାଇଥିବା ବେଳେ ଦରମା କାଟ ଭଳି ଘଟଣା ସାମ୍ନାକୁ ଆସିଛି। ଲୋକମାନେ ବର୍ତ୍ତମାନ ଦେଖି ଚାହିଁ ଖର୍ଚ୍ଚ କରୁଛନ୍ତି। ଅତି ଜରୁରୀ ନ ହେଲେ ଖର୍ଚ୍ଚ କରିବାକୁ କେହି ଆଗଭର ହେଉନାହାନ୍ତି। ଲୋକ ଖର୍ଚ୍ଚ ନ କଲେ ଅର୍ଥ ବ୍ୟବସ୍ଥା ଟ୍ରାକ୍‌କୁ ଫେରିବା କଷ୍ଟକର ହେବ ବୋଲି ବିଶେଷଜ୍ଞ କୁହନ୍ତି। ୨୦୧୬-୧୭ରେ ଭାରତୀୟ ଅର୍ଥ ବ୍ୟବସ୍ଥା ପ୍ରାୟ ୮.୨% ହାରରେ ଅଭିବୃଦ୍ଧି କରି ଆସୁଥିଲା। ମାତ୍ର ଚଳିତ ଆର୍ଥିକ ବର୍ଷରେ ଭାରତ ବିଶ୍ୱର ସବୁଠାରୁ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାଠାରୁ -୨୩.୯%କୁ ଜିଡିପି ହ୍ରାସ ଦେଖାଯାଇଛି।

ଦଶହରା, ଦୀପାବଳି, ଦୁର୍ଗାପୂଜା, ବଡ଼ଦିନ ଏବଂ ନୂଆବର୍ଷ ସମୟରେ ଲୋକଙ୍କର ମନୋଭାବ ସାଧାରଣତଃ ଭିନ୍ନ ରହିଥାଏ। ଏହି ସମୟରେ ସୁନା, ବାସଗୃହ, ଫ୍ୟାଶନ ସାମଗ୍ରୀ, ଇଲେକଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ ବିକ୍ରି ଉନ୍ନତ ହୋଇଥାଏ। ବର୍ତ୍ତମାନ କରୋନା ଟିକା ଆସିନାହିଁ। ମଲ୍ ଏବଂ ଦୋକାନ ବଜାର ଖୋଲିବାକୁ ଅନୁମତି ମିଳିଥିଲେ ମଧ୍ୟ ସାମାଜିକ ଦୂରତ୍ୱ ନିୟମ ରହିଛି। ଲୋକଙ୍କ ମନରେ ଭୟ ରହିଥିବାରୁ ଏହା କ୍ରୟ ବ୍ୟବହାର ଉପରେ ପ୍ରଭାବ ପକାଇଛି ବୋଲି ସର୍ବଭାରତୀୟ ବ୍ୟବସାୟୀ ମହାସଂଘର ମହାସଚିବ ପ୍ରଭୀନ ଖଣ୍ଡେଲୱାଲ ମତ ପ୍ରକାଶ କରିଛନ୍ତି। ଅଗଷ୍ଟରେ ସରକାର ଭିତ୍ତିଭୂମି ବିକାଶ ଲାଗି ୧.୪୬ ଲକ୍ଷ କୋଟି ଡଲାରର ଭିତ୍ତିଭୂମି ପ୍ରକଳ୍ପକୁ ଉତ୍ସାହିତ କରିବା ଲାଗି ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିଭଳି ସ୍ୱାସ୍ଥ୍ୟ ଭିତ୍ତିଭୂମି ଲାଗି ପ୍ରାୟ ୨ ବିଲିୟନ ଡଲାରର ପାଣ୍ଠି ପ୍ରଦାନ କରାଯାଇଛି। ମାର୍ଚ୍ଚ ୧.୭ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ସରକାର ପ୍ରଦାନ କରିଛନ୍ତି।




- ପାର୍ବଣରେ ଉନ୍ନତ ବିକ୍ରି ନେଇ ଟ୍ରେଡର ଆଶାବାଦୀ
- କୃଷି କ୍ଷେତ୍ର କାର୍ଯ୍ୟକଳାପରେ ଉନ୍ନତି

ସରକାରଙ୍କ ପଦକ୍ଷେପ ପର୍ଯ୍ୟାପ୍ତ ନୁହେଁ ବୋଲି ନିକଟରେ ନୋବେଲ ବିଜେତା ଅର୍ଥନୀତିଜ୍ଞ ଅଭିଜିତ ବାନାର୍ଜୀ କହିଥିଲେ। ଅର୍ଥ ବ୍ୟବସ୍ଥାକୁ ସମ୍ଭାଳିବା ଲାଗି ସରକାରଙ୍କ ପଦକ୍ଷେପ ନେଇ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ ମଧ୍ୟ ପ୍ରଶ୍ନ ଉଠାଇଥିଲେ। ବର୍ତ୍ତମାନ ଦେଶର କୃଷି କ୍ଷେତ୍ର କେବଳ ଅଭିବୃଦ୍ଧି ସ୍ଥିତିରେ ରହିଛି। ଚଳିତ ଆର୍ଥିକ ବର୍ଷରେ କୃଷି ଉତ୍ପାଦନ ଉନ୍ନତ ହେବା ନେଇ ଆକଳନ କରାଯାଇଛି। କୋଇଲା, ଇନ୍ଧନ, ଗ୍ୟାସ୍, ଷ୍ଟିଲ୍ ଏବଂ ସିମେଣ୍ଟ ଭଳି କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେଉଥିବା ସରକାରଙ୍କ ମୁଖ୍ୟ ଆର୍ଥିକ ପରାମର୍ଶଦାତା କେ.ଭି. ସୁବ୍ରମଣ୍ୟନ କହିଛନ୍ତି। ଚାଇନା ପ୍ରଡକ୍ଟ ବୟକଟ କରିବା ନେଇ ସାରା ଦେଶରେ କ୍ୟାମ୍ପେନ ଚାଲିଛି। ଏହାଦ୍ୱାରା ଘରୋଇ ଫାର୍ମଗୁଡିକୁ ଲାଭ ମିଳିବ ବୋଲି ଖଣ୍ଡେଲୱାଲ କହିଛନ୍ତି। ସାରା ଦେଶରେ ୭ କୋଟି ବ୍ୟବସାୟୀ ପ୍ରାୟ ୪୦ କୋଟି ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ପାର୍ବଣରେ ଉନ୍ନତ ବିକ୍ରି ନେଇ ଟ୍ରେଡର ଆଶାବାଦୀ ବସିଛନ୍ତି।

### ରପ୍ତାନି ସହ ଅନ୍ୟ କ୍ଷେତ୍ର ଟ୍ରାକ୍‌କୁ ଫେରୁଛି

ସେପ୍ଟେମ୍ବର ମାସ ରପ୍ତାନିରେ ୫.୨୫% ବୃଦ୍ଧି ଘଟିଛି। ଏହି ସମୟରେ ବାଣିଜ୍ୟ ନିଅଣ୍ଟ ୨.୯୧ ବିଲିୟନ ଡଲାରକୁ ଖସିଥିବା ଜଣାପଡିଛି। ସେହିଭଳି ମାନୁଫାକଚରିଂ କାର୍ଯ୍ୟକଳାପରେ ମଧ୍ୟ ଉନ୍ନତି ଆସୁଥିବା ପରଚେଜିଂ ମ୍ୟାନେଜର୍ସ ସୂଚୀରୁ ସୂଚନା ରହିଛି। ସେପ୍ଟେମ୍ବରରେ ପେଟ୍ରୋଲ ବିକ୍ରି ଚଳିତ ବର୍ଷର ସବୁଠାରୁ ଉନ୍ନତ ସ୍ଥିତିକୁ ଫେରିଛି। ସେହିଭଳି ଡିଜେଲ ବିକ୍ରି କୋଭିଡ୍ ପୂର୍ବ ତୁଳନାରେ ୯୩%ରେ ରହିଛି। ଅଟୋ କମ୍ପାନୀଗୁଡିକର ସେପ୍ଟେମ୍ବର ବିକ୍ରିରେ ଉନ୍ନତି ପରିଲକ୍ଷିତ ହୋଇଛି। ଏହା ପାର୍ବଣରେ ଆହୁରି ଉନ୍ନତ ହେବ ବୋଲି ଆଶା କରାଯାଉଛି। ସେପ୍ଟେମ୍ବରରେ ଜିଏସ୍‌ଟି ସଂଗ୍ରହ ଚଳିତ ଆର୍ଥିକ ବର୍ଷର ସବୁଠାରୁ ଉନ୍ନତ ସ୍ଥିତିରେ ରହିଛି। ଆଗାମୀ ଦିନରେ ବଜାର ସୁଧୁରିଲେ ଏଥିରେ ଆହୁରି ଉନ୍ନତି ଆସିବ ବୋଲି ଆଶା କରାଯାଉଛି।

## ମହଙ୍ଗା ହେବ ଫୋନ୍

**ନୂଆଦିଲ୍ଲୀ,୨।୧୦:** ଫୋନ୍‌ଗୁଡିକରେ ବ୍ୟବହାର ହେଉଥିବା ଡିସ୍‌ପ୍ଲେ ଏବଂ ଟଚ୍ ପ୍ୟାନେଲ ଉପରେ ସରକାର ୧୦% ଆମଦାନୀ ଟିକସ ଲାଗୁ କରିଛନ୍ତି। ଆତ୍ମନିର୍ଭର ଭାରତ ଅଧୀନରେ ଏଭଳି କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ସରକାରଙ୍କ ଏଭଳି ପଦକ୍ଷେପ ଦ୍ୱାରା ପ୍ରମୁଖ କମ୍ପାନୀଗୁଡିକ ପକ୍ଷରୁ ବିକ୍ରି ହେଉଥିବା ସ୍ମାର୍ଟଫୋନ ଏବଂ ଫିଚର ଫୋନ ମହଙ୍ଗା ହେବ ବୋଲି କୁହାଯାଉଛି। ଅତିରିକ୍ତ ସେସ୍ ଲାଗୁ ହେବା ଫଳରେ ମୋଟ ୧୧% ଟିକସ ଲାଗୁ ହେବ ବୋଲି ଜଣାପଡିଛି। ଆଗାମୀ ଦିନରେ ଫୋନଗୁଡିକର ଦାମ ୧.୫%ରୁ ୫% ପର୍ଯ୍ୟନ୍ତ ବଢିବ ବୋଲି ଆକଳନ କରାଯାଇଛି। ଏହା ପାର୍ବଣ ସମୟରେ ଚାହିଦାକୁ ପ୍ରଭାବିତ କରିବ ବୋଲି ପ୍ରମୁଖ କମ୍ପାନୀଗୁଡିକର ପ୍ରତିନିଧିମାନେ ମତ ପ୍ରକାଶ କରିଛନ୍ତି। ଫୋନ ମାନୁଫାକଚରିଂ କ୍ଷେତ୍ରରେ ପ୍ୟାନେଲ ଏବଂ ଟଚ୍ ସ୍କ୍ରିନ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହା ଡିଭାଇସଗୁଡିକର ମୋଟ ଖର୍ଚ୍ଚର ପ୍ରାୟ ୧୫ରୁ ୨୫% ପର୍ଯ୍ୟନ୍ତ ରହିଥାଏ। ଫୋନର ଗୁଣବତ୍ତା ଏବଂ ମୂଲ୍ୟ ଆଧାରରେ ପ୍ୟାନେଲ ଏବଂ ଟଚ୍ ସ୍କ୍ରିନ୍‌ର ମୂଲ୍ୟକୁ ବିଚାର କରାଯାଇଥାଏ। ଅର୍ଥାତ୍ ଦାମୀ ଫୋନଗୁଡିକରେ ଅଧିକ ଦାମର ପ୍ୟାନେଲ ବ୍ୟବହାର କରାଯାଇଥାଏ।

## ବିଜିୟୁ, ଆର୍କଜେନ, ଆଇସିଏସ୍‌ଆଇ ଚୁକ୍ତି

**ଭୁବନେଶ୍ୱର,୨।୧୦:** ଦି ଇନ୍‌ଷ୍ଟିଚ୍ୟୁଟ ଅଫ୍ କମ୍ପାନୀ ସେକ୍ରେଟାରିଜ ଅଫ୍ ଇଣ୍ଡିଆ(ଆଇସିଏସ୍‌ଆଇ) ପକ୍ଷରୁ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ) ଭୁବନେଶ୍ୱର ଏବଂ ଜାମସେଦପୁରସ୍ଥିତ ଆର୍କଜେନ୍ ୟୁନିଭର୍ସିଟି ସହ ଏକାଡେମିକ ସହବନ୍ଧନ ଏମ୍‌ଓୟୁରେ ସାମିଲ ହୋଇଛି। ଛାତ୍ରୀଛାତ୍ର ଏବଂ ଅଂଶୀଦାରଙ୍କ ଉନ୍ନତି ତଥା ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଗି ଏଭଳି ଏକ ଚୁକ୍ତି ବିଶେଷ ଭାବେ ସହାୟକ ହେବ ବୋଲି ଆଇସିଏସ୍‌ଆଇ ସଭାପତି ସିଏସ୍ ଆଶିଷ ଗର୍ଗ ସୂଚନା ଦେଇଛନ୍ତି। ଉଭୟ ବିଶ୍ୱବିଦ୍ୟାଳୟ ଆଇସିଏସ୍‌ଆଇ ସହ ମିଳିତ ହୋଇ କାମ କରିବାକୁ ଆଗେଇ ଆସିଥିବାରୁ ସେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଛାତ୍ରୀଛାତ୍ରଙ୍କ ଉନ୍ନତି ଦିଗରେ ବିଭିନ୍ନ କାର୍ଯ୍ୟପନ୍ଥା ହାତକୁ ନିଆଯାଉଥିବା ଉପସଭାପତି ସିଏସ୍ ନାଗେନ୍ଦ୍ର ରାଓ କହିଛନ୍ତି। ନୂଆ ସହବନ୍ଧନ ଦ୍ୱାରା ଉଭୟ ଅନୁଷ୍ଠାନ ଲାଭବାନ ହୋଇପାରିବେ ବୋଲି ବିଜିୟୁ କୁଳପତି ପ୍ରଫେସର ପି.ପି. ମାଥୁର ମତ ପ୍ରକାଶ କରିଥିଲେ।

## ବଜାରରେ ମହିନ୍ଦ୍ରାର ନୂଆ ଥାର୍




**ନୂଆଦିଲ୍ଲୀ,୨।୧୦:** ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ ପକ୍ଷରୁ ନୂଆ 'ଥାର୍' ମଡେଲ ଶୁକ୍ରବାର ବଜାରରେ ପ୍ରବେଶ କରିଛି। ମହିନ୍ଦ୍ରା ଗ୍ରୁପ୍‌ର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ଏହି ନୂଆ ଏସ୍‌ୟୁଭିକୁ ଉନ୍ମୋଚନ କରାଯାଇଛି। ମହିନ୍ଦ୍ରାର ପରମ୍ପରାକୁ ବଜାୟ ରଖି ନୂଆ ଥାର୍ ଆହୁରି ଶକ୍ତିଶାଳୀ ପରମ୍ପରାମାନ୍ସ ସହ ଗ୍ରାହକଙ୍କ ମନ ଜିଣିବାରେ ସହାୟକ ହେବ ବୋଲି ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ଡ.ପୱନ ଗୋଏଙ୍କା ସୂଚନା ଦେଇଛନ୍ତି। ନୂଆ ଅବତାରରେ ଆସିଥିବା 'ଥାର୍' ୨ଟି ଟ୍ରିମ ( ଏଏକ୍ସ ଏବଂ ଏଲ୍‌ଏକ୍ସ)ରେ ଉପଲବ୍ଧ ହେଉଥିବା ଜଣାପଡିଛି। ଏଏକ୍ସ ସିରିଜର ଆରମ୍ଭ ମୂଲ୍ୟ ୯.୮୦ ଲକ୍ଷ ଟଙ୍କା ରହିଥିବା ବେଳେ ଏଲ୍‌ଏକ୍ସ ସିରିଜ ୧୨.୪୯ ଲକ୍ଷ ଟଙ୍କା ରହିଛି। ଯାନଟିରେ ବିଏସ୍ ୬ ଇଞ୍ଜିନ ବିକଳ୍ପ, ୨.୦ ଲିଟରର ଏମ୍‌ଷ୍ଟାଲିୟନ ଟିଜିଡିଆଇ ପେଟ୍ରୋଲ ଇଞ୍ଜିନ, ୨.୨ ଲିଟରର ଏମ୍‌ହକ୍ ଡିଜେଲ ଇଞ୍ଜିନ, ୬ ସ୍ପିଡ୍ ଅଟୋମେଟିକ ଟ୍ରାନ୍ସମିଶନ କିମ୍ବା ୬ ସ୍ପିଡ୍ ମାନୁଆଲ ଟ୍ରାନ୍ସମିଶନର ବିକଳ୍ପ ରହିଛି। ସେହିଭଳି ପ୍ରଥମ ଥର ଲାଗି ଏଥିରେ ଟପ୍ ବିକଳ୍ପ ପ୍ରଦାନ କରାଯାଇଛି।

# ଖେଳ ଖବର

## ଭାରତୀୟ ଗେଟ୍‌ବଲ ୟୁନିୟନର ପୂର୍ବତନ ସଭାପତିଙ୍କ ପରଲୋକ

**ଭୁବନେଶ୍ୱର, ୨।୧୦(ସ୍ପୋର୍ଟ୍ସ ବ୍ୟୁରୋ):** ଭାରତୀୟ ଗେଟ୍‌ବଲ ୟୁନିୟନ(ଆଇଜିଏଚ୍)ର ପୂର୍ବତନ ସଭାପତି ପ୍ରଭାତ କୁମାର ମହାନ୍ତିଙ୍କ କରୋନା ଭାଇରସ ସଂକ୍ରମଣରେ ପରଲୋକ ଘଟିଛି। ୨୦୧୩ରେ ସେ ଗେଟ୍‌ବଲ୍ ଖେଳର ପ୍ରମୁଖ ଦେଶ ଜାପାନ ଦଳକୁ ଆମନ୍ତ୍ରଣ କରି ଭୁବନେଶ୍ୱରରେ ଅନ୍ତର୍ଜାତୀୟ ସ୍ତରର ଟୁର୍ନାମେଣ୍ଟ ଆୟୋଜନ କରିଥିଲେ। ଜୀବନସାରା ସେ ଅନେକ ସଂଘ, ସଂସ୍ଥା ଓ ସଙ୍ଗଠନ ସହିତ ଜଡ଼ିତ ଥିଲେ। ତାଙ୍କ ସ୍ତ୍ରୀ ପ୍ରଣତୀ ମହାନ୍ତି ଏବଂ ସାନଭାଇ ତପନ କୁମାର ମହାନ୍ତି ୟୁନିଟ-୬ ଆଥଲେଟିକ୍ ଆସୋସିଏଶନର ସଭାପତିଭାବେ କାର୍ଯ୍ୟରତ। ଶୁକ୍ରବାର ଆୟୋଜିତ ଏକ ଶୋକସଭାରେ ଭାରତୀୟ ଗେଟ୍‌ବଲ୍ ୟୁନିୟନ ପକ୍ଷରୁ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି।

## ପୂର୍ବତନ ଖେଳାଳି ନୁରୁଦ୍ଦିନ ସରିଫଙ୍କ ଦେହାନ୍ତ

**କଟକ ଅଫିସ, ୨।୧୦:** କଟକ ଜିଲା ଚେସ୍ ସଂଘର ଉପସଭାପତି ତଥା ପୂର୍ବତନ ଖେଳାଳି ମହମ୍ମଦ ନୁରୁଦ୍ଦିନ ସରିଫଙ୍କର ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କୁ ୭୬ବର୍ଷ ବୟସ ହୋଇଥିଲା। ଗତ ୨୬ବର୍ଷ ଧରି ସେ ସଂଘର ଜଣେ ସକ୍ରିୟ ସଦସ୍ୟ ଥିଲେ। ଚେସ୍ ସମେତ ସେ ଫୁଟବଲ ଓ ହକି ମଧ୍ୟ ଖେଳୁଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ଦୁଇ ଝିଅ, ଜ୍ୱାଇଁ, ପୁତୁରା ଉପସ୍ଥିତ ଥିଲେ। ଦରଘାବଜାରସ୍ଥିତ କଦମରସୁଲରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ପ୍ରଥମ ଡବଲ ହେଡର୍ସରେ ରୟାଲ୍ସ ମୁକାବିଲା

**ଆବୁଧାବି, ୨।୧୦**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ପ୍ରଥମ ଡବଲ ହେଡର୍ସ(୨ଟି ମ୍ୟାଚ) ଶନିବାର ଅନୁଷ୍ଠିତ ହେବ। ଅପରାହ୍ନରେ ହେବାକୁ ଯାଉଥିବା ପ୍ରଥମ ମ୍ୟାଚରେ ରୟାଲ୍ସ ମୁକାବିଲା ଦେଖିବାକୁ ମିଳିବ। ଏଥିରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି)କୁ ଭେଟିବ ରାଜସ୍ଥାନ ରୟାଲ୍ସ। ଦ୍ୱିତୀୟ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ଓ କୋଲକାତା ନାଇଟ୍ ରାଇଡର୍ସ ଶାରଜାରେ ପରସ୍ପରକୁ ଭେଟିବେ। ଲିଗ୍ ପର୍ଯ୍ୟାୟରେ ମୋଟ ୧୦ଟି ଡବଲ ହେଡର୍ସ ହେବାର କାର୍ଯ୍ୟକ୍ରମ ରହିଛି।

### ସମାନ ସ୍ଥିତିରେ କୋହଲି, ସ୍ମିଥ

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଆରସିବି ୩ଟି ମ୍ୟାଚ ଖେଳି ୨ ବିଜୟ ଓ ୧ ପରାଜୟ ସ୍ୱାଦ ଚାଖିଛି। ଦଳ ପ୍ରଥମ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୧୦ ରନରେ ହରାଇଥିଲେ ହେଁ ପରବର୍ତ୍ତୀ ମ୍ୟାଚରେ କିଙ୍ଗ୍ସ ଇଲେଭେନ ପଞ୍ଜାବଠାରୁ ୯୭ ରନରେ ହାରି ଯାଇଥିଲା। ତେବେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ରୋମାଞ୍ଚକ ମ୍ୟାଚକୁ ସୁପର ଓଭରରେ ଜିତି ମନସ୍ତାତ୍ତ୍ୱିକ ଫାଇଦାରେ ରହିଛି। ଦୁର୍ବଳ ଫିଲ୍ଡିଂ ଓ ଡେଥ୍ ଓଭର ବୋଲିଂ ଆରସିବି ପାଇଁ ଚିନ୍ତାର କାରଣ ହୋଇଛି। ମୁମ୍ବାଇ ବିପକ୍ଷ ଶେଷ ୪ ଓଭରରେ ଦଳ ୭୯ ରନ ବ୍ୟୟ କରିଥିଲା। ବିଜୟଧାରା ବଜାୟ ରଖିବାକୁ ହେଲେ ଦଳକୁ ରାଜସ୍ଥାନ ବିପକ୍ଷରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପଡ଼ିବ। ସେହିପରି ଷ୍ଟିଭ୍ ସ୍ମିଥ୍‌ଙ୍କ ରାଜସ୍ଥାନ ରୟାଲ୍ସ ୩ ମ୍ୟାଚ ଖେଳି ୨ ବିଜୟ ଓ ୧ ପରାଜୟ ଲଭିଛି। ଦଳ ପ୍ରଥମ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗ୍ସ ୧୬ ରନରେ ଏବଂ ଦ୍ୱିତୀୟ ମ୍ୟାଚରେ ପଞ୍ଜାବକୁ ୪ ଉଇକେଟରେ ହରାଇଥିଲେ ହେଁ ତୃତୀୟ ମ୍ୟାଚରେ ନାଇଟ ରାଇଡର୍ସ ନିକଟରୁ ୩୭ ରନରେ ହାରି ଯାଇଥିଲା।




ପଞ୍ଜାବ ବିପକ୍ଷରେ ରେକର୍ଡ ରନ ଚେଜ୍ କରିଥିବା ଏହି ଦଳ ଆଗାମୀ ମ୍ୟାଚରେ ବିଜୟୀ ହୋଇ ସଫଳ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ରହିଛି। ଆବୁଧାବି ଷ୍ଟାଡିୟମରେ ଉଭୟ ଆର୍‌ସିବି ଓ ରାଜସ୍ଥାନ ପ୍ରଥମଥରପାଇଁ ମ୍ୟାଚ ଖେଳିବାକୁ ଯାଉଛନ୍ତି। ଏହି ଗ୍ରାଉଣ୍ଡ ଦୁବାଇ ଓ ଶାରଜା ତୁଳନାରେ ବଡ଼ ହୋଇଥିବାରୁ କଡ଼ା ଟକ୍କର ହେବା ଆଶା ରହିଛି।

### ଶାରଜାରେ ଛକା ବୃଷ୍ଟି ସମ୍ଭାବନା

ଶାରଜା ଗ୍ରାଉଣ୍ଡ ଅନ୍ୟ ୨ଟି ଭେନ୍ୟୁ ତୁଳନାରେ ଛୋଟ ହୋଇଥିବାରୁ ଆଗାମୀ ମ୍ୟାଚରେ ଛକା ବୃଷ୍ଟି ସମ୍ଭାବନା ରହିଛି। ଏ କ୍ଷେତ୍ରରେ ମୁଖ୍ୟତଃ ଦିଲ୍ଲୀ କ୍ୟାପିଟାଲ୍ସର ରିଷଭ ପନ୍ତ ଓ କୋଲକାତା ନାଇଟ ରାଇଡର୍ସର ଆନ୍ଦ୍ରେ ରସେଲଙ୍କ ମଧ୍ୟରେ ମୁକାବିଲା ଆଶା କରାଯାଉଛି। ଆବୁଧାବି ଗ୍ରାଉଣ୍ଡ ଅପେକ୍ଷାକୃତ ବଡ଼ ହୋଇଥିଲେ ହେଁ ରାଜସ୍ଥାନ ବିପକ୍ଷ ମ୍ୟାଚରେ ରସେଲ ୩ଟି ଛକା ମାରିଥିଲେ। ସେହିପରି ପନ୍ତ ସ୍ୱାଭାବିକ ଗେମ୍ ଖେଳିପାରିଲେ ଏଠାରେ ତାଙ୍କୁ ରୋକିବା କଷ୍ଟକର ହେବ। ଚଳିତ ସିଜନରେ ଶାରଜାରେ ମାତ୍ର ୨ଟି ମ୍ୟାଚ ଖେଳାଯାଇଥିବାବେଳେ ୬୨ଟି ଛକା ଦେଖିବାକୁ ମିଳିଛି। କୋଲକାତାର ଶୁବମନ ଗିଲ୍, ଆନ୍ଦ୍ରେ ରସେଲ, ଇଅନ ମୋର୍ଗାନ ଏବଂ ଦିଲ୍ଲୀ ଦଳର ପନ୍ତ, ମାର୍କସ ଷ୍ଟୋଇନସ୍ ଓ ଶ୍ରେୟାସ ଆୟାରଙ୍କ ଉପରେ ନଜର ରହିବ। ସୁନୀଲ ନାରିନ ୩ ମ୍ୟାଚରୁ ମାତ୍ର ୨୪ ରନ କରିଥିଲେ ହେଁ ଆଗାମୀ ମ୍ୟାଚରେ ଯେ ବିସ୍ଫୋରକ ଇନିଂସ ନ ଖେଳିବେ କହି ହେବନି। ଉଭୟ କୋଲକାତା ଓ ଦିଲ୍ଲୀ ୩ଟି ଲେଖାଏ ମ୍ୟାଚ ଖେଳିଥିବାବେଳେ ୨ ବିଜୟ ଓ ୧ ପରାଜୟ ଲାଭ କରିଛନ୍ତି।

**ଆଇପିଏଲ୍**
(ଶନିବାର ମ୍ୟାଚ)

| ରୟାଲ ଚ୍ୟାଲେଞ୍ଜର୍ସ ବନାମ ରାଜସ୍ଥାନ ରୟାଲ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ନାଇଟ ରାଇଡର୍ସ |
|---|---|
| ସ୍ଥାନ: ଆବୁଧାବି, ସମୟ: ଅପରାହ୍ନ ୩ଟା ୩୦ | ସ୍ଥାନ: ଶାରଜା, ସମୟ: ରାତି ୭ଟା ୩୦ |

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ଫିଟ୍ ଇଣ୍ଡିଆ ଅଭିଯାନରେ ୧୦ କୋଟି ଅଂଶଗ୍ରହଣ କରିଛନ୍ତି

**ନୂଆଦିଲ୍ଲୀ,୨।୧୦(ପି.ଟି.)**

ଏପର୍ଯ୍ୟନ୍ତ ୧୦ କୋଟିରୁ ଊର୍ଦ୍ଧ୍ୱ ଲୋକ 'ଫିଟ୍ ଇଣ୍ଡିଆ' ଅଭିଯାନରେ ସାମିଲ ହୋଇଛନ୍ତି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି। ଦେଶବାସୀଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଏହି ଅଭିଯାନ ଆରମ୍ଭ କରାଯାଇଛି। ସିଆରପିଏଫ୍‌ର ଏକ ଦିବ୍ୟାଙ୍ଗ ଦଳ ୧୬ ଦିନ ମଧ୍ୟରେ ୧,୦୦୦ କି.ମି. ଅତିକ୍ରମ କରି ଅହମ୍ମଦାବାଦର ସାବରମତୀ ଆଶ୍ରମରୁ ବାହାରି ଦିଲ୍ଲୀ ପହଞ୍ଚିଛନ୍ତି ବୋଲି ରିଜିଜୁ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଲଞ୍ଚ୍ ହୋଇଥିବା ଏହି ଅଭିଯାନ ନେଇ ଏକ ସମୀକ୍ଷା କରିଥିଲି। ଖୁସିର ସହିତ କହିବାକୁ ଚାହୁଁଛି ଯେ, ଏହି ଅଭିଯାନରେ ୧୦ କୋଟି ଲୋକ ଏପର୍ଯ୍ୟନ୍ତ ସାମିଲ ହୋଇଛନ୍ତି। ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ରାଜଘାଟରେ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ୍)ର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ରିଜିଜୁ ଏହି କଥା କହିଛନ୍ତି। ସିଆରପିଏଫ୍ ଏହି ଅଭିଯାନରେ ଯୋଗଦେବା ଏକ ବଡ଼ କଥା ଓ ଏହା ଦ୍ୱାର ବହୁ ଲୋକ ସକାରାତ୍ମକ ଭାବେ ପ୍ରଭାବିତ ହୋଇଛନ୍ତି। ସିଆର୍‌ପିଏଫ୍‌ର ଦିବ୍ୟାଙ୍ଗ ଯୋଦ୍ଧାଙ୍କ ଏହି ସାଇକେଲ ରାଲି ଦେଶବାସୀଙ୍କୁ ବହୁ ବାର୍ତ୍ତା ପ୍ରଦାନ କରୁଛି। ଏହା ଦ୍ୱାରା ଲୋକଙ୍କ ପାଖରେ ଶାନ୍ତି, ଦୃଢ଼ ସଂକଳ୍ପ ଓ ଉତ୍ସାହର ବାର୍ତ୍ତା ପହଞ୍ଚିଛି ବୋଲି ସେ କହିଛନ୍ତି।

ଦେଶରେ ଦିବ୍ୟାଙ୍ଗ କ୍ରୀଡ଼ାବିତ ଓ ଆଥଲେଟଙ୍କ ପାଇଁ କ୍ରୀଡ଼ା ମନ୍ତ୍ରଣାଳୟ ସବୁକିଛି କରିବାକୁ ପ୍ରସ୍ତୁତ ଅଛି। ପାରା-ଆଥଲେଟ ଓ ରେଗୁଲାର ଆଥଲେଟଙ୍କୁ ସରକାର ସମାନ ନଜରରେ ଦେଖୁଛନ୍ତି। ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସରେ ସଫଳତା ହାସଲ କରୁଥିବା ଆଥଲେଟ ଦେଶ ପାଇଁ ସମାନ ଭାବେ ଗୌରବ ଆଣିଥାନ୍ତି।



କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ

ତେବେ ପାରା ଆଥଲେଟଙ୍କ ପାଇଁ ଆହୁରି କିଛି କରିବାର ଆବଶ୍ୟକତା ରହିଛି ବୋଲି ସେ ସ୍ୱୀକାର କରିଛନ୍ତି। ସବୁ ପ୍ରକାର କ୍ରୀଡ଼ାର ଉନ୍ନତି ପାଇଁ ସରକାର ବଦ୍ଧପରିକର ବୋଲି ରିଜିଜୁ କହିଛନ୍ତି। ପାରା ଆଥଲେଟ୍ ତଥା ଦିବ୍ୟାଙ୍ଗ ଆଥଲେଟ୍‌ଙ୍କ ପାଇଁ ଭିତ୍ତିଭୂମି ନ ଥିଲେ କୌଣସି ଷ୍ଟାଡିୟମ କିମ୍ବା ସ୍ପୋର୍ଟ୍ସ କମ୍ପ୍ଲେକ୍ସ ସମ୍ପୂର୍ଣ୍ଣ ନୁହେଁ। ଏ ନେଇ ମନ୍ତ୍ରଣାଳୟ ପକ୍ଷରୁ ସବୁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରିଜିଜୁ କହିଛନ୍ତି।

ଏହି ସାଇକେଲ ରାଲିକୁ ସିଆରପିଏଫ୍ ଡାଇରେକ୍ଟର ଜେନେରାଲ ଏ.ପି. ମାହେଶ୍ୱରୀ ପ୍ରଶଂସା କରିଛନ୍ତି। ଦେଶର ସର୍ବବୃହତ୍ ପାରାମିଲିଟାରି ଫୋର୍ସ ରୂପେ ବିବେଚିତ ହେଉଥିବା ସିଆରପିଏଫ୍ ଦିବ୍ୟାଙ୍ଗ ଆଥଲେଟ୍‌ଙ୍କ ସୁବିଧା ତଥା ଉନ୍ନତି ପାଇଁ ନୀତି ନିର୍ଦ୍ଧାରଣ କରୁଛି। ଦେଶର ସେବା କରିବା ଅବସରରେ ଏହି ଦିବ୍ୟାଙ୍ଗ ଯୋଦ୍ଧାମାନେ ଆହତ ହୋଇଛନ୍ତି। ପାରା ସ୍ପୋର୍ଟ୍ସରେ ଏମାନେ ଯେପରି ଶୀର୍ଷରେ ପହଞ୍ଚିବେ ସେ ନେଇ ବ୍ୟବସ୍ଥା କରିବାକୁ ପ୍ରୟାସ କରାଯିବ ବୋଲି ସେ କହିଛନ୍ତି। ସେପ୍ଟେମ୍ବର ୧୭ ତାରିଖରେ ଅହମ୍ମଦାବାଦ୍‌ରୁ ଏହି ସାଇକେଲ ରାଲିକୁ ପତାକା ଦେଖାଇ ଉଦ୍‌ଘାଟନ କରାଯାଇଥିଲା।

## ଜର୍ମାନୀ ଦଳକୁ ଫେରିଲେ ନୁଏର

**ଫ୍ରାଙ୍କଫର୍ଟ, ୨।୧୦ (ପି.ଟି.):** ଅଭିଜ୍ଞ ଫୁଟବଲର ମାନୁଏଲ ନୁଏର ଜର୍ମାନୀ ଫୁଟବଲ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦୀର୍ଘ ୧୧ମାସ ପରେ ବେୟର୍ନ ମ୍ୟୁନିକ୍ ଗୋଲକିପର ୩୪ ବର୍ଷୀୟ ନୁଏର ଶୁକ୍ରବାର ଘୋଷିତ ହୋଇଥିବା ଜର୍ମାନୀ ଦଳରେ ସ୍ଥାନ ପାଇଛନ୍ତି। ନେଶନ୍ସ ଲିଗ୍‌ରେ ଆଗକୁ ଖେଳାଯିବାକୁ ଥିବା ତୁର୍କୀ, ୟୁକ୍ରେନ ଓ ସୁଇଜରଲାଣ୍ଡ ବିପକ୍ଷ ମ୍ୟାଚ୍ ପାଇଁ ତାଙ୍କୁ ଦଳରେ ସାମିଲ କରାଯାଇଛି।



ନୁଏରଙ୍କ ସହ ଲିପ୍‌ଜିଗ୍ ଡିଫେଣ୍ଡର ଲକାସ କ୍ଲୋଷ୍ଟେରମ୍ୟାନ୍ ଓ ମାର୍ସେଲ ହାଲଷ୍ଟେନବର୍ଗ ମଧ୍ୟ ଦଳକୁ ଫେରିଛନ୍ତି। ଏହି ୩ ଖେଳାଳି ଅଗଷ୍ଟରେ ଚାମ୍ପିୟନ୍ସ ଲିଗ୍ ଟୁର୍ନାମେଣ୍ଟ ଖେଳିଥିଲେ। ବିଶ୍ରାମ ନେବାକୁ ଏହି ଖେଳାଳିମାନେ ଗତମାସ ଖେଳାଯାଇଥିବା ସ୍ପେନ୍ ଓ ସୁଇଜରଲାଣ୍ଡ ବିପକ୍ଷ ମ୍ୟାଚ୍‌ରୁ ବାଦ୍ ପଡିଥିଲେ।

## ଆଇସିସି ମହିଳା ଟି୨୦ ର୍‌ୟାଙ୍କିଙ୍ଗ୍: ତୃତୀୟ ସ୍ଥାନରେ ଭାରତ

**ଦୁବାଇ,୨।୧୦(ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ୍ (ଆଇସିସି) ମହିଳା ଟି୨୦ ଦଳୀୟ ର୍‌ୟାଙ୍କିଙ୍ଗ୍‌ରେ ଭାରତୀୟ ଦଳ ନ୍ୟୁଜିଲାଣ୍ଡକୁ ପଛରେ ପକାଇ ତୃତୀୟ ସ୍ଥାନକୁ ଉଠିଛି। ସେହିପରି ଦିନିକିଆ ଦଳୀୟ ର୍‌ୟାଙ୍କିଙ୍ଗ୍‌ରେ ଭାରତୀୟ ମହିଳା ଦଳ ପୂର୍ବପରି ଦ୍ୱିତୀୟ ସ୍ଥାନ ବଜାୟ ରଖିଛି। ଶୁକ୍ରବାର ପ୍ରକାଶିତ ଏହି ଟି୨୦ ତାଲିକାରେ ଅଷ୍ଟ୍ରେଲିଆ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଇଂଲଣ୍ଡ ଦ୍ୱିତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ୨୯୧ ଓ ଇଂଲଣ୍ଡ ୨୮୦ ପଏଣ୍ଟ ହାସଲ କରିଛନ୍ତି। ଭାରତ ୨୭୦ ପଏଣ୍ଟ ହାସଲ କରିଛି। ଚଳିତ ବର୍ଷ ଟି୨୦ ବିଶ୍ୱକପ୍‌ରେ ଭାରତ ଫାଇନାଲରେ ପ୍ରବେଶ କରିଥିଲା। ତେବେ ନ୍ୟୁଜିଲାଣ୍ଡ ମାତ୍ର ଗୋଟିଏ ପଏଣ୍ଟ ପଛରେ ରହି ୨୬୯ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି। ର୍‌ୟାଙ୍କିଙ୍ଗ୍‌ରେ ବ୍ରାଜିଲ୍ ସବୁଠାରୁ ଲମ୍ବା ଡିଆଁ ମାରିଛି। ୧୫ ରେଟି ପଏଣ୍ଟ ଲାଭ କରି ବ୍ରାଜିଲ ୧୧ଟି ସ୍ଥାନ ଉପରକୁ ଉଠି ୨୭ତମ ସ୍ଥାନ ଅଧିକାର କରିଛି।

### ଦିନିକିଆ ର୍‌ୟାଙ୍କିଙ୍ଗ୍‌ରେ ଭାରତର ଦ୍ୱିତୀୟ ସ୍ଥାନ ବଜାୟ

ଅପରପକ୍ଷରେ ଦିନିକିଆ ର୍‌ୟାଙ୍କିଙ୍ଗ୍‌ରେ ଭାରତ ଦଳୀୟ ତାଲିକାରେ ଦ୍ୱିତୀୟ ଓ ଇଂଲଣ୍ଡ ତୃତୀୟ ସ୍ଥାନ ବଜାୟ ରଖିଛନ୍ତି। ତେବେ ଉଭୟଦେଶ ୪ ଲେଖାଏଁ ପଏଣ୍ଟ ହରାଇଛନ୍ତି। ୬ଥର ବିଶ୍ୱକପ୍ ଜିତିଥିବା ଓ ଆଇସିସି ମହିଳା ଚାମ୍ପିୟନଶିପ୍‌ର ଦୁଇଟି ସଂସ୍କରଣରେ ବିଜୟୀ ହୋଇଥିବା ଅଷ୍ଟ୍ରେଲିଆ ରେଟିଂ ପିରିୟଡ୍‌ରେ ୨୧ରୁ ୨୦ଟି ଦିନିକିଆ ଜିତିଛି। ଫଳରେ ଅଷ୍ଟ୍ରେଲିଆ ୮ରୁ ୧୬୦ ପଏଣ୍ଟକୁ ଉନ୍ନତି କରିଛି।

## ସଂକ୍ଷେପରେ

### ସୀମାନ୍ତରେ ଥମୁନି ମାଓବାଦୀ ହିଂସା
### ମୋବାଇଲ ଟାୱାର ପୋଡ଼ିଦେଲେ



ମାଲକାନଗିରି,୨।୧୦(ଡି.ଏନ୍.ଏ.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ମାଓବାଦୀଙ୍କ ହିଂସା ଥମୁନି। ଜଣେ ନାଏବ ସରପଞ୍ଚ ଓ ଜଣେ ୱାର୍ଡମେମ୍ବରଙ୍କୁ ହତ୍ୟା ଘଟଣାର ୨ଦିନ ନ ପୂରୁଣୁ ଗୁରୁବାର ରାତିରେ ମାଓବାଦୀମାନେ ଏକ ମୋବାଇଲ ଟାୱାରକୁ ନିଆଁ ଲଗାଇ ପୋଡ଼ିଦେଇଛନ୍ତି। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଏରାବୋର ଗ୍ରାମର ମୁଖ୍ୟ ରାସ୍ତା କଡ଼ରେ ଥିବା ବିଏସ୍ଏନ୍ଏଲ୍ ଟାୱାରକୁ ସେମାନେ ପୋଡ଼ିଦେଇଛନ୍ତି। ଗୁରୁବାର ରାତିରେ ପ୍ରାୟ ୧୫ ଜଣ ମାଓବାଦୀ ଉକ୍ତ ଟାୱାରରେ ନିଆଁ ଲଗାଇ ଦେଇଥିଲେ। ରାସ୍ତା ଉପରେ ପଥର ରଖି ରାସ୍ତା ଅବରୋଧ କରିବା ସହ ସେମାନେ ଯିବା ବେଳେ ଏଠାରେ ମାଓବାଦୀ ପୋଷ୍ଟର ଛାଡ଼ିଯାଇଛନ୍ତି। ଶୁକ୍ରବାର ସକାଳେ ସିଆର୍ପିଏଫ୍ ବାହିନୀ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏ ସମ୍ପର୍କରେ ମାଲକାନଗିରି ଏସ୍ପି ରିଷିକେଶ ଡି. ଖିଲାରି କହିଛନ୍ତି, ମୋଟୁଠାରୁ ୨ କିଲୋମିଟର ଦୂରରେ ଏହି ଘଟଣା ଘଟିଛି। ମାଓବାଦୀମାନେ ଏପରି ହିଂସାକାଣ୍ଡ ଘଟାଇଛନ୍ତି। ଏବେ ସୀମାନ୍ତରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ସେ ସୂଚନା ଦେଇଛନ୍ତି।

# ୧୧୫ ବର୍ଷ ହେବ ବନ୍ଦ ରହିଛି ରଘୁନାଥ ବେଶ

ପୁରୀ ଅଫିସ, ୨।୧୦



ମହାପ୍ରଭୁଙ୍କ ରଘୁନାଥ ବେଶ।

ମହାପ୍ରଭୁଙ୍କ ବିଭିନ୍ନ ବେଶ ମଧ୍ୟରେ ନାଗାର୍ଜୁନ ଓ ରଘୁନାଥ ବେଶ୍ ଅତ୍ୟନ୍ତ ଦୁର୍ଲ୍ଲଭ ଏବଂ ମନୋମୁଗ୍ଧକର। ପରମ୍ପରା ମୁତାବକ ତିଥି ଅନୁସାରେ ଶ୍ରୀମନ୍ଦିରରେ ନାଗାର୍ଜୁନ ବେଶ ଅନୁଷ୍ଠିତ ହୋଇଆସୁଛି। ହେଲେ ରଘୁନାଥ ବେଶ ହେଉନାହିଁ। ତଥ୍ୟ ଅନୁସାରେ ଦୀର୍ଘ ୧୧୫ ବର୍ଷ ହେବ ଶ୍ରୀମନ୍ଦିରରେ ରଘୁନାଥ ବେଶ ବନ୍ଦ ରହିଛି। ରତ୍ନସିଂହାସନରେ ଶ୍ରଦ୍ଧାଳୁମାନେ ଏହି ରମଣୀୟ ବେଶ ଦେଖିପାରୁ ନାହାନ୍ତି।

ଗବେଷକ ଡ. ନରେଶ ଚନ୍ଦ୍ର ଦାଶଙ୍କ ସୂଚନା ଅନୁଯାୟୀ, ମୋଟ ୯ଥର ମହାପ୍ରଭୁ ରଘୁନାଥ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଶେଷଥର ପାଇଁ ୧୯୦୫ ଏପ୍ରିଲ ୨୬ ଗୁରୁବାର ଏହି ବେଶ କରାଯାଇଥିଲା। ଏହା ପୂର୍ବରୁ ୧୫୭୭, ୧୭୩୯, ୧୮୦୯, ୧୮୩୩, ୧୮୪୨, ୧୮୫୦, ୧୮୯୩ ଓ ୧୮୯୬ରେ ଏହି ବେଶ ହୋଇଥିଲା। ରଘୁନାଥ ବେଶର ପ୍ରବର୍ତ୍ତକ ରାମାନନ୍ଦାଚାର୍ଯ୍ୟ ବୋଲି କୁହାଯାଏ। ରାମ ଜନ୍ମତିଥି ପୁଷ୍ୟା ନକ୍ଷତ୍ରଯୁକ୍ତ ହୋଇଥିଲେ ମହାପ୍ରଭୁଙ୍କର ଏହି ବେଶ କରାଯାଇଥାଏ। ସେହିପରି ପରମ୍ପରା ଅନୁଯାୟୀ ବୈଶାଖ ମାସରେ ଯେଉଁଦିନ ପ୍ରଭୁ ରାମଚନ୍ଦ୍ରଙ୍କ ଅଭିଷେକ ଉତ୍ସବ ପଡ଼େ ସେହି ତିଥିରେ ଶ୍ରୀମନ୍ଦିରରେ ରଘୁନାଥ ବେଶ କରାଯାଏ। କିନ୍ତୁ ୧୯୦୫ ପରେ ଅନେକ ଥର ଏହି ତିଥି ଆସିଥିଲେ ମଧ୍ୟ ମହାପ୍ରଭୁଙ୍କ ରଘୁନାଥ ବେଶ କରାଯାଇ ନାହିଁ।

ଏହି ବେଶରେ ଶ୍ରୀଜଗନ୍ନାଥ ରାମ ରୂପରେ ହସ୍ତପଦ ଯୁକ୍ତ ହୋଇଥାନ୍ତି। ବାମ ପାଦ ସିଂହାସନ ଉପରେ ଓ ଦକ୍ଷିଣ ପାଦ ତଳକୁ ଲମ୍ବି ରହିଥାଏ। ଧନୁଶର ଧାରଣ ସହ ସିଂହାସନରେ ବୀରାସନରେ ବସିଥାନ୍ତି। ବଡ଼ଠାକୁର ବଳଭଦ୍ର ଲକ୍ଷ୍ମଣ ରୂପେ ଧନୁପାଦ ଛନ୍ଦରେ ଦଣ୍ଡାୟମାନ ହୋଇ ହସ୍ତପଦଯୁକ୍ତ ହୋଇଥାନ୍ତି। ଦୁଇହସ୍ତରେ ଜଗନ୍ନାଥଙ୍କ ମସ୍ତକକୁ ଲମ୍ବିଯାଇଥିବା ଛତ୍ରକୁ ଧରିଥାନ୍ତି। ଜଗନ୍ନାଥ (ରାମ)ଙ୍କ ବାମ ପାର୍ଶ୍ୱରେ ଶତ୍ରୁଘ୍ନ, ଭରତ, ବଳଭଦ୍ର (ଲକ୍ଷ୍ମଣ)ଙ୍କ ଦକ୍ଷିଣରେ ବ୍ରହ୍ମା, ବଶିଷ୍ଠ ଆଦି ଋଷିଗଣ ଦଣ୍ଡାୟମାନ ହୋଇଥାନ୍ତି। ଅଙ୍ଗଦ, ଜାମ୍ବବାନ, ହନୁମାନ, ନଳ, ନୀଳ, ସୁଗ୍ରୀବ, ସୁଶେଣ ପ୍ରମୁଖ କରଯୋଡ଼ି ରହିଥାନ୍ତି। ଏହି ବେଶ ଅବିକଳ ରାଜା ରାମଚନ୍ଦ୍ରଙ୍କ ଦରବାର ଭଳି ପ୍ରତୀୟମାନ ହୋଇଥାଏ। ସାଧାରଣତଃ ଏହି ବେଶକୁ ଭୂଷଣ ଶୃଙ୍ଗାର ରୂପେ ଅଭିହିତ କରାଯାଇଥାଏ। ଅତୀତରେ ପ୍ରଭୁ ରାମଚନ୍ଦ୍ରଙ୍କ ଅଭିଷେକ ଉତ୍ସବ ସ୍ମରଣରେ ଏହି ବର୍ଣ୍ଣାଢ୍ୟ ବେଶର ଆୟୋଜନ ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଠାକୁର ବଳଭଦ୍ର ଓ ଦେବୀ ସୁଭଦ୍ରା ବିଭିନ୍ନ ରତ୍ନଅଳଙ୍କାର ପରିଧାନପୂର୍ବକ ରାଜକୀୟ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଏହି ବେଶ ସମୟରେ ରତ୍ନସିଂହାସନଠାରୁ କଳାହାଟ ଦ୍ୱାର ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ କାଠ ପଟା ଦ୍ୱାରା ଏକ ମଞ୍ଚ ସଦୃଶ ସିଂହାସନ ନିର୍ମାଣ କରାଯାଇଥାଏ।

ତେବେ ପରିତାପର ବିଷୟ, ୧୧୫ ବର୍ଷ ହେବ ଶ୍ରୀମନ୍ଦିରରେ ଏହି ବେଶ ବନ୍ଦ ରହିଛି। କାହିଁକି ଏହା କରାଯାଉ ନାହିଁ ତାହାର ଉତ୍ତର କାହା ପାଖରେ ନାହିଁ। ଅନ୍ୟପକ୍ଷରେ ତିଥି ଅନୁସାରେ ନାଗାର୍ଜୁନ ବେଶ କରାଯାଉଛି। ଆସନ୍ତା ନଭେମ୍ବର ୨୭ରେ ନାଗାର୍ଜୁନ ବେଶ ହେବ। ଯଦି ରଘୁନାଥ ବେଶ ହୁଏ ତା'ହେଲେ ଦେଖିବା ପାଇଁ ନାଗାର୍ଜୁନ ବେଶଠାରୁ ଦ୍ୱିଗୁଣିତ ଭକ୍ତଙ୍କ ଭିଡ଼ ଜମିବ। ଯାହାକୁ ନିୟନ୍ତ୍ରଣ କରିବା ସହଜ ହେବ ନାହିଁ। ତେଣୁ କାଦୁଅରେ ପଶିବା କାହିଁକି, ଗୋଡ଼ ଧୋଇବା କାହିଁକି ନୀତିରେ ଏହି ବେଶକୁ ଅଣଦେଖା କରାଯାଉଛି ବୋଲି ଭକ୍ତ ମହଲରେ ଆଲୋଚନା ହେଉଛି। ଭକ୍ତ ଦିଲୀପ ବରାଳ କହିଛନ୍ତି,

### ଇଚ୍ଛାଶକ୍ତିର ଅଭାବକୁ ଦାୟୀ କଲେ ଶ୍ରଦ୍ଧାଳୁ

ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ପାଇଁ ଭୂମିପୂଜା ସରିଛି। ଖୁବ୍ଶୀଘ୍ର ମନ୍ଦିର ନିର୍ମାଣ ହେବ। ଏଥିପାଇଁ ଦେଶବ୍ୟାପୀ ଲୋକଙ୍କ ମଧ୍ୟରେ ଅଭୂତପୂର୍ବ ଆଗ୍ରହ ଦେଖିବାକୁ ମିଳିଛି। ଓଡ଼ିଶାରେ ମଧ୍ୟ ଏ ନେଇ ଆଗ୍ରହ ତଥା ଆନନ୍ଦ କିଛି କମ୍ ନାହିଁ। ମାତ୍ର ଦୁର୍ଭାଗ୍ୟର ବିଷୟ ମହାପ୍ରଭୁଙ୍କ ରଘୁନାଥ ବେଶ ପାଇଁ ସେହିଭଳି ଆଗ୍ରହ ଓ ଇଚ୍ଛାଶକ୍ତି ପ୍ରକାଶ ନ ପାଇବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ସେହିପରି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ରାମାୟଣର ସପ୍ତବୀର (ହନୁମାନ, ସୁଗ୍ରୀବ, ଜାମ୍ବବାନ, ଅଙ୍ଗଦ, ନଳ, ନୀଳ, ସୁଶେଣ) ଶ୍ରୀମନ୍ଦିର ଉପାସନା ସହ ଆଜି ବି ସମ୍ପୃକ୍ତ। ଏମାନେ ରଘୁନାଥ ବେଶରେ ସ୍ଥାନିତ ହୁଅନ୍ତି। ଏହା ଏକ ପ୍ରାଚୀନ ରାମାୟଣକାଳୀନ ଐତିହ୍ୟ। ଏହି ବେଶ ଆୟୋଜନ ପାଇଁ ଦୃଢ଼ନିଷ୍ଠା ଆବଶ୍ୟକ। ରାଜ୍ୟ ସରକାର ଚାହିଁଲେ ଏହା ଅସମ୍ଭବ ନୁହେଁ। ମହାମାରୀ କରୋନା ପ୍ରକୋପ ଚାଲିଗଲା ପରେ ଏ ନେଇ ଚିନ୍ତନ ହେବା ଦରକାର। ଆଗାମୀ ଦିନରେ ରଘୁନାଥ ବେଶ କରାଗଲେ ଏହା ରାଜ୍ୟର ଗୌରବ ବୃଦ୍ଧି କରିବ।

ଏ ସମ୍ପର୍କରେ ଶ୍ରୀମନ୍ଦିର ନୀତିପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ଶହେରୁ ଊର୍ଦ୍ଧ୍ୱ ବର୍ଷ ହେବ ଏହି ବେଶ ହୋଇନାହିଁ। ଏବେ ଏହି ବେଶ ସଂକ୍ରାନ୍ତରେ କୌଣସି ଆଲୋଚନା କରାଯାଇ ନାହିଁ । ତେଣୁ ଏ ନେଇ ସେ ଅଧିକ କିଛି କହିପାରିବେ ନାହିଁ।

# ୧୪.୮୩ଲକ୍ଷ ଅଙ୍ଗନୱାଡ଼ି ଶିଶୁଙ୍କୁ ନୂତନ ୟୁନିଫର୍ମ



ଭୁବନେଶ୍ୱର, ୨।୧୦(ବ୍ୟୁରୋ)

ଗାନ୍ଧୀ ଜୟନ୍ତୀ ଅବସରରେ ଶୁକ୍ରବାର ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଅଙ୍ଗନୱାଡ଼ିରେ ପ୍ରାକ୍-ବିଦ୍ୟାଳୟ ଶିକ୍ଷାଲାଭ କରୁଥିବା ଶିଶୁମାନଙ୍କୁ ଚଳିତ ବର୍ଷ ପାଇଁ ଦୁଇଯୋଡ଼ା ନୂତନ ୟୁନିଫର୍ମ ବିତରଣ କରାଯାଇଛି। ରାଜ୍ୟ ସରକାରଙ୍କ 'ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା' ଅଧୀନରେ ଅଙ୍ଗନୱାଡ଼ି କେନ୍ଦ୍ରରେ ଶିକ୍ଷାଲାଭ ପାଇଁ ଆସୁଥିବା ୩ରୁ ୬ ବର୍ଷ ବୟସର ଶିଶୁମାନଙ୍କୁ ଏହି ୟୁନିଫର୍ମ ବଣ୍ଟନ କରାଯାଉଛି। ଚଳିତବର୍ଷ ଏହି ଯୋଜନାରେ ଏଯାବତ୍ ରାଜ୍ୟର ୧୪.୮୩ ଲକ୍ଷ ଶିଶୁ ଉପକୃତ ହୋଇଛନ୍ତି। ଶିଶୁମାନଙ୍କ ପାଇଁ ନିର୍ଦ୍ଧାରିତ ନୀଳ ରଙ୍ଗର ପ୍ୟାଣ୍ଟ ଏବଂ ଗୋଲାପି ରଙ୍ଗର ଶାର୍ଟ ପ୍ରଦାନ କରାଯାଇଛି। ରାଜ୍ୟର ୬୧,୦୪୦ଟି ଅଙ୍ଗନୱାଡି କେନ୍ଦ୍ରରେ ଏହି ପୋଷାକ ବିତରଣ କରାଯାଇଛି। ଏହି ପୋଷାକ ତିଆରି ପାଇଁ ସାରା ରାଜ୍ୟରେ ୧୩୪୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନିୟୋଜିତ କରାଯାଇଥିଲା। ଶୁକ୍ରବାର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ଗାନ୍ଧୀ ଜୟନ୍ତୀ ପାଳନ ହେବା ସହ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଜନପ୍ରତିନିଧି, ପଞ୍ଚାୟତିରାଜ ଅନୁଷ୍ଠାନର ସଦସ୍ୟ, ବିଶିଷ୍ଟ ବ୍ୟକ୍ତି, ମାତୃ କମିଟି ଓ ଯାଞ୍ଚ କମିଟିର ସଦସ୍ୟଗଣ, ମାତାପିତା, ଜେଜେମା, ଜେଜେବାପା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗଦେଇଥିଲେ।

# ଆଶ୍ରମରେ ଭୋଗ ଖାଉଛନ୍ତି ୬ ଭାଲୁ



ଦୁଇଟି ଭାଲୁ ରାସ୍ତା ପାର ହେଉଛନ୍ତି।

ପାପଡ଼ାହାଣ୍ଡି, ୨।୧୦(ଡି.ଏନ୍.ଏ.)

- ଦୈନିକ ସନ୍ଧ୍ୟାରେ ଆସୁଛନ୍ତି
- ରାତିରେ ଜଙ୍ଗଲକୁ ଫେରିଯାଉଛନ୍ତି
- ବାବାଙ୍କ ସ୍ନେହ ଡୋରିରେ ହୋଇଛନ୍ତି ବାନ୍ଧି

ହିଂସ୍ର ଜନ୍ତୁ ବି ବାନ୍ଧି ହୋଇପାରନ୍ତି ମମତାର ଡୋରିରେ। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ କୋଡିଙ୍ଗା ରେଞ୍ଜ ବାସିନୀ ଗାଁରେ ଥିବା ବାବା ଗଙ୍ଗାଧରଙ୍କ ଆଶ୍ରମରେ ଦୈନିକ ଦେଖିବାକୁ ମିଳୁଛି ଏପରି ଚିତ୍ର। ନିକଟସ୍ଥ ଜଙ୍ଗଲରୁ ୬ଟି ଭାଲୁ ଭୋଗ ଖାଇବାକୁ ସବୁଦିନ ସନ୍ଧ୍ୟାରେ ଆଶ୍ରମକୁ ଆସି ପୁଣି ରାତିରେ ଫେରିଯାଉଛନ୍ତି। ଆଶ୍ଚର୍ଯ୍ୟର କଥା ହେଲା ଏହି ଦୃଶ୍ୟ ଦେଖିବାକୁ ଶହ ଶହ ଲୋକ ଜମା ହେଉଥିଲେ ବି ଭାଲୁମାନେ କାହାକୁ ଆକ୍ରମଣ କରୁନାହାନ୍ତି।

ପ୍ରକାଶ ଯେ, ବାସିନୀ ଗାଁରେ ଅଲେଖ ବାବା ଗଙ୍ଗାଧରଙ୍କ ଆଶ୍ରମ ରହିଛି। କିଛି ମାସ ତଳେ ଏକ ଭାଲୁ ଆଶ୍ରମ ପରିସରକୁ ପଶି ଆସିଥିଲା। ଭୟ ନ କରି ବାବା ତାକୁ ଭୋଗ ଖାଇବାକୁ ଦେଇଥିଲେ। ରାତିରେ ଭାଲୁଟି ଜଙ୍ଗଲକୁ ଫେରିଯାଇଥିଲେ ହେଁ ପରଦିନ ସନ୍ଧ୍ୟାରେ ପୁଣି ଭୋଗ ଖାଇବାକୁ ଆସିଥିଲା। ସେବେଠାରୁ ଏହା ନିତିଦିନିଆ ଘଟଣା ହୋଇଯାଇଥିଲା। କିନ୍ତୁ ବଡ଼ କଥା ହେଲା ଭୋଗ ଖାଉଥିବା ଭାଲୁଙ୍କ ସଂଖ୍ୟା ଏବେ ୧ରୁ ବଢ଼ି ୬ରେ ପହଞ୍ଚିଯାଇଛି। ଦୈନିକ ସନ୍ଧ୍ୟାରେ ୬ଟି ଭାଲୁ ଆଶ୍ରମକୁ ଆସି ଭୋଗ ଖାଉଛନ୍ତି। ବାବା ମଧ୍ୟ ନିଜ ଅର୍ଥ ସହ ଶ୍ରଦ୍ଧାଳୁଙ୍କ ଦକ୍ଷିଣାକୁ ମିଶାଇ ୫୦ କେ.ଜି. ଚୁଡ଼ା ଓ ଗୁଡ଼ କିଣି ପ୍ରତିମାସରେ ଏହି ଭାଲୁଙ୍କୁ ଖାଇବାକୁ ଦେଉଛନ୍ତି। ଅପରାହ୍ନ ୪ଟା ହେଲେ ବାବାଙ୍କ ଆଶ୍ରମ ନିକଟରେ ଭାଲୁମାନଙ୍କୁ ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି। ଭାଲୁମାନେ ଆଦୌ ହିଂସ୍ର ଜନ୍ତୁଙ୍କ ପରି ଆଚରଣ କରୁ ନ ଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

# ବିଧାନସଭା ପରିସରରେ ଗାନ୍ଧୀ ଜୟନ୍ତୀ

ଭୁବନେଶ୍ୱର,୨।୧୦(ବ୍ୟୁରୋ)

ବିଧାନସଭା ପରିସରରେ ମହାତ୍ମା ଗାନ୍ଧୀଙ୍କ ୧୫୧ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି ଅବସରରେ ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, ବିଧାୟକ ପ୍ରଫୁଲ୍ଲ ସାମଲ, ବିଧାନସଭା ସଚିବ ଦାଶରଥୀ ଶତପଥୀ ମଧ୍ୟ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ସେହିପରି ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା। ସକାଳେ ପିସିସି ପକ୍ଷରୁ ଚନ୍ଦ୍ରଶେଖରପୁର ନାଲ୍କୋ ଛକସ୍ଥିତ ଗାନ୍ଧୀ ପାର୍କଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ପିସିସି କାର୍ଯ୍ୟାଳୟଠାରେ ଗାନ୍ଧୀ ଓ ଶାସ୍ତ୍ରିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା।

# 'ଖଣି ବିସ୍ଥାପିତଙ୍କୁ ଉଚିତ କ୍ଷତିପୂରଣ ମିଳୁ'

ଭୁବନେଶ୍ୱର,୨।୧୦(ବ୍ୟୁରୋ)

ସୁନ୍ଦରଗଡ଼ ଜିଲାରେ ଓଡ଼ିଶା କୋଲ୍ ପାୱାର ଲିମିଟେଡ୍ (ଓସିପିଏଲ୍) କୋଇଲା ଖଣି ସମ୍ପ୍ରସାରଣ ଲାଗି ଜମି ଅଧିଗ୍ରହଣ କରୁଛି। ଏହି କାର୍ଯ୍ୟ ପାଇଁ ଜମି ହରାଉଥିବା ଲୋକଙ୍କୁ ୨୦୧୩ର ଥଇଥାନ ଓ ପୁନର୍ବାସ ଆଇନ ଅନୁଯାୟୀ କ୍ଷତିପୂରଣ ପ୍ରଦାନ ସହ ଜୀବନ ଜୀବିକା ପ୍ରତି ଧ୍ୟାନଦେବା ଲାଗି ବିଧାୟିକା କୁସୁମ ଟେଟେ ଦାବି କରିଛନ୍ତି। ଏ ପ୍ରସଙ୍ଗରେ କୁସୁମ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପ୍ରମୁଖ ସଚିବଙ୍କୁ ପତ୍ର ଲେଖି ଜଣାଇଛନ୍ତି। କୁସୁମ ଦର୍ଶାଇଛନ୍ତି ଯେ, ହେମଗିର ବ୍ଲକ୍ରେ ସରକାର କୋଇଲା ଖଣି ସମ୍ପ୍ରସାରଣ ପାଇଁ ପଦକ୍ଷେପ ଗ୍ରହଣ କରୁଥିବାବେଳେ ଜମି ହରାଉଥିବା ମାଲିକଙ୍କୁ ସ୍ୱଚ୍ଛ ଉପାୟରେ କ୍ଷତିପୂରଣ ପ୍ରଦାନ କରାଯିବା ଆବଶ୍ୟକ। ଲୋକଙ୍କ ଜୀବନ ଜୀବିକା ନେଇ ହୋଇଥିବା ସାମାଜିକ ସର୍ବେକ୍ଷଣରେ ସଂଗ୍ରହ କରାଯାଇଥିବା ସୂଚନାର ପୁନର୍ବିଚାର ଲାଗି ସେ କହିଛନ୍ତି। ଠିକଣା ସୂଚନା ସଂଗ୍ରହ କରାଗଲେ ଲୋକଙ୍କ ଅଧିକାରକୁ ଅଣଦେଖା କରାଯାଇପାରିବ ନାହିଁ ଏବଂ ସେମାନେ କ୍ଷତିପୂରଣ ପାଇପାରିବେ। କେବଳ ଏହି କୋଇଲା ଖଣି ନୁହେଁ, ବିଭିନ୍ନ କମ୍ପାନୀର ଜମି ଅଧିଗ୍ରହଣ ସମୟରେ ଲୋକେ ଆଇନ ମୁତାବକ କ୍ଷତିପୂରଣ ପାଉ ନ ଥିବା ଅଭିଯୋଗ ସାମ୍ନାକୁ ଆସୁଥିବା ବିଧାୟିକା କହିଛନ୍ତି।

# ବିଜେଡିର ଜନସଚେତନତା ଅଭିଯାନ ଆରମ୍ଭ

### ମାସ୍କ ବଣ୍ଟନ ସହ ସାମାଜିକ ଦୂରତାର ବାର୍ତ୍ତା ବାଣ୍ଟିଲେ ନେତା

ଭୁବନେଶ୍ୱର, ୨।୧୦(ବ୍ୟୁରୋ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳ ପକ୍ଷରୁ ରାଜ୍ୟବ୍ୟାପୀ କରୋନା ସଚେତନତା କାର୍ଯ୍ୟକ୍ରମ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଛି। ଏହା ମାସେବ୍ୟାପୀ ଚାଲିବ। ପ୍ରତ୍ୟେକ ପଞ୍ଚାୟତସ୍ତରରେ ଲୋକଙ୍କୁ ମାସ୍କ ବାଣ୍ଟି କାର୍ଯ୍ୟକ୍ରମ ପାଳିବାକୁ ମୁଖ୍ୟମନ୍ତ୍ରୀ ବିଧାୟକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦଳର ଭୁବନେଶ୍ୱର ଜିଲା ସଭାପତି ସୁଶାନ୍ତ ରାଉତଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟାଳୟଠାରେ ଜନ ସଚେତନତା ଅଭିଯାନ ଓ ମାସ୍କ ବଣ୍ଟନ କରାଯାଇଛି। ସାମାଜିକ ଦୂରତା ରକ୍ଷା କରିବା ଲାଗି ଶପଥ ନେବା ସହିତ ପ୍ରତ୍ୟେକ ୱାର୍ଡ ଓ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ପାଇଁ ଦଳୀୟ ନେତା ବାର୍ତ୍ତା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଦଳର ଯୁବ ଓ ଛାତ୍ର ସଭାପତି ପ୍ରମୁଖ ଯୋଗଦେଇଛନ୍ତି। ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ଝରଣା ବସ୍ତି, ତମସାହି ବସ୍ତି, ଗାନ୍ଧୀବସ୍ତି ଠାରେ ମାସ୍କ ବଣ୍ଟନ କରାଯାଇଛି। ସେହିପରି ବିଧାୟକ ସୁଶାନ୍ତ ରାଉତଙ୍କ ଆହ୍ୱାନକ୍ରମେ ତାଙ୍କ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ ଓ ୱାର୍ଡର କର୍ମୀମାନେ ଜନସଚେତନତା ଅଭିଯାନ କରିବା ସାଙ୍ଗକୁ ମାସ୍କ ବଣ୍ଟନ କରିଛନ୍ତି।



ଭୁବନେଶ୍ୱର ବିଜେଡି କାର୍ଯ୍ୟାଳୟରେ ଶୁକ୍ରବାର ଗାନ୍ଧୀ ଜୟନ୍ତୀ ଅବସରରେ ମହାତ୍ମା ଗାନ୍ଧୀଙ୍କୁ ନେତା ଓ କର୍ମୀମାନେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

# ଆନ୍ତଃ ଜିଲା ବାଇକ୍ ଚୋରି ଗ୍ୟାଙ୍ଗର ୫ ଗିରଫ

ଖୋର୍ଦ୍ଧା ଅଫିସ,୨।୧୦



- ୧୯ ବାଇକ୍, ଗୋଟିଏ କାର୍ ଜବତ
- ସିସିଟିଭି ଯାଞ୍ଚରୁ ଧରାପଡ଼ିଲା

ଖୋର୍ଦ୍ଧା ଟାଉନ ଥାନା ପୋଲିସ ଶୁକ୍ରବାର ଏକ ଆନ୍ତଃ ଜିଲା ବାଇକ୍ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି। ଏହି ଗ୍ୟାଙ୍ଗର ୫ସଦସ୍ୟଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧୯ଟି ବାଇକ୍ ଓ ଗୋଟିଏ କାର୍ ଜବତ କରିଛି। ଅଭିଯୁକ୍ତମାନେ ହେଲେ ନୟାଗଡ଼ ଜିଲା ରଣପୁର ଥାନା ଅଧୀନ ରାଜସୁନାଖଳା ଉପର ବଜାରର ଅନିଲ ସାହୁ(୨୧), ଖୋର୍ଦ୍ଧା ବୋଲଗଡ଼ ଥାନା ରାଜସୁନାଖଳାର ଜିତେଶ କୁମାର ସାହୁ ଓରଫ ଜ୍ଞାନ (୨୨), ଅଭିରାମ ସାହୁ ଓରଫ ନଟିଆ (୨୨), ତବିର ଖାନ(୨୯) ଏବଂ ଡିହଖୁରୁଣିର ଅଭିଜିତ ବରାଳ(୧୯)। ଏମାନଙ୍କ ନାମରେ ଟାଉନ ଥାନାରେ ୬ଟି ମାମଲା ଏବଂ ଭୁବନେଶ୍ୱର ଇନଫୋସିଟି ଥାନାରେ ୨ଟି ମାମଲା ରହିଛି। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି।

ଏସ୍ପି ସ୍ୱାଇଁଙ୍କ ସୂଚନା ଅନୁଯାୟୀ, କରୋନା ଯୋଗୁ ଖୋର୍ଦ୍ଧାରେ ଲକ୍ଡାଉନ ନିୟମ ରହିଥିଲା। ଏହି ସମୟରେ ଏକାଧିକ ବାଇକ୍ ଚୋରି ନେଇ ଅଭିଯୋଗ ହୋଇଥିଲା। ଏହି ଗ୍ୟାଙ୍ଗକୁ ଧରିବା ଲାଗି ସଦର ଏସ୍ଡିଏପିଓ ସୁଶିଲ କୁମାର ମିଶ୍ର, ଟାଉନ ଥାନା ଅଧିକାରୀ ଉମାଶଙ୍କର ସିଂଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏକ ଦୋକାନ ଆଗରେ ଲାଗିଥିବା ସିସିଟିଭି ଯାଞ୍ଚ ବେଳେ ଏକ ଲୁଟେରା ଗ୍ୟାଙ୍ଗ ସମ୍ପର୍କରେ ଜଣାପଡିଥିଲା। ଏକ କାରରେ ୪ଜଣ ରାତିରେ ଆସି ସହରରେ ବୁଲି ଯାଉଥିଲେ। ତା' ପରଦିନ ସେହି ସ୍ଥାନରୁ ବାଇକ୍ ଚୋରି ହେଉଥିବା ନେଇ ଜଣାପଡିବା ପରେ ସନ୍ଦେହ ସୃଷ୍ଟି ହୋଇଥିଲା। ସେମାନଙ୍କ ମଧ୍ୟରୁ ଦୁଇଜଣ କାରରେ ରହୁଥିବା ବେଳେ ଅନ୍ୟ ଦୁଇଜଣ ବାଇକ୍ ଚୋରି କରି ଫେରାର ହୋଇଯାଉଥିବା ଜଣାପଡିଥିଲା। ଏହି ଗ୍ୟାଙ୍ଗର ଜଣେ ସଦସ୍ୟ ଧରାପଡ଼ିବା ପରେ ତାଙ୍କୁ ପଚରାଉଚୁରା ବେଳେ ସମସ୍ତ ବାଇକ୍ ଚୋରି ସମ୍ପର୍କରେ କହିଥିଲା। ଅଭିଯୁକ୍ତମାନେ ଖୋର୍ଦ୍ଧା ସମେତ ଭୁବନେଶ୍ୱର, ନୟାଗଡ଼ ଏବଂ ଫୁଲବାଣୀରୁ ଏକାଧିକ ବାଇକ୍ ଚୋରି କରିଥିବା ସ୍ୱୀକାର କରିଛନ୍ତି। ଚୋରି ବାଇକ୍ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ ଲାଗି ଭୁବନେଶ୍ୱର, ଫୁଲବାଣୀ ଏବଂ ନୟାଗଡ଼ ପୋଲିସକୁ ଖବର ଦିଆଯାଇଛି ବୋଲି ଏସ୍ପି କହିଛନ୍ତି।

ମନେ ପଡ଼ନ୍ତି

ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ ପ୍ରଧାନଙ୍କ
ପତ୍ନୀ ମନୋରମାଙ୍କ
ଏକାଦଶାହରେ
ଶ୍ରଦ୍ଧାଞ୍ଜଳି



ତିରୋଧାନ : ୨୩.୦୯.୨୦୨୦
"ମା" ପରି "ମା" ଥିଲେ ମନୋରମା
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଡିହସାହି ଗ୍ରାମବାସୀ ବୃନ୍ଦ
ଗତିରାଉତପାଟଣା
**********************
ଡ଼ଃ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର
ସଭାପତି
ଡଃ ବଦ୍ରୀନାଥ ପଟ୍ଟନାୟକ
କାର୍ଯ୍ୟକାରୀ ସଭାପତି
ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର
ମ୍ୟାନେଜିଂ ଟ୍ରଷ୍ଟି
ମହାତ୍ମା ଗାନ୍ଧୀ ଅହିଂସା
ଐତିହ୍ୟ ପ୍ରତିଷ୍ଠାନ
ଧ-୧୮୪୭୩

ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ ପ୍ରଧାନଙ୍କ
ପତ୍ନୀ ମନୋରମାଙ୍କ
ଏକାଦଶାହରେ
ଶ୍ରଦ୍ଧାଞ୍ଜଳି



ତିରୋଧାନ : ୨୩.୦୯.୨୦୨୦
ବୋଉ, ତୋତେ ଆମେ ଝୁରୁଛୁ।
ଦେବରାଜ, ଅମ୍ବିକା, ପୁଷ୍କରାଜ, ପୁଷ୍ପାଞ୍ଜଳୀ, ପୃଥ୍ୱୀରାଜ, ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ, ଅରିନ୍ଦମ୍, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ଧ-୧୮୪୭୪

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ମୀନାକ୍ଷୀ ବେହେରା
ପରକରଣ ସାହି, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୧୨।୦୩।୧୯୪୬
ତିରୋଧାନ: ୨୩।୦୯।୨୦୨୦
ତୁମ ଅମର ଆତ୍ମାର ସଦ୍ଗତି ଓ ଚିରଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର-ପୁତ୍ରବଧୂ: ମନୋଜ କୁମାର ବେହେରା, ମାନସୀ ବେହେରା, ଝିଅ-ଜ୍ୱାଇଁ: ମମତାଞ୍ଜଳି, ଲକ୍ଷ୍ମୀକାନ୍ତ: ସବିତାଞ୍ଜଳି, ପ୍ରଫୁଲ୍ଲ: ସୁଜାତା, ଭବାନୀ ଶଙ୍କର: ଗୀତାଞ୍ଜଳି ଦାସ, ଅନିରୁଦ୍ଧ ଦାସ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୯୫୫୮

## ଖିଲିଖିଲି ହସ

ଥରେ ଦୁଇ ଜଣ ସାଙ୍ଗ ଏକ ହୋଟେଲରେ ଖାଉଥାଆନ୍ତି। ପ୍ରଥମ ସାଙ୍ଗ କହିଲା-ଆରେ ଜାଣିଛୁ, ଜୁଆ ଖେଳିଲେ ସର୍ବନାଶ ହୋଇଯିବ। କାରଣ ଯଦି ଆଜି ଜିତିବୁ କାଲି ହାରିବୁ। ତେଣୁ ତୁ ଆଉ ଜୁଆ ଖେଳିବା ଠିକ୍ ନୁହେଁ। ତୁ ମୋ କଥା ରଖିବୁ ନା ! ଦ୍ୱିତୀୟ ସାଙ୍ଗ ଏକଥା ଶୁଣି ହସି ହସି କହିଲା,-ସାଙ୍ଗ, ତୁ ଠିକ୍ କଥା କହିଛୁ। ହେଲେ ମୁଁ ସବୁବେଳେ ବୁଦ୍ଧି ଖଟାଇ କାମ କରେ। ଯଦି ତୁ କହୁଛୁ ଜୁଆ ଖେଳିଲେ ଆଜି ଜିତିବ ହେଲେ କାଲି ହାରିବ, ତେଣୁ ମୁଁ ଦିନେ ଛାଡି ଦିନେ ଜୁଆ ଖେଳିବି।

(ମରାମରି ହେବା ପରେ ସୋନୁ, ମନୁ ମଧ୍ୟରେ କଥାବାର୍ତ୍ତା)

ସୋନୁ : ଆରେ ତୁ କାହିଁକି ମୋତେ ଚଟକଣା ମାରିଲୁ ? ଯଦି ମାରିଲୁ, ତେବେ ରାଗିକରି ମାରିଲୁ ନା ମଜାକ୍‌ରେ ମାରିଲୁ ?

ମନୁ : ମୁଁ ତୋତେ ରାଗିକରି ମାରିଲି। କାହିଁକି କ'ଣ ହେଲା କି ?

ସୋନୁ : ସାଙ୍ଗ ! କଥା କ'ଣ କି ମୋତେ ମଜାକ୍ ସବୁବେଳେ ଭଲ ଲାଗେନା।

# ବାବୁଲା ହେବନି ଚଗଲା

ଗପ



ବାବୁଲା ବହୁତ ଦୁଷ୍ଟ। ପାଠ ପଢାରେ ଆଦୌ ମନ ନ ଥାଏ। ସାଙ୍ଗମାନଙ୍କ ସହିତ ମିଶି ଯେତିକ ଦୁଷ୍ଟାମି କାମରେ ତା'ର ସବୁବେଳେ ମନ। ସ୍କୁଲ ଯିବା ବହାନାରେ କାହା ବାଡିରୁ ଆମ୍ବ ତ କାହା ବାଡିରୁ କାକୁଡି ଚୋରି କରେ । ବାପା ମା' ଅନ୍ୟ ଗୁରୁଜନ ଯିଏ ଯେତେ କହିଲେ ବି କିଛି ପ୍ରଭାବ ପଡେନି ତା' ଉପରେ। ସେଦିନ ତାଙ୍କ ଘରକୁ ଆସି ମାଗ ସାର୍ କେତେ କ'ଣ ଶୁଣାଇଲେ ତା' ବାପାଙ୍କୁ। ବାବୁଲା ଭଳି ଚଗଲା ପିଲା ସ୍କୁଲ୍‌ରେ ଆଉ କେହି ନାହାନ୍ତି ବୋଲି ରୋକଠୋକ କହିଲେ। ଏଥର ପରୀକ୍ଷାରେ ସବୁ ବିଷୟରେ ଶୂନ ପାଇଛି ବୋଲି କହି ରାଗେ ଗରଗର ହୋଇ ଚାଲିଗଲେ।

ଥରେ ବାବୁଲା ଓ ତା' ସାଙ୍ଗ ରଘୁଆ ଦୁହେଁ ମିଶି ସ୍କୁଲକୁ ଯାଉଥିଲେ। କିଛି ବାଟ ଗଲା ପରେ ବାବୁଲା ଦେଖିଲା ଯେ ଗଛ ମୂଳେ ଅନ୍ଧ ବୁଢାଟାଏ ବସି ଭିକ ମାଗୁଛି । ଯିଏ ଯାହା ଟଙ୍କା ପଇସା ଥାଳିଆରେ ପକାଇ ଦେଇ ନିଜ ନିଜ ବାଟରେ ଚାଲିଯାଉଛନ୍ତି । ବାବୁଲାର ଟିକେ ଲୋଭ ହେଲା ଥାଳିଆରେ ଥିବା ପଇସା ଦେଖି। 'ହେଇ ଦେଖିବେ ରଘୁଆ ! ବୁଢା ଥାଳିଆରେ କେତେ ଟଙ୍କା ଜମା ହୋଇଗଲାଣି। ଆଜି ବଢିଆ ଖର୍ଚ୍ଚ ହେବ। ତୋର ଅଧାକୁ ମୋର ଅଧା।'-ଆଖିରେ ଇଶାରା ଦେଇ ବାବୁଲା ରଘୁକୁ କହିଲା। ବାବୁଲା ବହୁତ ଖୁସି। ଆଜି ଦୀନା ସାହୁ ଦୋକାନରୁ ଗରମ ଗରମ ବରା ସହିତ ଆଳୁକସା ଖିଆହେବ। ବାକି ପଇସାରେ ଗୋଟିଏ ବଲ୍ ବି କିଣାହେବ। ଏମିତି କେତେକଥା ବାବୁଲା ରାସ୍ତା କଡ଼ରେ ଛିଡାହୋଇ ଭାବୁ ଥାଏ । ବାବୁଲା କଥାରେ ତା' ସାଙ୍ଗ ରଘୁଆ ବି ବେଶ୍ ଖୁସି। 'ସାଙ୍ଗ, ଯିବା ଚାଲ୍ । ଆଉ ଡେରି କରିବାନି । କିଏ କୁଆଡେ ତ ନାହାନ୍ତି । ବୁଢା ତ ଅନ୍ଧ । ତାକୁ କିଛି ଦେଖାଯାଉନି । ଚୁପଚାପ ଯିବା ସବୁତକ ଟଙ୍କା ପଇସା ଥାଳିଆରୁ ନେଇ ଆସିବା ।' -ବାବୁଲା ରଘୁଆର କାନ ପାଖରେ ଫୁସଫୁସ ହୋଇ କହିଲା କାଳେ କିଏ ଶୁଣିଦେବ ଭାବି । ରଘୁଆ ବାବୁଲା କଥାରେ ହଁ ମାରିଲା । ଚାରିଆଡକୁ ଟିକିଏ ଚାହିଁ ଦୁଇ ଜଣ ଧୀରେ ଧୀରେ ପାଦ ଚାପିଚାପି ଆଗେଇଲେ ବୁଢା ମଉସା ଅନ୍ଧ ହୋଇଥିବାରୁ ସେ କିଛି ଦେଖିପାରୁ ନ ଥିଲା। ବାବୁଲା ତରବର ହୋଇ ସବୁତକ ପଇସା ଥାଳିଆରୁ ଗୋଟାଇ ନିଜ ପକେଟରେ ଖୁସିରେ ଭର୍ତ୍ତି କଲା। ବାକି କିଛି ପଇସା ନିଜ ବ୍ୟାଗରେ ରଖିଲା। ହଠାତ୍ ବାବୁଲା ଚମକିପଡିଲା। ପଛରୁ କେହି ଜଣେ ଆସି ତା' ହାତ ଧରିପକାଇଲେ। ଚାହିଁ ଦେଖେ ତ ତା' ପଛରେ ମାଗ ସାର୍ ଛିଡା ହୋଇଛନ୍ତି ହାତରେ ଛାଟଟିଏ ଧରି । କେତେବେଳୁ କିଛି ଦୂରରେ ଥିବା ଗୋଟିଏ ବଡ ବରଗଛ ପଛରେ ଲୁଚି ମାଗ ସାର ଏସବୁ ଲକ୍ଷ୍ୟ କରୁଥିଲେ। ବାବୁଲାର ଚଗଲାମି ଦେଖି ସେ ସେଇଠି ଟିକିଏ ଅଟକି ଯାଇଥିଲେ। ରଘୁଆ କିଛି ଦୂରରେ ଥିବାରୁ ସାର୍‌ଙ୍କୁ ଦେଖି ଏକ ନିଃଶ୍ୱାସରେ ଦୌଡି ଚାଲିଗଲା। ବାବୁଲା ବିଚରା ଧରାପଡିଗଲା।

ବରଡାପତ୍ର ପରି ଗୋଟାପଣ ଥରୁଥାଏ ବାବୁଲା। କ'ଣ କହିବ କିଛି ଜାଣିପାରୁ ନ ଥାଏ ସେ। ସାର୍‌ଙ୍କ ମୁହଁକୁ ଆଦୌ ଚାହିଁ ବି ପାରୁ ନ ଥାଏ। ତଳକୁ ଚାହିଁ କ'ଣ କ'ଣ ଭାବୁଥାଏ। ଏହି ସମୟରେ ଗୋଟିଏ ଶକ୍ତ ଚାପୁଡା ତା' ଗାଲରେ ବାଜିଲା।

ଭେଁ କରି ରଡି ଛାଡିଲା ବାବୁଲା । ତା' ଦୁଇ ଆଖିରୁ ଯେମିତି ପୁଳାଏ ଜୁଳୁଜୁଳିଆ ପୋକ ବାହାରିଗଲେ । 'ବଦମାସ ଟୋକା। ତୋର ଏତେ ସାହସ ଗୋଟିଏ ଅନ୍ଧା ବୁଢାର ପଇସା ଚୋରିକରୁଛୁ ? ଛି..ଛି...ଛି... । ତୋତେ ଟିକିଏ ଲାଜ ଲାଗୁନି ? ପାଠ ନାହିଁ କି ଶାଠ ବି ନାହିଁ !' -ଚିତ୍କାର ଶୁଭିଲା ମାଗ ସାର୍‌ଙ୍କର ।। 'ଚାଲ୍ ତୋ ବାପା ପାଖକୁ !' -ଭିଡି ଆଣିଲେ ବାବୁଲାର ହାତଧରି।

ସାର୍‌ଙ୍କର ଦୁଇ ଗୋଡ ଧରି ଭୋ ଭୋ ହୋଇ କାନ୍ଦି ଭୂଇଁରେ ଲୋଟିପଡିଲା ବାବୁଲା। ଟିକେ ନରମିଲେ ମାଗ ସାର ଏଥର। ବାବୁଲାର ପିଠିକୁ ଟିକିଏ ଆଉଁସି କେତେକଥା ବୁଝାଇଲେ ତାକୁ। 'ଦେଖ୍ ବାବୁଲା, ଅନ୍ଧ ଅସହାୟ ଲୋକଙ୍କୁ ଯଥାସମ୍ଭବ ସାହାଯ୍ୟ କରିବା ଅମ ସମସ୍ତଙ୍କର ପ୍ରଥମ କର୍ତ୍ତବ୍ୟ। ଚୋରିକରିବା ମହାପାପ। ଭଲ ପାଠ ପଢିଲେ ଦିନେ ତୁ ନିଶ୍ଚୟ ଭଲ ମଣିଷ ହେବୁ । ତୋ ବାପା କେତେ କଷ୍ଟ କରି ତୋତେ ପଢାଉଛନ୍ତି। ତୁ ତାଙ୍କ ନାଁ ରଖିବାକୁ ଚେଷ୍ଟା କର୍।।

ବାବୁଲା ପାଟିରୁ କିଛି କଥା କଥା ବାହାରୁ ନ ଥାଏ। ଲାଜ ଓ ଅପମାନରେ ତା' ମୁହଁ ତଳକୁ ହୋଇ ଯାଉଥାଏ। କରିଥିବା ଭୁଲ୍ ପାଇଁ ସେ ଅନୁତାପ କରୁଥାଏ। 'ସତକହୁଛି ସାର୍, ଆଉ ଦିନେ ଏ ଭୁଲ୍ କରିବିନି । ଆଉ ଜମା ଚଗଲା ହେବିନି । ଭଲ ପାଠପଢି ଭଲ ମଣିଷ ହେବି। ଧୀରେ ଧୀରେ ପାଟି ଖୋଲିଲା ବାବୁଲା। ମାଗ ସାର୍ ଖୁସିହେଲେ । ମୁଣ୍ଡରେ ହାତମାରି ତାକୁ ଆଶୀର୍ବାଦ କଲେ। ସେହି ବାବୁଲା ଦିନେ ବଡ ହୋଇ ଭଲ ମଣିଷ ହେଲା ଓ ବାପା ମା'ଙ୍କର ନାଆଁ ରଖିଲା।

**-ଶରତ କୁମାର ଦାସ,** ଅଧ୍ୟାପକ, ବଡବିଲ ମହାବିଦ୍ୟାଳୟ, ବଡବିଲ, କେନ୍ଦୁଝର
ମୋ:୦୮୨୪୯୧୩୭୦୯୧

## ଆ ଇ ନା

ଶାନ୍ଭି
୫ବର୍ଷ



## ଜଣା-ଅଜଣା

# ଓଧ



- ଓଧ ହେଉଛି ଏକ ମାଂସାଶୀ ତଥା ସ୍ତନ୍ୟପାୟୀ ପ୍ରାଣୀ।
- ଏହା ହେଉଛି କଟାସଜାତୀୟ ପ୍ରାଣୀ।
- ଏହି ଜୀବ ଉଭୟ ଜଳ ଏବଂ ସ୍ଥଳରେ ବାସ କରିଥାଏ।
- ଏମାନଙ୍କର ମେଳିକୁ ବେଭି, ଫ୍ୟାମିଲି, ରମ୍ପ କୁହାଯାଏ। ପାଣିରେ ସେମାନେ ଏକାଠି ହୋଇ ରହିଲେ ତାହାକୁ 'ରାଫ୍ଟ' କୁହାଯାଏ।
- ଗୋଟିଏ ଓଧ ୧୬ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାଏ।
- ଏମାନେ ଶିକାରରେ ବେଶ୍ ସକ୍ରିୟ।
- ଏହି ଜୀବମାନଙ୍କର ମୁଖ୍ୟ ଖାଦ୍ୟ ହେଲା ମାଛ, ବେଙ୍ଗ ଏବଂ କଙ୍କଡା।
- ରାକ୍ଷସ ପ୍ରକୃତିର ଓଧ ଦକ୍ଷିଣ ଆଫ୍ରିକାର ଆମାଜାନ ନଦୀ ଅବବାହିକାରେ ଦେଖାଯାଇଥାଆନ୍ତି।
- ଜାପାନର ଅନ୍ୟତମ ପ୍ରିୟ ପ୍ରାଣୀ ହେଉଛି ଓଧ। ସେଠାରେ ଏହାକୁ 'କାୱାଓସ' ବୋଲି ସମ୍ବୋଧନ କରାଯାଏ।

## କ ବି ତା



### ପଞ୍ଚ ମାତା

ଜନ୍ମଦାତ୍ରୀ ମୋର ପ୍ରଥମ ମାତା
ଖାତିରି ନ କରି ଆପଣା ସତା।
ମୃତ୍ୟୁ ସହ ଲଢ଼ି ଦେଇଛି ଜନ୍ମ
ସେ କଷ୍ଟ ତା'ର କିଏ ବା ସମ।
ଦ୍ୱିତୀୟରେ ତହି ମହିର କଥା
ପ୍ରଥମେ ତା' କୋଳେ ଗୁଞ୍ଜିଲି ମଥା।
ତେଣୁଟି ବସୁଧା ମାତା ଯେ ମୋର
ତୃତୀୟରେ ଗଙ୍ଗା ନାମଟି ତା'ର।
ପହିଲି ଆହାର ଅଟେ ସବୁରି
ପ୍ରତି ବୁନ୍ଦା ତା'ର ଅମୃତ ବାରି
ଚତୁର୍ଥେ ଗୋମାତା ଦୁଗ୍ଧ ଦେଇଣ
ବହନ କରନ୍ତି ମମତା ପଣ।
ପଞ୍ଚମେ ପୁଣି ହିଁ ବୃକ୍ଷଟି ଜାଣ
ଫୁଲଫଳ ଦେଇ କରେ ଭରଣ।
ଅମ୍ଳଜାନ ଦେଇ ରଖଇ ପ୍ରାଣ
ମାତା ପଣ ବହି କରେ ପୋଷଣ।
ପଞ୍ଚମାତା ମୋର ଅଟନ୍ତି ସେହି
ତ୍ୟାଗରେ ମନ ମୋ ନିଅନ୍ତି ମୋହି।
ଜନନୀ ଅଟଇ ତାହାର ନାମ
ସଦାଚାରୀ ସେହୁ ଅତି ନମ୍ର।

*-ମଧୁମିତା ସ୍ୱାଇଁ, ଖୋର୍ଦ୍ଧା*

### ସୁନାପିଲା ହେବା ଆସ

କହିଲା ମୁନା ହଇରେ କୁନା
ଜମା ତୁ ଆଉ ଦୁଷ୍ଟ ହୁଅନା ।
ଦୁଷ୍ଟ ବୁଦ୍ଧି ଜମା ଭଲ ନୁହଁଇ
ସେନହ ଆଦର ନେବ ଛଡାଇ ।
ସାଇ ପଡିଶାରେ ରାଗିବେ ଲୋକେ
ନେବେନି କୁଆଡେ ତୋତେ ସଙ୍ଗତେ ।
କାନ୍ଦୁଥିବୁ ବସି ଗୋଡ ବାଡେଇ
ତେଣୁ ଭଲ ପିଲା ହୁଅ ମୋ ଭାଇ ।
ଭଲ ପିଲା ଆମେ ହୋଇଲେ ଜାଣ
ଖୁସିରେ ହସଇ ମାଆ ପରାଣ ।
ଗୁରୁଜନଙ୍କର କଥା ମାନିବା
ସମୟରେ ଉଠି ପାଠ ପଢିବା ।
ସଫା ରଖୁଥିବା ଜାମା କପଡା
କେବେ ବି ନ ହେବା ଆମେ ଝଗଡା ।
ପଦାକୁ ନ ଯିବା ଖାଲି ପାଦରେ
ପିନ୍ଧିବା ଚପଲ ଗଲେ ବାହାରେ ।
ସାବୁନ୍‌ରେ ନିଶ୍ଚେ ହାତ ଧୋଇବା
ଆସନ ଉପରେ ବସି ଖାଇବା ।
ସଫା ସୁତରାକୁ ଧ୍ୟାନ ରଖିବା
କରୋନା ରୋଗରୁ ରକ୍ଷା ପାଇବା ।
ମାଆାସ୍କ ପିନ୍ଧି କି ଯିବା ବଜାର
ଗହଳି ଠୁ ଟିକେ ରହିବା ଦୂର ।
ଏହି ଉପଦେଶ ମାନି ଚଳିବା
ସୁନା ପିଲା ଆସ ଆମେ ହୋଇବା ।

*-ଧ୍ରୁବ ଚରଣ ବେହେରା*
*କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ବଳ, ଝାଡଖଣ୍ଡ*

### ଜାଣିବା କଥା

କଥା କୁହ ଜଗି ରଖି
ବୁଝିଶୁଝି ଟିକିନିଖି
ଆଜିକାମ ଆଜି କର
କାଲିକି ନ ରଖ ବାକି।
ବଇରି ପାଖେ ଅଟକି
ମଧୁର ବଚନେ ଡାକି
କଳିଗୋଳ ତୁଟିଯାଏ
କାମରେ ଦେଖ ପରଖି।
ପାଠ ପଢ଼ା ଲେଖାଲେଖି
ମନ,ଧ୍ୟାନ ରହୁ ଲାଖି
ବିଦ୍ୟା ଭଳି ମହାଧନ
ହୁଏ ନାହିଁ ବିକାବିକି।
ପରଧନ ଗୋଟି ଦେଖି
ଫେରାଇ ଆଣିଲେ ଆଖି
ଲୋଭ କରିବନି ଗ୍ରାସ
ନାନା ଭାବେ ହେବ ସୁଖୀ।
ଚାହିଁ ଦେଇ ଦୁଃଖୀରଙ୍କି
ଦାନ କର ହାତ ଟେକି
ମହତ କରମ ପାଇଁ
ଠାକୁରେ ଅଛନ୍ତି ସାକ୍ଷୀ।

**-ବସନ୍ତ କୁମାର ଦାସ**
ରମ୍ଭା, ବରୀ, ଯାଜପୁର

## ଚଗଲା ଭୀମୁ




## ଗିନିଜ୍ ୱାର୍ଲ୍ଡରେକର୍ଡ

# ୬ମାସ ଶିଶୁର ୱାଟର ସ୍କେଟିଂ



ପିଲାମାନେ, ତୁମମାନଙ୍କ ଭିତରୁ ଅନେକଙ୍କୁ ୱାଟର ସ୍କେଟିଂ କରିବାକୁ ନିଶ୍ଚୟ ଭଲ ଲାଗୁଥିବ। କିନ୍ତୁ ଏକଥା ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ କି ମାତ୍ର ୬ ମାସର ଶିଶୁ ବି ୱାଟର ସ୍କେଟିଂ କରିପାରେ। ଏଭଳି କରି ଏବେ ଗିନିଜ୍ ରେକର୍ଡ କରିବାକୁ ସକ୍ଷମ ହୋଇଛନ୍ତି ଆମେରିକାର ରିଚ୍ କାଶେ ହମ୍ଫେରୀ। ଏତେ କମ୍ ବୟସରେ ଏଭଳି ଏକ ଦୁଃସାହସିକ କାମ କରି ସେ ବିଶ୍ୱର ସର୍ବକନିଷ୍ଠ ୱାଟର ସ୍କାୟରଭାବେ ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି। ରିଚ୍‌ଙ୍କର ଏଭଳି ଦୁଃସାହସିକ କାମ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ରିଚ୍‌ଙ୍କର ଅଭିଭାବକ କାଶେ ଏବଂ ମିଣ୍ଡି ହମ୍ଫେରୀ ନିଜ ନିଜ ଇନ୍‌ଷ୍ଟାଗ୍ରାମରେ ପୁଅର ଏଭଳି ଭିଜୁଆଲ ପୋଷ୍ଟ କରି ରେକର୍ଡ କରିବା କଥା କ୍ୟାପସନ୍ ଲେଖି ଜଣାଇଥିଲେ। ଭିଡିଓରେ ରିଚ୍ ଏକ ଲାଇଫ୍ ଜ୍ୟାକେଟ୍ ପିନ୍ଧି ୱାଟର ସ୍କାଇଂ କରୁଛନ୍ତି ଏବଂ ତାଙ୍କ ପିତା ତାଙ୍କ ପାଖଦେଇ ଅନ୍ୟ ଏକ ବୋଟ୍‌ରେ ଯାଉଛନ୍ତି। ବଡ଼ କଥା ହେଉଛି ୱାଟର ସ୍କାୟାର ସମୟରେ ରିଚ୍ ଆଦୌ ଭୟଭୀତ ହେଉ ନାହାନ୍ତି କି କାନ୍ଦୁ ନାହାନ୍ତି। ବରଂ ସେ ପାଣି ଉପରେ ରହି ୱାଟର ସ୍କାଇଂର ବେଶ୍ ମଜା ନେଉଥିବା ଦେଖିବାକୁ ମିଳୁଛି। ତେବେ ସୋସିଆଲ୍ ମିଡିଆରେ ଏବେ ଏହି ଭିଡିଓଟି ଭାଇରାଲ୍ ହେବାରେ ଲାଗିଛି। ହଜାର ହଜାର ଲୋକ ଏହି ଭିଡିଓ ଦେଖୁଛନ୍ତି କିନ୍ତୁ ଖୁବ୍ କମ୍ ଲୋକ ଏଭଳି କାମକୁ ପ୍ରଶଂସା କରିଛନ୍ତି। କାରଣ କୌଣସି କାରଣରୁ ଯଦି ସାମାନ୍ୟ ଟିକେ ବି ବ୍ୟତିକ୍ରମ ହୋଇଥାନ୍ତା ତେବେ ଶିଶୁଟିର ଜୀବନ ବିପଦପୂର୍ଣ୍ଣ ହୋଇ ଯାଇଥାନ୍ତା।

## ତୁମ ତୂଳୀରୁ






ଆରିୟନ୍ ସାହୁ, କ୍ଲାସ-୮, ଆଦର୍ଶ ବିଦ୍ୟାଳୟ, ପାଲଲହଡ଼ା, ଅନୁଗୋଳ





ସୋନମ୍ ପାତ୍ର, କ୍ଲାସ-୪, ବଚ୍‌ପନ୍ ଏଏଚ୍‌ପିଏସ୍, ଭବାନୀପାଟଣା






ଦେବାଂଶୁ ଆଚାର୍ଯ୍ୟ, କ୍ଲାସ-୧, ଏସ୍.ଆର୍ ଡିଗି ସ୍କୁଲ, ସୁଚିତ୍ରା, ହାଇଦ୍ରାବାଦ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ଶନିବାର, ଅକ୍ଟୋବର ୩/୨୦୨୦ Saturday, October 3/ 2020



ଫ୍ରେଞ୍ଚ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ଟେନିସ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ଖେଳିବା ଅବସରରେ ସିମୋନା ହାଲେପ୍।

# ଚତୁର୍ଥ ରାଉଣ୍ଡରେ ଥିମ୍

**ପ୍ୟାରିସ୍, ୨।୧୦(ଏପି)**

**ଫ୍ରେଞ୍ଚ୍ ଓପନ୍ ଟେନିସ୍**

ୟୁଏସ୍ ଓପନ୍ ଚାମ୍ପିୟନ ଅଷ୍ଟ୍ରିଆର ଡୋମିନିକ୍ ଥିମ୍ ଚଳିତ ଫ୍ରେଞ୍ଚ୍ ଓପନ୍ ଟୁର୍ନାମେଣ୍ଟର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ତୃତୀୟ ସିଡ୍ ମାନ୍ୟତା ପାଇଥିବା ଥିମ୍ ନରୱେର କାସ୍ପର ରୁଡଙ୍କୁ ୬-୪, ୬-୩, ୬-୧ ସେଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଫ୍ରେଞ୍ଚ୍ ଓପନର ଗତ ଦୁଇଟି ସଂସ୍କରଣରେ ଥିମ୍ ଫାଇନାଲରେ କ୍ଲେକୋର୍ଟର ରାଜା କୁହାଯାଉଥିବା ସ୍ପେନର ରାଫାଲ ନାଡାଲଙ୍କଠାରୁ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ। ସେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ କରିପାରି ନ ଥିଲେ ମଧ୍ୟ ବିଜୟୀ ହେବାକୁ ସକ୍ଷମ ହୋଇଥିଲେ। ଯଦି ବିଜୟୀ ହୋଇଥାନ୍ତେ ତା'ହେଲେ ରୁଡ୍ ଦ୍ୱିତୀୟ ନରୱେ ଖେଳାଳିଭାବେ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥାନ୍ତେ। ପୂର୍ବରୁ ତାଙ୍କ ପିତା ତଥା କୋଚ୍ ଖ୍ରୀଷ୍ଟିଆନ ରୁଡ ୧୯୯୭ରେ ଅଷ୍ଟ୍ରେଲିଆନ ଓପନ୍ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ।



ମ୍ୟାଚ୍ ଜିତିବା ପରେ ଡୋମିନିକ୍ ଥିମ୍।

# ରାଇନାଙ୍କୁ ଅତିକ୍ରମ କଲେ ଧୋନୀ

**ଦୁବାଇ, ୨।୧୦ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଇତିହାସରେ ସବୁଠାରୁ ଅଧିକ ସଂଖ୍ୟକ ମ୍ୟାଚ ଖେଳିବାରେ ନୂଆ ରେକର୍ଡ ପ୍ରତିଷ୍ଠା କରିଛନ୍ତି ଭାରତର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ। ଶୁକ୍ରବାର ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ସେ ଏହି କୀର୍ତ୍ତିମାନ ଅର୍ଜନ କରିଛନ୍ତି। ତାଙ୍କ ମ୍ୟାଚ ସଂଖ୍ୟା ୧୯୪ରେ ପହଞ୍ଚିଛି। ଏହାଦ୍ୱାରା ସେ ତାଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଟିମ୍‌ମେଟ୍ ସୁରେଶ ରାଇନାଙ୍କ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଆଇପିଏଲ ଆରମ୍ଭ ହେବାପରଠାରୁ ଧୋନୀ ଏହାର ପ୍ରତ୍ୟେକ ସଂସ୍କରଣରେ ଖେଳିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ତରଫରୁ ସେ ୧୧ଟି ସଂସ୍କରଣରେ ଖେଳିଛନ୍ତି। ଦଳର ଅଧିନାୟକ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ଏହାଛଡ଼ା ୨୦୧୯ରେ ସ୍ପଟ୍ ଫିକ୍ସିଂ ସ୍କାଣ୍ଡାଲରେ ସିଏସ୍‌କେ ସସ୍‌ପେଣ୍ଡ ହେବାରୁ ସେ ଦୁଇଟି ସିଜନ ସେ ରାଇଜିଂ ପୁଣେ ସୁପର ଜିଆଣ୍ଟ ତରଫରୁ ଖେଳିଛନ୍ତି। ଶୁକ୍ରବାର ଧୋନୀ ସିଏସକେ ତରଫରୁ ତାଙ୍କର ୧୬୪ତମ ମ୍ୟାଚ ଖେଳିଛନ୍ତି। ୨୦୧୬ ଓ ୨୦୧୭ରେ ସନରାଇଜର୍ସ ହାଇଦ୍ରାବାଦ ତରଫରୁ ସେ ୩୦ଟି ମ୍ୟାଚ ଖେଳିଛନ୍ତି। ରାଇନା ବ୍ୟକ୍ତିଗତ କାରଣ ଦର୍ଶାଇ ଚଳିତ ସିଜନରୁ ଓହରିଯାଇଛନ୍ତି। ଆଇପିଏଲ୍ ଇତିହାସରେ ରୋହିତ ଶର୍ମାଙ୍କ ପରେ ଧୋନୀ ହେଉଛନ୍ତି ଦ୍ୱିତୀୟ ସଫଳତମ ଅଧିନାୟକ। ସିଏସ୍‌କେକୁ ସେ ୮ଥର ଫାଇନାଲରେ ପହଞ୍ଚାଇଥିବା ବେଳେ ୩ଥର (୨୦୧୦, ୨୦୧୧ ଓ ୨୦୧୮) ଟାଇଟଲ ଜିତାଇଛନ୍ତି। ଧୋନୀ କିନ୍ତୁ ବ୍ୟକ୍ତିଗତ ଭାବେ ୯ ଫାଇନାଲ ଖେଳିଛନ୍ତି।

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୨ | ୨ | ୪ | +୧.୦୯୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୨ | ୧ | ୪ | +୦.୪୮୩ |
| ନାଇଟ ରାଇଡର୍ସ | ୩ | ୨ | ୧ | ୪ | +୦.୧୧୭ |
| ସନ୍‌ରାଇଜର୍ସ | ୪ | ୨ | ୨ | ୪ | -୦.୦୮୪ |
| ରାଜସ୍ଥାନ ରୟାଲ୍ସ | ୩ | ୨ | ୧ | ୪ | -୦.୨୧୯ |
| ରୟାଲ ଚ୍ୟାଲେଞ୍ଜର୍ସ | ୩ | ୨ | ୧ | ୪ | -୧.୪୫୦ |
| କିଙ୍ଗ୍ସ ଇଲେଭେନ | ୪ | ୧ | ୩ | ୨ | +୦.୫୨୧ |
| ଚେନ୍ନାଇ ସୁପରକିଙ୍ଗ୍ସ | ୪ | ୧ | ୩ | ୨ | -୦.୭୧୯ |

# ହାଲେପ୍, ଭିଟୋଲିନା ଚତୁର୍ଥ ରାଉଣ୍ଡରେ

**ପ୍ୟାରିସ୍, ୨।୧୦(ଏପି)**

**ମହିଳା ସିଙ୍ଗଲ୍ସ**

ଫ୍ରେଞ୍ଚ୍ ଓପନ୍ ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ଟପ୍ ସିଡ୍ ତଥା ଟାଇଟଲ ଫେଭରାଇଟ୍ ରୋମାନିଆର ସିମୋନା ହାଲେପ୍ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ଶୁକ୍ରବାର ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ଆମେରିକାର ୨୫ତମ ସିଡ୍ ଖେଳାଳି ଅମଣ୍ଡା ଆନିସିମୋଭାଙ୍କୁ ୬-୦, ୬-୧ ସେଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଏଥି ସହିତ ହାଲେପ୍ ଅମଣ୍ଡାଙ୍କଠାରୁ ଗତବର୍ଷ ଫ୍ରେଞ୍ଚ୍ ଓପନ୍ ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି। ଚତୁର୍ଥ ରାଉଣ୍ଡରେ ହାଲେପ୍ ଏବେ ଅଣସିଡ୍ ପୋଲାଣ୍ଡର ଟିନ୍‌ଏଜ ଖେଳାଳି ଇଗା ସ୍ୱିଆଟେକ୍‌ଙ୍କୁ ଭେଟିବେ। ବର୍ଷେ ତଳେ ଅମଣ୍ଡା କ୍ୱାର୍ଟରରେ ଫାଇନାଲରେ ହରାଇଥିଲେ। ୨୦୧୮ରେ ହାଲେପ୍ ଫ୍ରେଞ୍ଚ୍ ଓପନ ଟାଇଟଲ ହାସଲ କରିଥିଲେ ଓ ସେ ଏହି ଟୁର୍ନାମେଣ୍ଟରେ ଦୁଇଥର ରନର୍ସଅପ୍ ମଧ୍ୟ ହୋଇଛନ୍ତି। ସେହିପରି ସ୍ୱିଆଟେକ ଅନ୍ୟ ଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ କାନାଡ଼ାର ତାରକା ଖେଳାଳି ୟୁଗେନି ବୌଚାର୍ଡଙ୍କୁ ୬-୩, ୬-୨ ସେଟ୍‌ରେ ପରାସ୍ତ କରି ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ୧୯ ବର୍ଷୀୟ ସ୍ୱିଆଟେକ୍ ଅନ୍ୟ ୪ଜଣ ଟିନ୍‌ଏଜର ଖେଳାଳିଙ୍କ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ତୃତୀୟ ସିଡ୍ ମାନ୍ୟତା ପାଇଥିବା ୟୁକ୍ରେନର ଏଲିନା ଭିଟୋଲିନା ତୃତୀୟ ରାଉଣ୍ଡରେ ରୁଷିଆ ୨୭ତମ ସିଡ୍ ଖେଳାଳି ଏକାଟେରିନା ଆଲେକ୍‌ଜାଣ୍ଡ୍ରୋଭାଙ୍କୁ ୬-୪, ୭-୫ ସେଟ୍‌ରେ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ଆର୍ଜେଣ୍ଟିନାର ନାଡିଆ ପୁଡୋରୋସ୍କା ତୃତୀୟ ରାଉଣ୍ଡରେ ସ୍ଲୋଭାକିଆର ଆନ୍ନା କାରୋଲିନା ସ୍ମିଏଡଲୋଭାଙ୍କୁ ୬-୩, ୬-୨ ସେଟ୍‌ରେ ହରାଇ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି।

# ଚେନ୍ନାଇର ହ୍ୟାଟ୍ରିକ ପରାଜୟ

**ଦୁବାଇ, ୨।୧୦**

ଏକାଧିକ କ୍ୟାଚ୍ ଡ୍ରପ୍ ଏବଂ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ବିଫଳତା ଚେନ୍ନାଇ ସୁପରକିଙ୍ଗ୍ସ ପାଇଁ ମହଙ୍ଗା ପଡ଼ିଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଦଳ ସନ୍‌ରାଇଜର୍ସ ହାଇଦ୍ରାବାଦ ନିକଟରୁ ୭ ରନରେ ପରାଜିତ ହୋଇଛି। ୧୬୫ ରନ ବିଜୟ ଲକ୍ଷ୍ୟର ପିଛା କରି ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଦଳ ୨୦ ଓଭରରେ ୫ ଉଇକେଟ ହରାଇ ୧୫୭ ରନ କରି ପାରିଥିଲା। ଉଦ୍‌ଘାଟନୀ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇଥିବା ଚେନ୍ନାଇ ପରବର୍ତ୍ତୀ ୨ଟି ମ୍ୟାଚରେ ଯଥାକ୍ରମେ ରାଜସ୍ଥାନ ରୟାଲ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ନିକଟରୁ ପରାଜିତ ହୋଇଥିଲା। ଅନ୍ୟପକ୍ଷରେ ସନ୍‌ରାଇଜର୍ସ ୪ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି।

**ଆଇପିଏଲ୍‌ରେ ସର୍ବାଧିକ ମ୍ୟାଚ**

**୧୯୪:** ମହେନ୍ଦ୍ର ସିଂ ଧୋନୀ
**୧୯୩:** ସୁରେଶ ରାଇନା
**୧୯୨:** ରୋହିତ ଶର୍ମା
**୧୮୫:** ଦୀନେଶ କାର୍ତ୍ତିକ

ସ୍କୋର ବେଶି ବଡ଼ ନ ଥିଲେ ହେଁ ଚେନ୍ନାଇର ଆରମ୍ଭ ଭଲ ହୋଇ ନ ଥିଲା। ଫର୍ମରେ ନ ଥିବା ଶେନ ୱାଟ୍‌ସନ ମାତ୍ର ୧ ରନ କରି ଆଉଟ ହୋଇଥିବାବେଳେ ଆହତ ସମସ୍ୟାରୁ ମୁକୁଳିଥିବା ଅମ୍ବାତି ରାୟୁଡୁ ୯ ବଲ୍‌ରୁ ୮ ରନ କରି ପାରିଥିଲେ। ଇନିଂସ ଓପନ କରିଥିବା ଫାଫ୍ ଡୁପ୍ଲେସି ୧୯ ବଲ୍‌ରୁ ୨୨(୪ ଚୌକା) ରନ କରି ରନଆଉଟ ହୋଇଥିଲେ। କେଦାର ଯାଦବ ମାତ୍ର ୩ ରନରେ ଆଉଟ ହେବାରୁ ୮.୨ ଓଭର ବେଳକୁ ଚେନ୍ନାଇ ସ୍କୋର ୪୨/୪ ହୋଇଯାଇଥିଲା। ରବୀନ୍ଦ୍ର ଜାଡେଜାଙ୍କ ସହ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ କ୍ରିଜ୍‌ରେ ଯୋଗଦେଇ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ତେବେ ଆବଶ୍ୟକ ରନ୍ ହାର କ୍ରମେ ବଢ଼ି ଚାଲିଥିଲା। କେତେକ ଦର୍ଶନୀୟ ଶଟ୍ ଖେଳିବା ସହ ଜାଡେଜା ଅର୍ଦ୍ଧଶତକ ପୂରଣ କରିଥିଲେ। ୫ମ ଉଇକେଟରେ ୭୨ ରନ ଯୋଗ ହେବାପରେ ଜାଡେଜା ବ୍ୟକ୍ତିଗତ ୫୦(୩୫ ବଲ, ୫ ଚୌକା, ୨ ଛକା) ରନ କରି ଆଉଟ ହୋଇଥିଲେ। ଭୁବନେଶ୍ୱର କୁମାର ନିଜ ଶେଷ ଓଭରର ପ୍ରଥମ ବଲ୍ ବୋଲିଂ କରିବାପରେ ଆହତ ହୋଇ ପଡ଼ିଆ ଛାଡ଼ିଥିଲେ। ତାଙ୍କ ବାମ ଜଙ୍ଘ ମାଂସପେଶୀ ଟାଣି ଧରିଥିଲା। ଧୋନୀ ମଧ୍ୟ ଅସୁସ୍ଥ ଅନୁଭବ କରି ଚିକିତ୍ସିତ ହୋଇଥିଲେ। ତେବେ ସେ ଖେଳ ବଜାୟ ରଖି ସାମ୍ କୁରାନଙ୍କ ସହ ଉଦ୍ୟମ କରିଥିଲେ ହେଁ ଟାର୍ଗେଟଠାରୁ ୮ ରନ ଦୂରରେ ରହି ଯାଇଥିଲେ। ୩୬ଟି ବଲ୍ ଖେଳିଥିବା ଧୋନୀ ୪ ଚୌକା ଓ ୧ ଛକା ସହ ୪୭ ଓ କୁରାନ ୫ ବଲ୍‌ରୁ ୧୫(୨ ଛକା) ରନରେ ଅପରାଜିତ ରହିଥିଲେ।

ହାଇଦ୍ରାବାଦ ପକ୍ଷରୁ ଟି. ନଟରାଜନ ୨ଟି ଏବଂ ଭୁବନେଶ୍ୱର କୁମାର ଓ ଅବଦୁଲ ସମଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ସନ୍‌ରାଇଜର୍ସ ଅଧିନାୟକ ଡେଭିଡ ୱାର୍ନର। ମାତ୍ର ପ୍ରଥମ ଓଭରର ୪ର୍ଥ ବଲ୍‌ରେ ନିର୍ଭରଯୋଗ୍ୟ ଜନି ବେୟାରଷ୍ଟୋ ଆଉଟ ହେବା ଦଳକୁ ଶକ୍ତ ଆଘାତ ଦେଇଥିଲା। ଫଳରେ ୱାର୍ନର ନିଜ ସ୍ୱାଭାବିକ ଆକ୍ରମଣାତ୍ମକ ଖେଳରୁ ନିବୃତ୍ତ ରହି ମନୀଷ ପାଣ୍ଡେଙ୍କ ସହ ଇନିଂସ ଗଢ଼ିବା ଉପରେ ମନୋନିବେଶ କରିଥିଲେ। ଦ୍ୱିତୀୟ ଉଇକେଟ ଯୋଡ଼ିରୁ ୪୬ ରନ ସଂଗ୍ରହ ପରେ ମନୀଷ ଆଉଟ ହୋଇ ଯାଇଥିଲେ। ସେ ୨୧ ବଲ୍‌ରୁ ୨୯(୫ ଚୌକା) ରନ କରିଥିବାବେଳେ ଶାର୍ଦ୍ଦୁଳ ଠାକୁରଙ୍କ ବଲ୍‌ରେ ସାମ୍ କୁରାନଙ୍କୁ କ୍ୟାଚ ଦେଇ କ୍ରିଜ୍ ଛାଡ଼ିଥିଲେ। ୱାର୍ନର ଓ କେନ୍ ୱିଲିୟମସନ୍‌ଙ୍କ ଉପରେ ଦଳ ନିର୍ଭର କରିଥିଲା। ମାତ୍ର ପୀୟୂଷ ଚାୱ୍ଲା ବୋଲିଂ କରିଥିବା ୧୧ତମ ଓଭରର ୫ମ ଓ ୬ଷ୍ଠ ବଲ୍‌ରେ ଏହି ଦୁଇ ଖେଳାଳି ଆଉଟ ହେବାରୁ ଦଳର ବଡ଼ ସ୍କୋର ଆଶା ମଉଳି ଯାଇଥିଲା। ୱାର୍ନର ୨୯ ବଲ୍‌ରୁ ୨୮(୩ ଚୌକା) ରନ କରି ଫାଫ୍ ଡୁପ୍ଲେସିଙ୍କ ଲଙ୍ଗଅନ୍ ବାଉଣ୍ଡାରି ଚମତ୍କାରୀ କ୍ୟାଚର ଶିକାର ହୋଇ ପ୍ୟାଭିଲିୟନ ଫେରିଥିଲେ। ଅନ୍ୟପକ୍ଷରେ ୧୩ ବଲ୍‌ରୁ ୯ ରନ କରି ୱିଲିୟମସନ ରନ୍‌ଆଉଟ ହୋଇଯାଇଥିଲେ। ଫଳରେ ଦୁଇ ଯୁବ ଖେଳାଳି ପ୍ରିୟମ ଗର୍ଗ ଓ ଅଭିଷେକ ଶର୍ମା ଦଳର ଭାର ନିଜ ଉପରକୁ ନେଇଥିଲେ। ଦୁହେଁ ଷ୍ଟ୍ରୋକପୂର୍ଣ୍ଣ ଇନିଂସ ଖେଳି ୫ମ ଉଇକେଟ ଯୋଡ଼ିରେ ୭୭ ରନ ଯୋଗ କରିବା ସହ ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଅଭିଷେକ ୨୪ ବଲ୍‌ରୁ ୩୧(୪ ଚୌକା, ୧ ଛକା) ରନ କରି ଆଉଟ ହୋଇଥିବାବେଳେ ପ୍ରିୟମ ୨୬ ବଲ୍‌ରୁ ୬ ଚୌକା ଓ ୧ ଛକା ସହ ୫୧ ରନରେ ଅପରାଜିତ ରହିଥିଲେ। ଆଇପିଏଲ୍‌ରେ ଏହା ଥିଲା ତାଙ୍କର ପ୍ରଥମ ଅର୍ଦ୍ଧଶତକ। ଶେଷଭାଗରେ ଚେନ୍ନାଇର ଫିଲ୍ଡିଂ ଖରାପ ରହିଥିଲା। ରବୀନ୍ଦ୍ର ଜାଡେଜା ଓ ଶାର୍ଦ୍ଦୁଳ ଠାକୁର କ୍ୟାଚ ଖସାଇଥିଲେ। ବୋଲରଙ୍କ ମଧ୍ୟରେ ଦୀପକ ଚହର ୨ଟି ଏବଂ ଶାର୍ଦ୍ଦୁଳ ଠାକୁର ଓ ପୀୟୂଷ ଚାୱ୍ଲା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଲଙ୍ଗଅନ୍ ବାଉଣ୍ଡାରିରେ ଚମତ୍କାର କ୍ୟାଚ୍ ନେବା ଅବସରରେ ଫାଫ୍ ଡୁପ୍ଲେସି।

**ଦ୍ୱିତୀୟ ବିଜୟ ସହ ଚତୁର୍ଥ ସ୍ଥାନରେ ସନ୍‌ରାଇଜର୍ସ**

### ସଂକ୍ଷିପ୍ତ ସ୍କୋର

ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୬୪/୫ (ପ୍ରିୟମ-୫୧*, ଅଭିଷେକ-୩୧, ମନୀଷ-୨୯, ୱାର୍ନର-୨୮, ଦୀପକ-୨/୩୧, ଶାର୍ଦ୍ଦୁଳ-୧/୩୨, ଚାୱ୍ଲା-୧/୨୦)। ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୧୫୭/୫(ଜାଡେଜା-୫୦, ଧୋନୀ-୪୭*, ଡୁପ୍ଲେସି-୨୨, ନଟରାଜନ-୨/୪୩, ଭୁବନେଶ୍ୱର-୧/୨୦, ସମଦ-୧/୪୧)।

**ପ୍ରିୟମ୍ ଗର୍ଗ ମ୍ୟାନ୍ ଅଫ୍ ଦି ମ୍ୟାଚ୍**





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ